# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୯/୨୦୨୧ (୧୬ ପୃଷ୍ଠା+ସାହିତ୍ୟାୟନ) | Sambalpur, Thursday, September 9/2021 | ★★

୧୭ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



Download BHARAT MASALA App from GET IT ON Google Play Store

Place orders for **BHARAT MASALA** products Free Home Delivery, reasonable price.

## ଜୟ ଭାରତ ଫାଉଣ୍ଡେସନ
### ପ୍ରସ୍ତୁତି

## ୨୨ତମ ପୂଜ୍ୟପୂଜାର ପରମ୍ପରା ଭାରତ ପ୍ରତିଭା ସମ୍ମାନ - ୨୦୨୧

ସ୍ଥାନ - ଭାରତ ମସଲା ଅଡିଟୋରିୟମ୍, ରାମଦାସପୁର, ବାରଙ୍ଗ, କଟକ

ତାରିଖ : ୧୦.୦୯.୨୦୨୧ (ଶୁକ୍ରବାର)

ସମୟ : ଦିବା ୧୧ଘଟିକା

### ଏ ବର୍ଷର ବିଶିଷ୍ଟ ପ୍ରତିଭା

ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରୁଛୁ ଓଡ଼ିଶାର ବହୁ ବିଶିଷ୍ଟ ପ୍ରତିଭାଙ୍କୁ ।



BHARAT GAURAV
**Mr. Amit Rohidas**
Indian Men's Hockey Team



BHARAT GAURAV
**Mr. Birendra Lakra**
Indian Men's Hockey Team



KRIDA BHARAT
**Ms. Deep Grace Ekka**
Indian Women's Hockey Team



KRIDA BHARAT
**Ms. Nomita Toppo**
Indian Women's Hockey Team

Presented by :
JAY BHARAT FOUNDATION ODISHA

ଶ୍ରୀ ଗଣେଶ ଚତୁର୍ଥୀ ଉପଲକ୍ଷେ
ସମସ୍ତ ଓଡ଼ିଶା ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

Sponsored by :
BHARAT MASALA



THE TASTE OF NEW INDIA

ସଭିଙ୍କ ହାଣ୍ଡିଶାଳର
ଜୀବନରେଖା
ଭାରତ ମସଲା




Design by : B. B. Graphics, CTC, Mob. : 9338846685

ଭାରତ ମସଲାର ଆକର୍ଷଣୀୟ ଅଫର **BUY ONE GET ONE FREE**

Available at all Reliance SMART SUPERSTORE

E-mail : jbspl@bharatmasala.in | Toll Free : 1800 345 1138 | www.bharatmasala.in



ନରିଲସ୍କର ଆର୍କଟିକ୍ ସହରରେ ଏକ ଟ୍ରେନିଂ କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ କ୍ୟାମେରାମ୍ୟାନ୍‌ଙ୍କୁ ବଞ୍ଚାଇବାକୁ ଯାଇ ରୁଷିଆ ଜରୁରିକାଳୀନ ମନ୍ତ୍ରୀ ୟେଭଜେନି ଜିନିଚେଭ୍‌ଙ୍କ ମୃତ୍ୟୁ ଘଟିଛି। କ୍ୟାମେରାମ୍ୟାନ୍ ଜିନିଚେଭ୍ ଏକ ଉଚ୍ଚ ପାହାଡ଼ରେ ଛିଡ଼ା ହୋଇଥିଲେ। ସେ ହଠାତ୍ ସେଠାରୁ ଖସିପଡ଼ିବା ପରେ ତାଙ୍କୁ ରକ୍ଷା କରିବାକୁ ଯାଇ ଜିନିଚେଭ୍ ଲମ୍ଫ ମାରିଥିଲେ। ପଥରରେ ପିଟି ହୋଇଯିବା ପରେ ଜିନିଚେଭ୍‌ଙ୍କ ମୃତ୍ୟୁ ଘଟିଛି। କେଜିବି ସିକ୍ୟୁରିଟି ସର୍ଭିସ୍‌ରେ ଜିନିଚେଭ୍ ସଦସ୍ୟ ଥିଲେ।



ତାଲିବାନ୍ ଶାସନ କହିଲେ ମଧ୍ୟଯୁଗୀୟ ବର୍ବରତାକୁ ବୁଝାଏ। ଆଫଗାନିସ୍ତାନରେ ମଙ୍ଗଳବାର ତାଲିବାନୀମାନେ ଦ୍ୱିତୀୟ ପାଳି ସରକାର ଗଠନ କରିବା ସହ ନୂଆ କ୍ୟାବିନେଟ୍ ଘୋଷଣା କରିଛନ୍ତି। ଏଥିରେ ଜଣେ ହେଲେ ମହିଳାଙ୍କୁ ସାମିଲ କରାଯାଇନାହିଁ। ଓଲଟା ମହିଳାଙ୍କ ଶିକ୍ଷା ଉପରେ କଟକଣା ଜାରି କରିଛନ୍ତି ଅନ୍ତରୀଣ ସରକାର। ଏପରି କି ମହିଳାମାନେ କ୍ରିକେଟ ସମେତ କୌଣସି କ୍ରୀଡ଼ାରେ ଭାଗ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସରକାର ଗଠନ ପରେ ଏହା ହେଉଛି ତାଲିବାନ୍‌ର ପ୍ରଥମ ବିଧିବଦ୍ଧ ଫତ୍‌ୱା। ସେପଟେ ୧୯୯୬-୨୦୦୧ ଶାସନର ବର୍ବରତାକୁ ମନେପକାଇ ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ଆଫଗାନ୍ ମହିଳା। ନିଜ ଅଧିକାର ଓ ସ୍ୱାଧୀନତା ଦାବି ସହ ଆଭ୍ୟନ୍ତରୀଣ ବ୍ୟାପାରରେ ପାକିସ୍ତାନର ଅବାଞ୍ଛିତ ହସ୍ତକ୍ଷେପକୁ ବିରୋଧ କରି ତାଲିବାନ୍‌କୁ ସାମ୍ନା କରୁଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ କ୍ୟାମେରା ଆଗରେ ତାଲିବାନୀ ଭଦ୍ର ବ୍ୟବହାର ଦେଖାଉଥିବାବେଳେ ପଛପଟୁ ଆତଙ୍କବାଦୀଙ୍କ ବନ୍ଧୁକରୁ ଛୁଟୁଛି ଗୁଳି।



# ତାଲିବାନ୍‌କୁ ମହିଳାଙ୍କ ଚ୍ୟାଲେଞ୍ଜ

କାବୁଲ, ୮।୯

ସରକାର ଗଢ଼ିଲେ ମହିଳାଙ୍କ ସମେତ ସବୁ ବର୍ଗର ଲୋକଙ୍କୁ ସାମିଲ କରିବୁ। ଇସ୍‌ଲାମୀୟ ଆଇନ ଅନୁସାରେ ମହିଳାମାନେ ଅଧିକାର ଓ ସ୍ୱାଧୀନତା ଉପଭୋଗ କରିବେ ବୋଲି କଥା ଦେଇଥିଲା ତାଲିବାନ୍। ହେଲେ ଆତଙ୍କବାଦୀ ସଙ୍ଗଠନ ସେପ୍ଟେମ୍ବର ୭ରେ କାମଚଳା ସରକାର ଗଠନ କରିବା ପରେ ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବା ମନେହେଉଛି। ନୂଆ କ୍ୟାବିନେଟରେ ଜଣେ ବି ମହିଳାଙ୍କୁ ସ୍ଥାନ ନ ଦେବା କଠୋରପନ୍ଥୀଙ୍କ ମହିଳା ବିରୋଧୀ ଚରିତ୍ରକୁ ପଦାରେ ପକାଇଛି। କେବଳ ସେତିକି ନୁହେଁ ସରକାର ଗଢୁ ଗଢୁ ମହିଳା ବିରୋଧୀ କଠୋର ନୀତି ପ୍ରଣୟନ ମଧ୍ୟ ଆରମ୍ଭ କରିଛି। ମହିଳାଙ୍କ ଅଧିକାର ଛଡ଼ାଇନେଉଥିବା 'ଶରିଆ' ଆଇନ୍‌କୁ ତୁରନ୍ତ ଦେଶରେ ଲାଗୁ କରିବାକୁ ଯାଉଛି ତାଲିବାନ୍। କ୍ରିକେଟ ସମେତ କୌଣସି କ୍ରୀଡ଼ା ଖେଳିବା ଅଧିକାର ମହିଳାଙ୍କ ନାହିଁ ବୋଲି ନିର୍ଦ୍ଦେଶ ଦେଇଛି। ହେଲେ ଏ ସବୁକୁ ଚୁପ୍‌ଚାପ୍ ଦେଖି ସହିଯିବା ଏବଂ ଅଧିକାର ପାଇଁ ଲଢ଼େଇ ନ କରିବା ଭଳି ମାନସିକତାରୁ ବହୁ ଊର୍ଦ୍ଧ୍ୱକୁ ଉଠିଛନ୍ତି ସାହସୀ ଆଫଗାନ୍ ମହିଳା। ରାସ୍ତା ଉପରେ ଖୋଲାଖୋଲି ଭାବେ ସେମାନେ ଏହି କଠୋରପନ୍ଥୀ ଶାସକ ଗୋଷ୍ଠୀକୁ ବିରୋଧ କରୁଛନ୍ତି। ଆତଙ୍କବାଦୀଙ୍କ ବନ୍ଧୁକ ସାମ୍ନାରେ ସେମାନେ ବିରୋଧର ସ୍ୱରକୁ ଶାଣିତ କରିଛନ୍ତି।

ଆଫଗାନ୍ ମହିଳାଙ୍କ ସାହସ ଆହୁରି ବଢ଼ାଇବାକୁ ବିକ୍ଷୋଭରେ ହଜାର ହଜାର ସଂଖ୍ୟାରେ ଦେଶବାସୀ ସେମାନଙ୍କ ସହ ଯୋଡ଼ି ହୋଇଛନ୍ତି। ବିଶ୍ୱ ସମୁଦାୟ ଏହି ଆତଙ୍କବାଦୀଙ୍କ ସରକାରଙ୍କୁ ସ୍ୱୀକୃତି ନ ଦେବାକୁ ଆଫଗାନ୍‌ମାନେ ନିବେଦନ କରିଛନ୍ତି। ପଞ୍ଜଶିର ପ୍ରଦେଶରେ ତାଲିବାନ୍ ବିରୋଧୀ ଦଳ ମଧ୍ୟ ଏହି ସରକାର ଗଠନକୁ ବେଆଇନ ଓ ଅସାମ୍ବିଧାନିକ ବୋଲି କହିଛି। ଏହା ଆଫଗାନ୍‌ବାସୀଙ୍କ ସରକାର ନୁହେଁ ବରଂ ଶତ୍ରୁ ବୋଲି ଅଭିହିତ କରିଛି ନ୍ୟାଶନାଲ ରେଜିଷ୍ଟାନ୍ସ ଫୋର୍ସ। ଏକ ସାକ୍ଷାତକାରରେ ତାଲିବାନ୍ ସାଂସ୍କୃତିକ କମିଶନର ଉପମୁଖ୍ୟ ଅହମ୍ମଦୁଲ୍ଲା ୱାସିକ୍ କହିଛନ୍ତି, ମହିଳାମାନେ କ୍ରିକେଟ ଖେଳିବାର କୌଣସି ଆବଶ୍ୟକତା ନାହିଁ। ଏହା ମିଡିଆର ଯୁଗ। ଖେଳବେଳେ ମହିଳାମାନଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରାଯିବ, ଯାହାକୁ ଇସ୍‌ଲାମ ଏବଂ ଇସ୍‌ଲାମିକ୍ ଏମିରେଟ୍ସ ଅନୁମତି ଦିଏ ନାହିଁ। ବିନା ବୁର୍ଖାରେ ମହିଳାଙ୍କୁ ମୁହଁ ଦେଖାଇବା ଇସ୍‌ଲାମ ବିରୋଧୀ ବୋଲି ସେ କହିଛନ୍ତି। ଏଠାରେ ମନେ ପକାଯାଇପାରେ ଯେ, ୨୦୨୦ ନଭେମ୍ବରରେ ୨୫ ଶ୍ରେଷ୍ଠ ମହିଳା କ୍ରିକେଟରଙ୍କୁ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ପୁରସ୍କୃତ କରିଥିଲା। ହେଲେ ତାଲିବାନ୍‌ର ଏପରି ନୀତି ପରେ ଏବେ ଏହି ପ୍ରତିଭାବାନ୍ ମହିଳା ଖେଳାଳି ଏଥିରୁ ବଞ୍ଚିତ ହେବେ। ମହିଳାମାନେ କେବଳ ଆବଶ୍ୟକ କାମ ପାଇଁ ବାହାରକୁ ଯାଇପାରିବେ। ଏଥିପାଇଁ ସେମାନେ ବୁର୍ଖା ଆଦି ପିନ୍ଧିବା ଜରୁରୀ ବୋଲି ୱାସିକ୍ କହିଛନ୍ତି।

ସେପଟେ ମହିଳାଙ୍କୁ ବିକ୍ଷୋଭରୁ ହଟାଇବାକୁ ତାଲିବାନ୍ ଆତଙ୍କବାଦୀ ଫାଙ୍କା ଗୁଳିଚାଳନା କରିବା ସହ ସମ୍ମୁଖରେ ବନ୍ଧୁକ ଦେଖାଇ ଧମକାଉଛନ୍ତି। କେତେଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି ପାଇଁ ଉଦ୍ୟମ ମଧ୍ୟ ଚଳାଇଛନ୍ତି। ହେଲେ ଏ ସବୁକୁ ଖାତିର ନ କରି ସାହସୀ ମହିଳାମାନେ ବିକ୍ଷୋଭ ଜାରି ରଖିଛନ୍ତି। ବୁଧବାର ଜଣେ ମହିଳା ଆତଙ୍କବାଦୀଙ୍କ ସମ୍ମୁଖରେ ନିର୍ଭୀକତାର ସହ ଆଖିରେ ଆଖି ମିଶାଇ ଛିଡ଼ା ହୋଇଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ପାଇଁ ପ୍ରତିଶ୍ରୁତି ଦେଇଥିବା ତାଲିବାନ୍‌ର ସରକାରରେ କୌଣସି ମହିଳାଙ୍କୁ ସାମିଲ କରା ନ ଯିବା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏକ ସମୃଦ୍ଧ ସମାଜ ଗଠନ ପରିବର୍ତ୍ତେ ତାଲିବାନ୍ ସମାଜକୁ ଏକ ନକାରାତ୍ମକ ବାର୍ତ୍ତା ଦେଇଛି ବୋଲି ଜାତିସଂଘ ମହିଳା ଏଜେନ୍ସି ମୁଖ୍ୟ ପ୍ରମିଳା ପାଟେନ୍ କହିଛନ୍ତି। ସେହିପରି ଜାତିସଂଘ ମୁଖପାତ୍ର ଫର୍‌ହାନ୍ ହକ୍‌ଙ୍କ ମତରେ ତାଲିବାନ୍ ସରକାରକୁ ସ୍ୱୀକୃତି ଦେବାରେ ଜାତିସଂଘ କୌଣସି ଭୂମିକା ନେଇନାହିଁ। ଏକ ଶାନ୍ତିପୂର୍ଣ୍ଣ ସମାଧାନରେ ସହଯୋଗ କରିବା, ଆଫଗାନ୍ ବିଶେଷ କରି ମହିଳାଙ୍କ ଅଧିକାରକୁ ପ୍ରୋତ୍ସାହିତ କରିବା ଦିଗରେ ଜାତିସଂଘ ଏହାର ଭୂମିକା ନିଭାଇବ।



କାବୁଲରେ ବନ୍ଧୁକ ଦେଖାଉଥିବା ତାଲିବାନୀଙ୍କ ଆଗରେ ନିର୍ଭୟରେ ଛିଡ଼ା ହୋଇଛନ୍ତି ଜଣେ ମହିଳା।

- ସ୍ୱୀକୃତି ନ ଦେବା ପାଇଁ ବିଶ୍ୱ ସମୁଦାୟକୁ ଅନୁରୋଧ କଲେ
- ଅନ୍ତରୀଣ ସରକାର ବିରୋଧରେ ତେଜିଲା ବିକ୍ଷୋଭ
- ମହିଳାଙ୍କୁ ମୁହଁ ଦେଖାଇବା ମନା, କ୍ରୀଡ଼ା ଉପରେ ଫତ୍‌ୱା

## ମହିଳାଙ୍କ ଅଧିକାର ଥିବା ଶରିଆ ଆଇନ ଲାଗୁ କରୁ ତାଲିବାନ୍

ଶ୍ରୀନଗର, ୮।୯

ତାଲିବାନ୍ ଏବେ ଏକ ବାସ୍ତବତା। ସେମାନଙ୍କ ପୂର୍ବ ଛବି ମାନବାଧିକାର ବିରୋଧୀ ଥିଲା ବୋଲି ସ୍ୱୀକାର କରନ୍ତୁ। ଆଫଗାନିସ୍ତାନରେ ଶାସନ କରିବାକୁ ଚାହୁଁଥିଲେ ସେମାନେ ମହିଳାଙ୍କ ଅଧିକାର ଅନ୍ତର୍ଭୁକ୍ତ ଥିବା ପ୍ରକୃତ ଶରିଆ ଆଇନ ଲାଗୁ କରନ୍ତୁ। ଏହା ଦ୍ୱାରା ହିଁ ତାଲିବାନ୍‌କୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିପାରିବ ବୋଲି ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି। ୯୦ ଦଶକର ସେହି ପୁରୁଣା ଶାସନ ଶୈଳୀକୁ ତାଲିବାନ୍ ଫେରିଲେ ଏହା କେବଳ ଆଫଗାନିସ୍ତାନ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁଲ୍‌ଗାମର ଏକ ଜନସମାବେଶରେ ଭାଷଣ ଦେଇ ପିଡିପି ମୁଖ୍ୟ ମୁଫ୍‌ତି କହିଛନ୍ତି।



ମେହବୁବା ମୁଫ୍‌ତି



ନିଜ ସଙ୍ଗଠନ ଓ ସହଯୋଗୀଙ୍କୁ ନେଇ ତାଲିବାନ୍ କାମଚଳା ସରକାର ଗଢ଼ିଛି। ଏଥିରେ ମହିଳାଙ୍କୁ ସାମିଲ କରାଯାଇନାହିଁ। କ୍ୟାବିନେଟ୍‌ରେ ସ୍ଥାନ ପାଇଥିବା କେତେଜଣଙ୍କ ଟ୍ରାକ୍ ରେକର୍ଡ ଚିନ୍ତାର ବିଷୟ।

-ଏଡ୍‌ୱାର୍ଡ ପ୍ରାଇସ୍, ପରରାଷ୍ଟ୍ର ବିଭାଗ ମୁଖପାତ୍ର, ଆମେରିକା



ଅନ୍ତରୀଣ ସରକାର କେତେଦିନ ତିଷ୍ଠିବ ତାହା ଜଣାନାହିଁ। ଆଫଗାନିସ୍ତାନରେ ଘଟଣାକ୍ରମ ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରହିଛି।

-ରେସେପ୍ ତୟିପ୍ ଏର୍ଦୋଗାନ୍, ତୁର୍କୀ ରାଷ୍ଟ୍ରପତି



ଆଫଗାନିସ୍ତାନରେ ୩ ସପ୍ତାହର ଅରାଜକତା ଶେଷ ହୋଇଛି। ସରକାର ଗଠନ ପରେ ତାଲିବାନ୍ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ଦେଶର ପୁନର୍ଗଠନ କରିବ ବୋଲି ଆଶା।

-ୱାଙ୍ଗ୍ ୱେନ୍‌ବିନ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ସଂକ୍ଷେପରେ

### ଇଣ୍ଡୋନେସିଆ ଜେଲରେ ଅଗ୍ନିକାଣ୍ଡ: ୪୧ ମୃତ

**ଜାକର୍ତ୍ତା, ୮।୯:** ଇଣ୍ଡୋନେସିଆର ଏକ ଜେଲରେ ବୁଧବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୪୧ ଜଣ ବନ୍ଦୀ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଅନ୍ୟ ୭୨ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ସହ ବନ୍ଦୀମାନଙ୍କୁ ଉଦ୍ଧାର କରିଥିଲା। ରାଜଧାନୀ ଜାକର୍ତ୍ତା ସହର ଉପକଣ୍ଠ ଟାଙ୍ଗେରାଙ୍ଗ ପେନିଟେଣ୍ଟିଆରିରେ ଥିବା ଜେଲ୍‌ର ନିଶା ଚୋରାବେପାରୀ ରହୁଥିବା ବ୍ଲକ୍‌ରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଉକ୍ତ ବ୍ଲକ୍‌ରେ ୪୦ ବନ୍ଦୀ ରହିବା ବ୍ୟବସ୍ଥା ଥିବାବେଳେ ସେଠାରେ ୧୨୦ ଜଣ ରହୁଥିଲେ।

### ମେକ୍ସିକୋରେ ବଡ଼ ଭୂକମ୍ପ

**ମେକ୍ସିକୋ ସିଟି, ୮।୯:** ମେକ୍ସିକୋର ଆକାପୁଲ୍‌କୋ ସହର ନିକଟରେ ମଙ୍ଗଳବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଅନେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ଜଣେ ପ୍ରାଣ ହରାଇଛନ୍ତି। ମେକ୍ସିକୋ ସିଟିରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ଥିବା ଆମେରିକା ଭୂତତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଭୂକମ୍ପ ବେଳେ ବିଲ୍ଡିଂଗୁଡ଼ିକରୁ ପ୍ରଚଣ୍ଡ ଶବ୍ଦ ଆସିଥିଲା, ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଲୋକମାନେ ଭୟରେ ଚିତ୍କାର କରିବା ସହ ଏଣେତେଣେ ଧାଉଁଥିବା ଦେଖାଯାଇଥିଲା।

### ୨ ସିପିଏମ୍ ଅଫିସ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଗୁଆହାଟୀ, ୮।୯:** ତ୍ରିପୁରା ରାଜଧାନୀ ଅଗରତାଲା ସମେତ କେତେକ ଜିଲାରେ ହିଂସାକାଣ୍ଡ ପରେ କେତେଜଣ ଦୁର୍ବୃତ୍ତ ସିପିଏମ୍ ମୁଖ୍ୟାଳୟ ସମେତ ଦୁଇଟି ଦଳୀୟ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି। ସିପିଏମ୍ ରାଜ୍ୟ ମୁଖ୍ୟାଳୟ ଭାନୁ ସ୍ମୃତି ଭବନ ଏବଂ ଦଶରଥ ଭବନ ସମେତ ସେଠାରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆକ୍ରମଣ ପାଇଁ ଭାଜପାକୁ ଦାୟୀ କରିଛି ଦଳ। ଅଗରତାଲାସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଭାଜପାର ଉତ୍ତ୍ୟକ୍ତ କର୍ମୀମାନେ ଆକ୍ରମଣ କରିବା ସହ ପାର୍କିଂ ସ୍ଥାନରେ ଥିବା କାର୍‌ଗୁଡ଼ିକୁ ଭଙ୍ଗାରୁଜା କରୁଥିବା ଭିଡିଓରୁ ଦେଖାଯାଇଛି। ବିଶାଳଗଡ଼ ଏବଂ କଠାଲିଆ ଜିଲାରେ ଥିବା ପାର୍ଟି ଅଫିସକୁ ମଧ୍ୟ ଟାର୍ଗେଟ କରାଯାଇଛି। ରାଜ୍ୟରେ ସରକାର ବିରୋଧୀ ସ୍ୱର ତେଜୁଥିବାରୁ ଏଥିରେ ଭୟଭୀତ ଭାଜପା ଆତଙ୍କ ସୃଷ୍ଟି କରୁଥିବା ସିପିଏମ୍ ପକ୍ଷରୁ ଟୁଇଟ୍ କରାଯାଇଛି।

## ଡଙ୍ଗା ବୁଡ଼ି ୫୦ ଯାତ୍ରୀ ନିଖୋଜ

ଗୁଆହାଟୀ, ୮।୯

ଆସାମରେ ବ୍ରହ୍ମପୁତ୍ର ନଦୀରେ ବୁଧବାର ଦୁଇଟି ବୋଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନିଖୋଜ ହୋଇଯାଇଛନ୍ତି। ଦୁଇ ବୋଟ୍‌ରେ ୧୨୦ ଯାତ୍ରୀ ଥିଲେ। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ଯବାନମାନେ ନିୟୋଜିତ ହୋଇଛନ୍ତି। ଉଦ୍ଧାର ହୋଇଥିବା ଜଣେ ଶିଶୁ ସମେତ ଅନ୍ୟ କେତେଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୋଟ୍‌ଟି ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଜୋର୍‌ହାଟର ନିମାତି ଘାଟରୁ ମାଜୁଲି ନଦୀ ଦ୍ୱୀପ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବୋଟ୍ ସହ ଧକ୍କା ହୋଇଥିଲା। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ସମସ୍ତଙ୍କ ସୁରକ୍ଷା ଲାଗି ପ୍ରାର୍ଥନା କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ମର୍ମନ୍ତୁଦ ବୋଟ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି।

ଦୁଇଟି ବୋଟ୍ ଦୁର୍ଘଟଣା ପରେ ବୁଡ଼ିଯାଇଥିଲା। ଏହି ସମୟରେ କେତେଜଣ ଯାତ୍ରୀ ବୋଟକୁ ଜାବୁଡ଼ି ଧରିଥିବାବେଳେ ଅନ୍ୟମାନେ ପାଣିକୁ ଡେଇଁପଡୁଥିବା ଦୁର୍ଘଟଣା ସମୟର ଭିଡିଓରୁ ଦେଖାଯାଇଛି। ବୋଟରେ ଲୋଡ୍ ହୋଇଥିବା ବାଇକ୍, କାର୍ ସମେତ ଅନ୍ୟାନ୍ୟ ଜିନିଷ ନଦୀରେ ଭାସିଯାଇଥିଲା। କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ବୁଝିଛନ୍ତି। ପ୍ରଭାବିତ ଲୋକଙ୍କୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବ୍ରହ୍ମପୁତ୍ରରେ ୨ ବୋଟ୍ ଧକ୍କା: ଜଣେ ମୃତ

## ବାୟୁସେନା ପାଇଁ ୫୬ ବିମାନ କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୮।୯

- ୧୬ ବିମାନ ଯୋଗାଇବ ଏୟାରବସ୍
- ଭାରତରେ ନିର୍ମାଣ ହେବ ୪୦



ଭାରତୀୟ ବାୟୁସେନାର ପୁରୁଣା ଆଭ୍ରୋ ବିମାନ ସ୍ଥାନରେ ସାମିଲ ହେବ ଟ୍ୱିନ୍-ଟର୍ବୋପ୍ରପ୍ ସି-୨୯୫ଏମ୍‌ଡବ୍ଲ୍ୟୁ ବିମାନ। ଏଭଳି ୫୬ଟି ବିମାନ କିଣିବା ପ୍ରସ୍ତାବକୁ ବୁଧବାର ସୁରକ୍ଷା ସମ୍ବନ୍ଧୀୟ କ୍ୟାବିନେଟ କମିଟି (ସିସିଏସ୍) ମଞ୍ଜୁରୀ ପ୍ରଦାନ କରିଛି। ପ୍ରସ୍ତାବ ଅନୁଯାୟୀ ସ୍ପେନ୍‌ର ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ କମ୍ପାନୀରୁ ବାୟୁସେନା ପାଇଁ ୧୬ଟି ପରିବହନ ବିମାନ କିଣାଯିବ। ଏହା ବ୍ୟତୀତ ଉକ୍ତ କମ୍ପାନୀ ଟାଟା ସହ ମିଶି ଭାରତରେ ଅନ୍ୟ ୪୦ଟି ବିମାନ ନିର୍ମାଣ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସି-୨୯୫ଏମ୍‌ଡବ୍ଲ୍ୟୁ ବିମାନର ପରିବହନ କ୍ଷମତା ୫ରୁ ୧୦ ଟନ୍। ଚୁକ୍ତି ସ୍ୱାକ୍ଷର ହେବାର ୪୮ ମାସ ମଧ୍ୟରେ କମ୍ପାନୀ ସ୍ପେନ୍‌ରୁ ୧୬ଟି ବିମାନ ଯୋଗାଇଦେବ। ଏହା ବ୍ୟତୀତ ୧୦ ବର୍ଷ ମଧ୍ୟରେ ଟାଟା କନ୍‌ସୋର୍ଟିୟମ ଦ୍ୱାରା ଅବଶିଷ୍ଟ ୪୦ଟି ବିମାନ ନିର୍ମାଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି।

## ୧୫୦ କୁକୁରଙ୍କୁ ଜିଅନ୍ତା ପୋତିଦେଲେ

ଶିବାମୋଗା, ୮।୯(ଆଇଏଏନ୍‌ଏସ୍)



କର୍ନାଟକର ଶିବାମୋଗା ଜିଲାରେ କେତେଜଣ ଦୁର୍ବୃତ୍ତ ୧୫୦ କୁକୁରଙ୍କୁ ଜିଅନ୍ତା ପୋତିଦେଇଛନ୍ତି। ସେପ୍ଟେମ୍ବର ୪ରେ ଭଦ୍ରାବତୀ ସହର ନିକଟ ରଙ୍ଗନାଥପୁରାରେ ଏଭଳି ଅମାନବୀୟ ଘଟଣା ଘଟିଥିବା ପୋଲିସ କହିଛି। ଜଙ୍ଗଲରେ କୁକୁରଙ୍କ ଭୁକିବା ଶବ୍ଦ ଶୁଭୁଥିବାବେଳେ ହଠାତ୍ ବନ୍ଦ ହୋଇଯିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପ୍ରାଣୀ ଅଧିକାର କର୍ମୀଙ୍କୁ ଜଣାଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ କୁକୁରଗୁଡ଼ିକୁ ପୋତାଯାଇଥିବା ଜାଣିବାକୁ ପାଇଥିଲେ। ଭଦ୍ରାବତୀ ଗ୍ରାମାଞ୍ଚଳ ଥାନାରେ ଏନେଇ ମାମଲା ରୁଜୁ ହୋଇଥିବାବେଳେ କୁକୁରଗୁଡ଼ିକୁ ଜିଅନ୍ତା ପୋତିବାର କାରଣ ଜଣାପଡ଼ିନାହିଁ। କୁକୁର ବଂଶବୃଦ୍ଧି ରୋକିବା ପାଇଁ ଜଣେ ଠିକାଦାରଙ୍କୁ ଅସ୍ତ୍ରୋପଚାର ଦାୟିତ୍ୱ ଦିଆଯାଇଥିଲା। ସେ ପଇସା ବଞ୍ଚାଇବା ପାଇଁ ସେମାନଙ୍କୁ ପୋତି ଦେଇଥିବା ସନ୍ଦେହ କରାଯାଉଛି। ପୂର୍ବରୁ କୁକୁରଗୁଡ଼ିକୁ ଧରି ଦୂରରେ ଛାଡ଼ିଦେବା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଲୋକ ନିଯୁକ୍ତ କରିଥିଲେ। ସେମାନେ କୁକୁର ଧରି ପୋତି ଦେଇଥିବା ପୋଲିସ ଅନୁମାନ କରୁଛି।

# ଏନ୍‌ଡିଏରେ ମହିଳାଙ୍କୁ ସାମିଲ ଅନୁମତି

ନୂଆଦିଲ୍ଲୀ,୮।୯

### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ଏକ ଐତିହାସିକ ପଦକ୍ଷେପକ୍ରମେ କେନ୍ଦ୍ର ସରକାର ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ରେ ମହିଳାମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଫଳରେ ମହିଳାମାନେ ଭାରତର ସଶସ୍ତ୍ର ବଳରେ ସ୍ଥାୟୀ କମିଶନ ରୂପେ ଯୋଗଦେଇପାରିବେ। ଏନେଇ ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ମହିଳାଙ୍କ ପାଇଁ ଏନ୍‌ଡିଏ ପାଠ୍ୟକ୍ରମ ଖୋଲିବା ଲାଗି ବାଟ ଫିଟାଇବା ସକାଶେ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସରକାର ସମୟ ମାଗିଥିବାବେଳେ ଆସନ୍ତା ୨୦ ତାରିଖ ସୁଦ୍ଧା ଏନେଇ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଡିଏ ପ୍ରବେଶିକା ପରୀକ୍ଷାରେ ମହିଳାମାନେ ବସିପାରିବେ ବୋଲି ସୁପ୍ରିମକୋର୍ଟ ଏକ ଅନ୍ତରୀଣ ଐତିହାସିକ ରାୟ ଦେବାର ମାସକ ଭିତରେ ସଦ୍ୟ ଶୁଣାଣି ହୋଇଛି। ଏହାର ଚୂଡ଼ାନ୍ତ ରାୟ ନଭେମ୍ବର ୧୪ରେ ଆସିବ।

ଏନ୍‌ଡିଏ ଏବଂ ନାଭାଲ ଏକାଡେମୀ ପରୀକ୍ଷାରେ ମହିଳାଙ୍କୁ ଅନୁମତି ପ୍ରଦାନ ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ଏସ୍.କେ. କୌଲ୍ ଏବଂ ଏମ୍.ଏମ୍. ସୁନ୍ଦରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ସଶସ୍ତ୍ର ବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଆନ୍ତି। କିନ୍ତୁ ସେନାରେ ଲିଙ୍ଗଗତ ସମାନତା ଆଣିବା ପାଇଁ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତେଣୁ କୋର୍ଟଙ୍କ ହସ୍ତକ୍ଷେପକୁ ଅପେକ୍ଷା ନ କରି ଅଧିକ ତତ୍ପରତା ଦେଖାନ୍ତୁ ବୋଲି ଆମେ ଚାହୁଁଛୁ। ଆମେ ଏହା ଜାଣି ଅତ୍ୟନ୍ତ ଖୁସି ଯେ ଏନ୍‌ଡିଏରେ ମହିଳାଙ୍କୁ ସାମିଲ କରିବା ପାଇଁ ସଶସ୍ତ୍ର ବଳ ନିଜେ ନିଷ୍ପତ୍ତି ନେଇଛନ୍ତି। ସଂସ୍କାର ଗୋଟିଏ ଦିନରେ ହୋଇପାରିବ ନାହିଁ। ସରକାର ଏହି ପ୍ରକ୍ରିୟା ଓ କାର୍ଯ୍ୟପନ୍ଥା ପାଇଁ ସମୟସୀମା ଧାର୍ଯ୍ୟ କରିବେ। ଶୁଣାଣି ବେଳେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଏନ୍‌ଡିଏରେ ମହିଳାଙ୍କୁ ସାମିଲ କରାଯିବା ନେଇ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ, ସରକାରଙ୍କ ପକ୍ଷରୁ ଏନେଇ ବିସ୍ତୃତ ସତ୍ୟପାଠ ଦାଖଲ କରାଯିବ। ଗତ ଜୁନ୍ ୨୪ରେ ଚଳିତ ବର୍ଷର ପରୀକ୍ଷା ଆସନ୍ତା ନଭେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପରୀକ୍ଷାର ପ୍ରକ୍ରିୟା ଓ ଭିତ୍ତିଭୂମିରେ ପରିବର୍ତ୍ତନ ଆବଶ୍ୟକ ଥିବାରୁ ଏହା ଉପରେ ସ୍ଥିତାବସ୍ଥା ଜାରି କରିବାକୁ ସେ ଅନୁରୋଧ କରିଥିଲେ।



# ଧରିତ୍ରୀ
DHARITRI

ଗୁରୁବାର, ସେପ୍ଟେମ୍ବର ୯/୨୦୨୧ | Thursday, September 9/2021 | ପୃଷ୍ଠା-୧




**ଭାରତୀୟ ଟି୨୦ ବିଶ୍ୱକପ ଦଳରେ ଅଶ୍ୱିନ**

ଟି୨୦ ବିଶ୍ୱକପ ପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଭେଟେରାନ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ।

୧୪

୧୨

**ସାଉଥ୍‌ରେ କମାଲ କରିବେ କିଙ୍ଗ୍ ଖାନ୍**

ସାଉଥ୍‌ର ଏକ ଆକ୍ସନ ଡ୍ରାମା ଫିଲ୍ମରେ ଅଭିନେତା ଶାହରୁଖ ଖାନ୍‌ଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ।



ବିତରକଙ୍କଠାରୁ ୮ ପୃଷ୍ଠାର ପାକ୍ଷିକ 'ସାହିତ୍ୟାୟନ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।





ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।

**ଆଜିର ସମ୍ପାଦକୀୟ**

ଜଳ ସୁରକ୍ଷା ଓ ଆଧୁନିକ ଅର୍ଥ ବ୍ୟବସ୍ଥା



**ଅଭାବୀ ବିକ୍ରିର ପ୍ରତିବାଦ:** ବରଗଡ଼ରେ ଚାଷୀମାନେ ବୁଧବାର ରାସ୍ତାରେ ପରିବା ଢାଳି ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। (ରିପୋର୍ଟ: ପୃଷ୍ଠା-୧୨)

# ବିଧାନସଭା ନିକଟରେ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଜୁ କୃଷକ କଲ୍ୟାଣ ଯୋଜନା(ବିକେକେୱାଇ) ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଥାଇ ମଧ ଜଣେ ଯୁବକ ଠିକ୍ ଭାବେ ଚିକିତ୍ସା ପାଇଲେ ନାହିଁ। ଏପରି କି ହସ୍ପିଟାଲ୍‌ରେ ଡାକ୍ତରଙ୍କ ଅବହେଳାରୁ ଗୋଡ଼ ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହୋଇଥିଲା। ଚିକିତ୍ସା ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଗୁହାରି କଲେ। ହେଲେ ଚିକିତ୍ସା ନ ମିଳିବାରୁ ଶେଷରେ ଆତ୍ମହତ୍ୟାକୁ ଆପଣାଇଲେ। ଏଭଳି ଏକ ଘଟଣାକ୍ରମରେ ବୁଧବାର ବିଧାନସଭା ନିକଟରେ ଜଣେ ଯୁବକ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ☞ପୃଷ୍ଠା-୨



ଦୁଷ୍ମନ୍ତ ଦାସ

- ଚିକିତ୍ସା ଅବହେଳାରୁ ଚରମ ପନ୍ଥା ଆପଣାଇଲେ
- ହାତ କାଟି ବିଷ ପିଇଥିଲେ, ଚିକିତ୍ସାଧୀନ ଅବସ୍ଥାରେ ଏସ୍‌ସିବିରେ ମୃତ୍ୟୁ


USHA TRAVELS
www.flyusha.in
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply
CALL US! 1800 890 3566


# ପ୍ରମୋଦଙ୍କୁ ମିଳିବ ୬ କୋଟି, ଚାକିରି



ପ୍ରମୋଦ ଭଗତ

ଭୁବନେଶ୍ୱର,୮।୯(ବ୍ୟୁରୋ): ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ପ୍ରମୋଦ ଭଗତଙ୍କୁ ରାଜ୍ୟ ସରକାର ୬ କୋଟି ଟଙ୍କା ପ୍ରଦାନ କରିବେ। ଏନେଇ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ପୂର୍ବ ଘୋଷଣା ଅନୁସାରେ ପ୍ରମୋଦଙ୍କୁ ଉକ୍ତ ଅର୍ଥରାଶି ଦିଆଯିବ। ଏଥିସହିତ ତାଙ୍କୁ ଗ୍ରୁପ୍-ଏ ବର୍ଗର ସରକାରୀ ଚାକିରି ମଧ ଦିଆଯିବ। ଭୁବନେଶ୍ୱର ଫେରିବା ପରେ ପ୍ରମୋଦଙ୍କୁ ସରକାର ଚେକ୍ ଦେବେ ବୋଲି ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରାଜ୍ୟ ସରକାର ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଖେଳାଳିଙ୍କ ପାଇଁ ପୂର୍ବରୁ ପୁରସ୍କାର ରାଶି ଘୋଷଣା କରିଥିଲେ। ସ୍ୱର୍ଣ୍ଣ ବିଜେତାଙ୍କ ପାଇଁ ୬ କୋଟି, ରୌପ୍ୟ ବିଜେତାଙ୍କ ପାଇଁ ୪ କୋଟି ଓ ବ୍ରୋଞ୍ଜ ବିଜେତାଙ୍କ ପାଇଁ ୨.୫ କୋଟି ଟଙ୍କା ଘୋଷଣା ହୋଇଥିଲା। ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରାଙ୍କୁ ମଧ ରାଜ୍ୟ ସରକାର ୨.୫ କୋଟି ଟଙ୍କା ଲେଖାଏ ଦେଇସାରିଛନ୍ତି। ☞ପୃଷ୍ଠା-୨

# ପ୍ରଶାନ୍ତ ଜଗଦ୍ଦେବ ନିଲମ୍ବିତ

ଭୁବନେଶ୍ୱର, (ବ୍ୟୁରୋ)/ ବାଲୁଗାଁ,୮।୯(ଡି.ଏନ୍.ଏ.)

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ବୁଧବାର ବିଜେଡିରୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ନିଲମ୍ବିତ କରିଥିବା ନେଇ ଦଳ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ମଧ ପ୍ରଶାନ୍ତଙ୍କୁ ବିଦା କରାଯାଇଛି। ବାଲୁଗାଁ ନଗର ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ଓ ଜଣେ ଖବରଦାତାଙ୍କୁ ଧମକ ନେଇ ମଧ୍ୟାହ୍ନରେ ଥାନାରେ ଅଭିଯୋଗ ହୋଇଥିବାବେଳେ ସନ୍ଧ୍ୟାରେ ତାଙ୍କ ଉପରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ମଧ ତାଙ୍କ ବିରୋଧରେ ଆକ୍ରମଣ ଓ ଗାଳିଗୁଲଜ ନେଇ ଅଭିଯୋଗ ରହିଥିବାବେଳେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ରାଜନୈତିକ ବାତାବରଣକୁ ବେଶ୍ ସରଗରମ କରିଛି।

ଅଭିଯୋଗ ଓ ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବାଲୁଗାଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ☞ପୃଷ୍ଠା-୨

**ଭାଜପା ମଣ୍ଡଳ ସଭାପତିଙ୍କୁ ମାଡ଼ ଅଭିଯୋଗ**



- ତୁରନ୍ତ ପଦକ୍ଷେପ ନେଲେ ମୁଖ୍ୟମନ୍ତ୍ରୀ
- ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ବିଦା

# ବାଚସ୍ପତିଙ୍କୁ ଗୃହକୁ ଛାଡ଼ିଲେନି

## ଖଣି ଦୁର୍ନୀତି ଆଲୋଚନାକୁ ଅମଙ୍ଗ ହେବାରୁ ତାତିଲେ ବିରୋଧୀ

ଭୁବନେଶ୍ୱର,୮।୯(ବ୍ୟୁରୋ)

ଖଣି ଦୁର୍ନୀତି ପ୍ରସଙ୍ଗ ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କଲେ ନାହିଁ। ଏହାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ହୁଲସ୍ଥୁଲ କରିଛନ୍ତି। ମୁଲତବୀ ଗ୍ରହଣ କର, ନଚେତ୍ ଗୃହ ଚଳାଇ ଦେବୁନାହିଁ। ଏଭଳି ଜିଦ୍‌ରେ ଅଡ଼ିବସି ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାକୁ ସମ୍ପୂର୍ଣ୍ଣ ଅଚଳ କରିଦେଇଛନ୍ତି। ଏଭଳି ହଟ୍ଟଗୋଳ ତରବରିଆ ଭାବେ ବିନା ଆଲୋଚନାରେ ୪ଟି ବିଲ୍ ପାରିତ ହୋଇଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାର ୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର ଆରମ୍ଭ କରିବା ମାତ୍ରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା ମଧ୍ୟଭାଗକୁ ମାଡ଼ି ଆସିଥିଲେ। ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରିବା ପାଇଁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ବାଚସ୍ପତିଙ୍କୁ ପ୍ରଶ୍ନ କରିଥିଲେ। ବାଚସ୍ପତି ବିରୋଧୀଙ୍କ ଦାବିକୁ କର୍ଣ୍ଣପାତ ନ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ପ୍ରଥମ ପ୍ରଶ୍ନ ୧୮୧ ନମ୍ବରର ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଅନୁପସ୍ଥିତ ଥିବାରୁ ବିଜେଡି ସଭ୍ୟ ଭୂପିନ୍ଦର ସିଂ ପଚାରିଥିବା ୧୮୨ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ



- କାମ ଚଳାଇଲେ ଉପବାଚସ୍ପତି
- ବାଚସ୍ପତିଙ୍କୁ ଘେରାଉ ବିଧାନସଭା ଇତିହାସରେ ପ୍ରଥମ: ନରସିଂହ

ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସେ କହିଥିଲେ। ମନ୍ତ୍ରୀ ଉତ୍ତର ପଢ଼ିବା ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ନିଜର ନାରାବାଜିକୁ ଆହୁରି ଶାଣିତ କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ମାତ୍ର ୧ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୧ ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ବିଧାନସଭା ପରିସରରେ ଥିବା ନିଜ ଚାମ୍ବରକୁ ଚାଲିଯାଇଥିଲେ। କିନ୍ତୁ ଭାଜପା, କଂଗ୍ରେସ ଓ ସିପିଏମ୍ ସଦସ୍ୟମାନେ ବାଚସ୍ପତିଙ୍କ ଚାମ୍ବର ଆଗରେ ବସି ବାଟ ଓଗାଳିଥିଲେ। ଫଳରେ ବାଚସ୍ପତି ନିଜ ଚାମ୍ବରରୁ ବାହାରି ପାରି ନ ଥିଲେ। ୧୧ଟା ୩୦ ମିନିଟ୍‌ରେ ବାଚସ୍ପତି ଆଉ ଗୃହକୁ ଯାଇପାରି ନ ଥିଲେ। ଉପବାଚସ୍ପତି ରଜନୀକାନ୍ତ ସିଂ ଗୃହକୁ ଆସି ଅପରାହ୍ନ ୪ଟା ଯାଏ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ବାଚସ୍ପତିଙ୍କୁ ☞ପୃଷ୍ଠା-୨

# ସହଜରେ ବୁଝିହେବା ଭଳି ରାୟ ଦିଅ

## ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

*ଗୋଟିଏ ରାୟରୁ ବିଚାରପତିଙ୍କ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥାଏ। ରାୟ ଲେଖିବା ଏକ କଳା, ଯହିଁରେ ଆଇନ ଓ ଯୁକ୍ତିର ନିପୁଣ ବ୍ୟବହାର ଜରୁରୀ। ତେଣୁ ହାଇକୋର୍ଟ ବିଚାରପତିମାନେ ଦେଉଥିବା ରାୟକୁ ସେମାନେ ଏପରି ଢଙ୍ଗରେ ଲେଖିବା ଉଚିତ, ଯାହାକୁ ସହଜରେ ପଢ଼ି ବୁଝି ହେଉଥିବ। ରାୟ ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଓ ସଂକ୍ଷିପ୍ତ ହେବା ଆବଶ୍ୟକ। ଏହାର ନିଷ୍କର୍ଷ ରେକର୍ଡ ଆଧାରିତ ଯୁକ୍ତିସଙ୍ଗତ ହୋଇଥିବା ଦରକାର ବୋଲି ହାଇକୋର୍ଟ ବିଚାରପତିମାନଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।*



ନୂଆଦିଲ୍ଲୀ,୮।୯

କେତେକ ହାଇକୋର୍ଟରେ ବିଚାରପତିମାନେ ଲେଖୁଥିବା ରାୟକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଚାରପତିମାନେ ଏପରି ରାୟ ଦେବା ଉଚିତ ଯେମିତି କି ତାହା ସ୍ପଷ୍ଟ ଭାବେ ବୁଝି ହେଉଥିବ। ତାହା ଆଇନ ଓ ତଥ୍ୟ ସମ୍ବଳିତ ସଂକ୍ଷିପ୍ତ ରାୟ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି।

ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ଉତ୍ତର ପ୍ରଦେଶର ୫ ଦୋଷୀଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଜାମିନ ଦେଇଥିଲେ। ଶକୁନ୍ତଳା ଶୁକ୍ଲା ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ରାୟରେ କୌଣସି ସ୍ପଷ୍ଟତା ନ ଥିବା ଦର୍ଶାଇ ☞ପୃଷ୍ଠା-୨

# ଗହମ ଏମ୍‌ଏସ୍‌ପି ୪୦ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ, ୮।୯

ଚଳିତ ବର୍ଷ ପାଇଁ କେନ୍ଦ୍ର ସରକାର ଗହମ ସମେତ କେତେକ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଗହମ ଏମ୍‌ଏସ୍‌ପି ୪୦ ଟଙ୍କା ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ଦର ୨,୦୧୫ ଟଙ୍କା ରଖାଯାଇଛି। ସେହିପରି ସୋରିଶ ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି ପାଇ ୫,୦୫୦ ଟଙ୍କା ହୋଇଛି। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦଶ ବର୍ଷ ମଧ୍ୟରେ ଏହା ଗହମର ସର୍ବନିମ୍ନ ଏମ୍‌ଏସ୍‌ପି ବୃଦ୍ଧି। ଭାରତ ☞ପୃଷ୍ଠା-୨

# ଶନିବାର ଦର୍ଶନ ଅନୁମତି

- ସକାଳ ୭ରୁ ରାତ୍ର ୯ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ
- ଆନନ୍ଦବଜାରରେ ମହାପ୍ରସାଦ ସେବନ କରିପାରିବେ ଶ୍ରଦ୍ଧାଳୁ



ପୁରୀ ଅଫିସ,୮।୯

ଏଣିକି ଶନିବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ହେବ। କେବଳ ରବିବାର ଦର୍ଶନ ବନ୍ଦ ରହିବ। ସେହିପରି ସକାଳ ୭ଟାରୁ ସନ୍ଧ୍ୟା ୭ଟା ପରିବର୍ତ୍ତେ ରାତ୍ର ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଜାରି ରହିବ। ତେବେ ଦର୍ଶନ ଲାଗି ପୂର୍ବ ଭଳି ୯୬ଘଣ୍ଟା ପୂର୍ବର ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକାକରଣର ପ୍ରମାଣପତ୍ର ବାଧ୍ୟତାମୂଳକ। ଏହି ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଆସନ୍ତା ୧୩ ତାରିଖରୁ ଲାଗୁ ହେବ ବୋଲି ବୁଧବାର ☞ପୃଷ୍ଠା-୨

# ୧୪ ତାଲିବାନୀ ମନ୍ତ୍ରୀ ଆତଙ୍କବାଦୀ

## କଳାତାଲିକାଭୁକ୍ତ କରିଛି ଜାତିସଂଘ

କାବୁଲ/ପେଶାୱର,୮।୯

ତାଲିବାନ୍‌ର କଠୋରପନ୍ଥୀ ଅନ୍ତରୀଣ ସରକାରରେ ଏଭଳି ଅନ୍ୟୂନ ୧୪ ଜଣଙ୍କୁ ମନ୍ତ୍ରୀ କରାଯାଇଛି, ଯାହାଙ୍କୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ପକ୍ଷରୁ ଆତଙ୍କବାଦର କଳାତାଲିକାରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦ ଓ ତାଙ୍କ ଦୁଇ ଉପପ୍ରଧାନମନ୍ତ୍ରୀ ମଧ କଳାତାଲିକାଭୁକ୍ତ। ଆଫଗାନିସ୍ତାନରେ ତାଲିବାନ୍‌ର ନୂଆ କ୍ୟାବିନେଟକୁ ନେଇ ଏହି ବିଷୟ ଜଣାପଡ଼ିବା ପରେ ଅନ୍ତର୍ଜାତୀୟ ସମୁଦାୟର ଚିନ୍ତା ବଢ଼ିଯାଇଛି। କାବୁଲ ଦଖଲର ୩ ସପ୍ତାହ ପରେ ମଙ୍ଗଳବାର ତାଲିବାନ୍ ଏକ ଅନ୍ତରୀଣ ସରକାର ଗଠନ ନେଇ ଘୋଷଣା କରିଛି। କ୍ୟାବିନେଟ୍‌ରେ ୩୩ ସଦସ୍ୟଙ୍କୁ ସ୍ଥାନ ମିଳିଥିବାବେଳେ ଜଣେ ହେଲେ ମହିଳାଙ୍କୁ ସାମିଲ କରାଯାଇ ନାହିଁ। ମନ୍ତ୍ରୀ ହୋଇଥିବା ଅନେକ ସଦସ୍ୟଙ୍କୁ ପୂର୍ବରୁ ଜାତିସଂଘ ଓ ଆମେରିକା ପକ୍ଷରୁ ଆତଙ୍କବାଦୀ ଘୋଷଣା କରାଯାଇଛି। ତାଲିବାନ୍ ୨.୦ ସରକାରରେ କାମଚଳା ☞ପୃଷ୍ଠା-୨

# ପିଏଚ୍.ଡି., ମାଷ୍ଟର ଡିଗ୍ରୀର ମୂଲ୍ୟ ନାହିଁ

## ମୁଲ୍ଲାମାନେ ହାଇସ୍କୁଲ ନ ମାଡ଼ି ମହାନ୍: ତାଲିବାନ୍ ଶିକ୍ଷାମନ୍ତ୍ରୀ

କାବୁଲ,୮।୯



ଶୀର୍ଷକ ପଢ଼ିଲେ ଜାଣିହେଉଛି ଏହା ଆଫଗାନିସ୍ତାନ ଦଖଲ କରି ସରକାର ଗଢ଼ିଥିବା ତାଲିବାନ୍‌ର ମନ୍ତବ୍ୟ। ପିଏଚ୍‌ଡି କିମ୍ବା ସ୍ନାତକୋତ୍ତର ଡିଗ୍ରୀଗୁଡ଼ିକ ମୂଲ୍ୟବାନ ନୁହେଁ। ଏସବୁ ନ ଥାଇ ମଧ ମୌଲବୀମାନେ ଏତେ ☞ପୃଷ୍ଠା-୨

# ପାର୍ବଣ: ମୂର୍ତ୍ତି ଉଚ୍ଚତା ନିଷ୍ପତ୍ତି ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୮।୯(ବ୍ୟୁରୋ)

ପାର୍ବଣରେ ମୂର୍ତ୍ତିର ଉଚ୍ଚତା କେତେ ରହିବ ସେନେଇ ଆସନ୍ତା ୨ ଦିନ ମଧ୍ୟରେ ସରକାର ନିଷ୍ପତ୍ତି ନେବେ। ବୁଧବାର ଲୋକସଭା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସୂଚନା ଦିଆଯାଇଛି। ସେହିପରି ଦୁର୍ଗା ପୂଜା ସମୟରେ ରାଜ୍ୟର ସଂକ୍ରମଣ ସ୍ଥିତି ଦେଖି ଭକ୍ତଙ୍କ ଦର୍ଶନ ସଂକ୍ରାନ୍ତରେ ସରକାର ନିଷ୍ପତ୍ତି ନେବେ। ସରକାରଙ୍କ ସହ ହୋଇଥିବା ଆଲୋଚନା ସଫଳ ହୋଇଛି ବୋଲି କଟକ ଶାନ୍ତି କମିଟି ଓ ଦୁର୍ଗାପୂଜା କମିଟି ପକ୍ଷରୁ କୁହାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୩୦,୬୦,୭୨୩ | ୪୬,୦୪,୮୦୬ | ୧୯,୯୫,୭୭,୯୭୦ |
| ଭାରତ | ୩,୩୧,୩୮,୧୭୫ | ୪,୪୧,୭୭୪ | ୩,୨୨,୯୬,୦୪୫ |
| ଓଡ଼ିଶା | ୧୦,୧୩,୫୬୭ | ୮୦୭୦(+୫୩) | ୯,୯୯,୧୬୫ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୭ଦିନରେ ୭୯୪ ପିଲା ସଂକ୍ରମିତ

## ୨୪ ଘଣ୍ଟାରେ ୧୦୨ ପିଲା ଚିହ୍ନଟ

## ସୁବର୍ଣ୍ଣପୁରରେ ଦୈନିକ ସଂକ୍ରମଣ ହାର ଶତପ୍ରତିଶତ

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟରେ ଏବେ ଦୈନିକ ସଂକ୍ରମଣ ହଜାରେ ତଳେ ରହୁଛି। ଆକ୍ରାନ୍ତଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ସ୍ତରରେ ଉପରତଳ ହେଉଥିବାବେଳେ ପିଲାଙ୍କ ସଂକ୍ରମଣ ବଢ଼ିଚାଲିଛି। କେବଳ ୭ ଦିନରେ ୭୯୪ ଶିଶୁ ଓ କିଶୋର ଆକ୍ରାନ୍ତ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ୧୦୨ ପିଲା ସଂକ୍ରମିତ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଛି। ସମ୍ଭାବ୍ୟ ତୃତୀୟ ଲହର ନ ଆସୁଣୁ ପିଲାଙ୍କ ସଂକ୍ରମଣ ଏବେ ଅଭିଭାବକଙ୍କ ନିଦ ହଜାଇ ଦେଇଛି। ସେପଟେ ଏହି ପରିସ୍ଥିତି ସମ୍ପର୍କରେ ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ପିଲାମାନେ ଟିକା ନେଇ ନ ଥିବାରୁ ବୟସ୍କଙ୍କଠାରୁ ସେମାନଙ୍କୁ ସଂକ୍ରମଣ ବ୍ୟାପୁଥାଇପାରେ। ପିଲାଙ୍କୁ ସଂକ୍ରମଣରୁ ରକ୍ଷା କରିବାରେ ଅଭିଭାବକଙ୍କର ବଡ଼ ଦାୟିତ୍ୱ ରହିଛି। ତେବେ ତୃତୀୟ ଲହରରେ ପିଲାଙ୍କ ସଂକ୍ରମଣ ହାର ଓ ତୀବ୍ରତା କମ୍ ରହିବାର ଆକଳନ କରାଯାଉଥିବା ଡିଏମ୍‌ଇଟି କହିଛନ୍ତି। ଅପରପକ୍ଷେ ରାଜ୍ୟରେ ମଙ୍ଗଳବାର ଅପେକ୍ଷା ବୁଧବାର ପୁଣି ସଂକ୍ରମଣ ବଢ଼ିଥିବା ଦେଖାଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୬୪,୬୦୨ ନମୁନା ପରୀକ୍ଷା କରାଯାଇଥିଲା। ମୋଟ ୭୬୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସଂକ୍ରମଣ ହାର ୧.୧୮%କୁ ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଲା ସୁବର୍ଣ୍ଣପୁର ଜିଲାରେ ଦୈନିକ ସଂକ୍ରମଣ ହାର ଶତପ୍ରତିଶତ ଦେଖିବାକୁ ମିଳିଛି। ଯଦିଓ ଏଠାରେ କମ୍ ସଂଖ୍ୟକ ନମୁନା ପରୀକ୍ଷା କରାଯାଇଥିଲା, ତଥାପି ପ୍ରଥମଥର ପାଇଁ କୌଣସି ଜିଲା ସଂକ୍ରମଣ ହାରରେ ଶତ ପ୍ରତିଶତ ଥିବା ଜଣାପଡ଼ିଛି। ଏହି ଜିଲାରେ ମାତ୍ର ୩ଟି ନମୁନା ପରୀକ୍ଷା କରାଯାଇଥିଲା ଓ ସମସ୍ତ ରିପୋର୍ଟ ପଜିଟିଭ୍ ବାହାରିଛି। ସେପଟେ ଖୋର୍ଦ୍ଧା ଜିଲାରେ ରାଜ୍ୟର ସର୍ବାଧିକ ୩୧୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରେ ୧୧୯ ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୧୩,୫୬୭ରେ ପହଞ୍ଚିଛି। ସେହିପରି ରାଜ୍ୟରେ ପୁଣି ୮ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର ଓ ଢେଙ୍କାନାଳରୁ ୨ଜଣ ଲେଖାଏ ଥିବାବେଳେ ଅନୁଗୋଳ, ବାଲେଶ୍ୱର, କେନ୍ଦୁଝର ଓ କୋରାପୁଟରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୦୭୦କୁ ବୃଦ୍ଧି ପାଇଛି। ବୁଧବାର ଆଉ ୫୭୪ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯,୯୯,୧୬୫କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୬,୨୭୯ଜଣ ସକ୍ରିୟ ରୋଗୀ ରହିଛନ୍ତି।

# ସ୍ତ୍ରୀ, ପୁଅଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ପାରିବାରିକ କଳହର କରୁଣ ପରିଣତି**

ଛତ୍ରପୁର,୮।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅନ୍ତର୍ଗତ ତଳପୁଟବଗଡ଼ ଗ୍ରାମରେ ବୁଧବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଆରି ବ୍ଲେଡରେ ସ୍ତ୍ରୀ ଓ ୧୦ମାସର ଶିଶୁପୁତ୍ରଙ୍କ ବେକ କାଟି ହତ୍ୟା ପରେ ସ୍ୱାମୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘର ଭିତରୁ ସ୍ୱାମୀ ସୁଜନ ପ୍ରଧାନ, ସ୍ତ୍ରୀ ରୁନି ପ୍ରଧାନ ଓ ଶିଶୁପୁତ୍ର ରୁମେଶଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅନୁଧ୍ୟାନ କରିଛି। ଘରୁ ଦଉଡ଼ି ଓ ଆରି ବ୍ଲେଡ ଜବତ କରାଯାଇଛି।

**ସଂକ୍ଷେପରେ**

### ପଶ୍ଚିମ ଓଡ଼ିଶାର ୭ ଜିଲାକୁ ୩.୭୪ କୋଟି

ଭୁବନେଶ୍ୱର, ୮।୯(ବ୍ୟୁରୋ):ପଶ୍ଚିମ ଓଡ଼ିଶାର ୭ ଜିଲାର ପ୍ରଶାସନିକ ମଞ୍ଜୁରୀପ୍ରାପ୍ତ ଉନ୍ନୟନ କାର୍ଯ୍ୟ ଲାଗି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ପକ୍ଷରୁ ୩ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସୁନ୍ଦରଗଡ଼ ଜିଲାରେ ୫୨ ପ୍ରକଳ୍ପ ପାଇଁ ସର୍ବାଧିକ ୧ କୋଟି ୮୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରେ ବିଜୁଳି ଭିତ୍ତିଭୂମି, ପାନୀୟ ଜଳ ଯୋଗାଣ, ଶିକ୍ଷା, ଗମନାଗମନ, କମ୍ୟୁନିଟି ସେଣ୍ଟର ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ। ସୁବର୍ଣ୍ଣପୁର ଜିଲାରେ ସ୍କୁଲ ଉନ୍ନତୀକରଣ ସାଙ୍ଗକୁ କମ୍ୟୁନିଟି ସେଣ୍ଟର ଓ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପର୍କିତ ୪୭ ପ୍ରକଳ୍ପ ପାଇଁ ୧ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ସମ୍ବଲପୁର ଜିଲାରେ ରାସ୍ତା ଉନ୍ନତୀକରଣ ନିମନ୍ତେ ୨୦ ଲକ୍ଷ, ଝାରସୁଗୁଡ଼ା ଜିଲାର ଲଇକେରା ବ୍ଲକ୍ ସାହସପୁର ପଞ୍ଚାୟତର ଧଉଳଟିକ୍ରାର ଆର୍‌ଡି ରୋଡ୍‌ଠାରୁ ନୂଆ ସ୍କୁଲପଡ଼ା ଯାଏ କଂକ୍ରିଟ୍ ରାସ୍ତା ନିର୍ମାଣ ଲାଗି ୫ ଲକ୍ଷ, ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୨ କମ୍ୟୁନିଟି ସେଣ୍ଟର ନିର୍ମାଣ ଲାଗି ୧୦ ଲକ୍ଷ, ଅନୁଗୋଳ ଜିଲା ଅଁଳାବେରେଣୀ ଓ ଷଣ୍ଢପଲ୍ଲା-୨ରେ ଥିବା ଉଠାଜଳସେଚନ ପଏଣ୍ଟର ଉନ୍ନତୀକରଣ ଲାଗି ୬ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରାଯିବ ବୋଲି ସୂଚନା ଦିଆଯାଇଛି।

### ନଦୀପଠାରେ ଯୁବକଙ୍କ ମୃତଦେହ

ଜଳେଶ୍ୱର, ୮।୯(ଡି.ଏନ.ଏ.): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ପଞ୍ଚୁଘଣ୍ଟା ନିକଟ ସୁବର୍ଣ୍ଣରେଖା ନଦୀପଠାରେ ବୁଧବାର ସକାଳେ ଏକ ପିଠାଲୁ ଗଛରେ ଗାଁର ଗଣେଶ ସିଂଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ରାତିରେ ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ଭୋର ସମୟରେ ପୁଅ ଘରେ ନ ଥିବା ଜାଣି ବାପା ଓ ମା' ଖୋଜିଖୋଜି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।



ଧରିତ୍ରୀରେ ଗତ ୬ତାରିଖରେ ପ୍ରକାଶିତ ସମ୍ପାଦକୀୟକୁ ବିରୋଧ କରି ମିଳିତ ଗୋରକ୍ଷା ମହାସମାବେଶ ପକ୍ଷରୁ ବୁଧବାର ଭୁବନେଶ୍ୱର ଧରିତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ସପ୍ତାହେ ବର୍ଷିବ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ଲଘୁଚାପ ଯୋଗୁ ସାରା ରାଜ୍ୟରେ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ସେପଟେ ଆସନ୍ତା ୧୧ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୦ ତାରିଖରୁ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ୧୧ରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର ଓ ବରଗଡ଼ ଏବଂ ୧୨ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଅନୁଗୋଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।







# ପ୍ରତିଭା ମହାପାତ୍ର ଆଡୋବି ଇଣ୍ଡିଆର ଏମ୍‌ଡି



ନୂଆଦିଲ୍ଲୀ, ୮।୯: ଓଡ଼ିଶାର ପ୍ରତିଭା ମହାପାତ୍ର ଆଡୋବି ଇଣ୍ଡିଆର ଉପସଭାପତି ଏବଂ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଆଇବିଏମ୍‌ରେ କାମ କରୁଥିଲେ। ସେ ରିଜିଅନାଲ ଇଞ୍ଜିନିୟରିଂ କଲେଜ (ବର୍ତ୍ତମାନର ଏନ୍‌ଆଇଟି) ରାଉରକେଲାରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ ହାସଲ କରିଛନ୍ତି। ଭୁବନେଶ୍ୱରର ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରୁ ସିଷ୍ଟମ ଆଣ୍ଡ ଫାଇନାନ୍ସରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ ମଧ୍ୟ ସେ କରିଛନ୍ତି। ଆଡୋବି ଇଣ୍ଡିଆର ଏକ୍ସପେରିଏନ୍ସ କ୍ଲାଉଡ୍, କ୍ରିଏଟିଭ କ୍ଲାଉଡ୍, ଡକ୍ୟୁମେଣ୍ଟ କ୍ଲାଉଡ୍ ଭଳି ବିଜ୍‌ନେସ୍‌ର ସେ ନେତୃତ୍ୱ ନେବେ ବୋଲି ଜଣାପଡ଼ିଛି। କମ୍ପାନୀର ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ(ଏପିଏସି) ଲାଗି ସଭାପତି ଥିବା ସାଇମନ ଟେଟ୍‌ଙ୍କୁ ସେ ରିପୋର୍ଟିଂ କରିବେ। ପ୍ରତିଭାଙ୍କର ଟେକ୍ନୋଲୋଜି ପ୍ରତି ଅନୁରକ୍ତି ରହି ଆସିଥିବା ବେଳେ ତାଙ୍କ ନେତୃତ୍ୱ ଆଡୋବିର ଭାରତ ବିଜନେସ୍ ଅଭିବୃଦ୍ଧିକୁ ଆଉ ଗୋଟିଏ ସ୍ତରକୁ ନେବାରେ ଯୋଗଦାନ ରଖିବ ବୋଲି ଟେଟ୍ କହିଛନ୍ତି।

**ଭାଜପାର ନିର୍ବାଚନ ପ୍ରଭାରୀ ନିଯୁକ୍ତ**

# ଧର୍ମେନ୍ଦ୍ରଙ୍କୁ ୟୁପି ଦାୟିତ୍ୱ

ନୂଆଦିଲ୍ଲୀ, ୮।୯(ପି.ଟି.)

ଆଗାମୀ ବିଧାନସଭା ନିର୍ବାଚନ ଲାଗି ବୁଧବାର ଭାଜପା ପକ୍ଷରୁ ବିଭିନ୍ନ ରାଜ୍ୟ ନିମନ୍ତେ ପ୍ରଭାରୀ ନିଯୁକ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ପ୍ରହ୍ଲାଦ ଜୋଷୀଙ୍କୁ ଉତ୍ତରାଖଣ୍ଡ, ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ପଞ୍ଜାବ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ମଣିପୁର ଦାୟିତ୍ୱ ଦିଆଯାଇଛି। ସେହିପରି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଗୋଆ ନିର୍ବାଚନ ଦାୟିତ୍ୱ ମିଳିଛି। ନିର୍ବାଚନ ପ୍ରଚାରରେ ସେମାନଙ୍କୁ ସହାୟତା କରିବା ପାଇଁ ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ନେତାଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ଅର୍ଜୁନ ରାମ ମେଘୱାଲ୍, ଶୋଭା କରନ୍ଦଲାଜେ, ଅନ୍ନପୂର୍ଣ୍ଣା ଦେବୀ ଯାଦବ, ସରୋଜ ପାଣ୍ଡେ, ବିବେକ ଠାକୁର, କ୍ୟାପ୍‌ଟେନ୍ ଅଭିମନ୍ୟୁଙ୍କୁ ଉତ୍ତରପ୍ରଦେଶ ନିର୍ବାଚନ ପାଇଁ ସହ-ପ୍ରଭାରୀ


ଧର୍ମେନ୍ଦ୍ର ପ୍ରଧାନ

କରାଯାଇଛି। ଉତ୍ତରପ୍ରଦେଶ ନିର୍ବାଚନକୁ ଭାଜପା ସର୍ବାଧିକ ଗୁରୁତ୍ୱ ଦେଉଥିବାରୁ ୬ଟି ଅଞ୍ଚଳ ପାଇଁ ସାଙ୍ଗଠନିକ ପ୍ରଭାରୀ ନିଯୁକ୍ତ କରାଯାଇଛି। ଏମ୍‌ପି ସଞ୍ଜୟ ଭାଟିଆ, ବିହାର ବିଧାୟକ ସଞ୍ଜୀବ ଚୌରାସିଆ, ଭାଜପା ରାଷ୍ଟ୍ରୀୟ ସମ୍ପାଦକ ୱାଇ. ସତ୍ୟକୁମାର ଏବଂ ଅରବିନ୍ଦ ମେନନ, ୟୁପି ନେତା ସୁନୀଲ ଓଝା, ସହ-କୋଷାଧ୍ୟକ୍ଷ ସୁଧୀର ଗୁପ୍ତା ଯଥାକ୍ରମେ ପଶ୍ଚିମ ଉତ୍ତରପ୍ରଦେଶ, ବ୍ରଜ, ଅୱଧ, ଗୋରଖପୁର, କାଶୀ ଏବଂ କାନପୁର ଅଞ୍ଚଳ ଦାୟିତ୍ୱରେ ରହିବେ। ସେହିପରି ଉତ୍ତରାଖଣ୍ଡ ନିର୍ବାଚନ ଲାଗି ପଶ୍ଚିମବଙ୍ଗ ଏମ୍‌ପି ଲକେଟ୍ ଚାଟାର୍ଜୀ ଏବଂ ଦଳ ମୁଖପାତ୍ର ଆର୍.ପି. ସିଂଙ୍କୁ ସହ-ପ୍ରଭାରୀ ନିଯୁକ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ଏବଂ ଆସାମ ମନ୍ତ୍ରୀ ଅଶୋକ ସିଂଘଲ ମଣିପୁର ପାଇଁ ସହ-ପ୍ରଭାରୀ ନିଯୁକ୍ତ ହୋଇଥିବାବେଳେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ, ମୀନାକ୍ଷୀ ଲେଖି ଏବଂ ଏମ୍‌ପି ବିନୋଦ ଚାୱ୍‌ଡ଼ାଙ୍କୁ ପଞ୍ଜାବ ପାଇଁ ସହ-ପ୍ରଭାରୀ ଦାୟିତ୍ୱ ମିଳିଛି।




# ଗଣ୍ଠି ଓ ଆଣ୍ଠୁ ବ୍ୟଥା କାହିଁକି ହୋଇଥାଏ?

**ଅଣ୍ଟା, ଆଣ୍ଠୁ, ପିଠି ଓ ଅନ୍ୟାନ୍ୟ ବ୍ୟଥା କାରଣରୁ ବ୍ୟଥିତ ଲୋକେ କୁହନ୍ତି ଯାହା ପୁରୁଣା ତେଲ କରିପାରିନାହିଁ କିନ୍ତୁ କ୍ୱିକ୍ ତ୍ୱରିତ ଆରାମ ଦେଇଛି**

**କ୍ୱିକ୍ ପୀଡ଼ାନାଶକ ତେଲର ଅଭୂତପୂର୍ବ ଚାହିଦା କାରଣରୁ କମ୍ପାନୀ ଦ୍ୱାରା ଉତ୍ପାଦନ ବୃଦ୍ଧି କରାଯାଇଛି**

ଗଣ୍ଠି ବା joints ଶରୀରର ଏପରି ଅଂଶ ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ଯୋଡ଼ି ହୋଇଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିରେ ବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଗଣ୍ଠି ବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ଦେଖାଦେଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ବଳାଗଣ୍ଠିରେ ଦେଖାଦେଇପାରେ । ଦୀର୍ଘ ସମୟ ଧରି ଗୋଟିଏ ଜାଗାରେ ବସି ରହିବା, ଯାତ୍ରା କରିବା ଦ୍ୱାରା ଆଣ୍ଠୁର ଅନମନୀୟତା ବଢ଼ିଯାଇଥାଏ ଓ ବ୍ୟଥା ଦେଖାଦେଇଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ । ଯଦି ସଠିକ୍ ସମୟରେ ଆଣ୍ଠୁ ବ୍ୟଥାରେ ଚିକିତ୍ସା କରା ନ ଯାଏ, ତେବେ ତାହା ଗଣ୍ଠିବାତର ରୂପ ମଧ୍ୟ ନେଇପାରେ, ଏବଂ ଆପଣଙ୍କୁ ଅସ୍ତ୍ରୋପଚାର କରାଇବାକୁ ପଡ଼ିପାରେ। ଗଣ୍ଠିବ୍ୟଥାର କାରଣ ଅନୁଚିତ ଖାଦ୍ୟପେୟ ଓ ଦିନଚର୍ଯ୍ୟାରେ ବ୍ୟାୟାମର ଅଭାବ, ହାଡ଼ରେ କ୍ୟାଲସିୟମର ଅଭାବ ଏବଂ ବଢ଼ନ୍ତା ବୟସ ହୋଇପାରେ । ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ'କୁ ଏବେ ବଜାରରେ ପ୍ରବେଶ କରିଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କଠାରେ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ଦେଖାଦେଇଥାଏ । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ୍ୟ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।




କ୍ୱିକ୍ ଅଏଲ୍ Flipkart | amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।

# ବିପଦ ସଙ୍କେତ ଉପରେ ଜଳକା

**ଚିନ୍ତାରେ ନଦୀକୂଳିଆ ଗ୍ରାମବାସୀ**

ରୂପସା/ବସ୍ତା, ୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ଲଗାଣ ବର୍ଷା ଯୋଗୁ ଜଳକା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ବସ୍ତା ବ୍ଲକ ଅଧୀନ ମଥାନୀଠାରେ ବିପଦ ସଂକେତ ୫.୫୦ ମିଟର ଥିବା ବେଳେ ଅପରାହ୍ନ ୩ଟାରେ ଜଳସ୍ତର ବୃଦ୍ଧି ହୋଇ ୫.୮୮ ମିଟର ଓ ସନ୍ଧ୍ୟା ୬ଟା ସୁଦ୍ଧା ୫.୮୯ ମିଟରରେ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ଅଶୋକ କୁମାର ଦାସ ପ୍ରକାଶ କରିଛନ୍ତି। ନ ଦ 1 ର ଉପରମୁଣ୍ଡ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଲାଗି ରହିଥିବା ଯୋଗୁ ବନ୍ୟା ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ନଦୀକୂଳିଆ ଗ୍ରାମବାସୀ ସମେତ ଚାଷୀକୁଳ ଚିନ୍ତାରେ ରହିଛନ୍ତି। ବନ୍ୟା ଯୋଗୁ ଏହି ବ୍ଲକର ମଥାନୀ, ବାହାର୍ଦ୍ଧା, ଦୁଧହଂସା, ସଦାନନ୍ଦପୁର, ବରୁଣଗଡ଼ିଆ, ବାସିଚକୁରି, ଦରଡ଼ା, ଗଡ଼ପଦା, ରାଉତପଡା ପଞ୍ଚାୟତ ସମେତ ସଦର ବ୍ଲକର ଶ୍ରୀରାମପୁର, ରସଲପୁର ଆଦି ପଞ୍ଚାୟତରେ ଚାଷ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାବ୍ୟତୀତ ଜଳକା ନଦୀ ପାଖ ତଳତାପଣ୍ଡା, ମେଳକ, ପେଗରପଡ଼ା, ଲକ୍ଷ୍ମଣାପଡ଼ା, ସାନଖୁଡ଼ି, ଶିବଗଡ଼ିଆ, ବଡ଼ଖୁଡ଼ି, ଧଳସାହି ଆଦି ଗ୍ରାମରେ ଦୁଇ ପାର୍ଶ୍ୱ ନଦୀବନ୍ଧର ଅଧିକାଂଶ ସ୍ଥାନ ଦୁର୍ବଳ ହୋଇଥିବାରୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



କୌଣସି କାର୍ଯ୍ୟ ଭଲ ନୁହଁ କି ମନ୍ଦ ନୁହଁ। କିନ୍ତୁ ତୁମେ କେଉଁ ମନୋଭାବ ବା ପ୍ରେରଣା ନେଇ ସେ କାମଟି କରୁଛ- ତା'ର ଉପରେ ହିଁ ସବୁ ଭଲମନ୍ଦ ନିର୍ଭର କରେ। -ଶ୍ରୀମା



# ଜଳ ସୁରକ୍ଷା ଓ ଆଧୁନିକ ଅର୍ଥ ବ୍ୟବସ୍ଥା



ଗ୍ୟୁଲିଓ ବୋକାଲେଟି

ୟୁରୋପର ବିସ୍ତୀର୍ଣ୍ଣ ଅଞ୍ଚଳ ବନ୍ୟା ଏବଂ ପଶ୍ଚିମ ଆମେରିକା ସମ୍ପୂର୍ଣ୍ଣ ନିଆଁ ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପରିବର୍ତ୍ତିତ ଜଳବାୟୁ ଓ ଜଳ ନିୟନ୍ତ୍ରଣରେ ବିଫଳତା ଯୋଗୁ ପରିସ୍ଥିତି ଅସହନୀୟ ହୋଇଥାଏ। ଏଭଳି ସମସ୍ୟାକୁ ବିକାଶଶୀଳ ଦେଶଗୁଡ଼ିକ ସବୁବେଳେ ସାମ୍ନା କରନ୍ତି ଓ ଏ ସମ୍ପର୍କରେ ଭଲ ଭାବେ ଜାଣନ୍ତି। ଏବେ କିନ୍ତୁ ଏହି ସମସ୍ୟାକୁ ଧନୀ ଦେଶଗୁଡ଼ିକ ଅନୁଭବ କରୁଛନ୍ତି। ଗ୍ରୀଷ୍ମର ଘୋର ବିପର୍ଯ୍ୟୟ ପରେ ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲଙ୍କ ଠାରୁ ଆରମ୍ଭ କରି ଓରେଗାଁଓ ଗଭର୍ନର କାଟେ ବ୍ରାଉନଙ୍କ ପର୍ଯ୍ୟନ୍ତ ବହୁ ରାଜନେତା ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ବୈଶ୍ୱିକ ଯୁଦ୍ଧକୁ ତୀବ୍ର କରିବା ଲାଗି ଡାକରା ଦେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ରୋକିବାକୁ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଲାଗି ଜରୁରିକାଳୀନ ପଦକ୍ଷେପ ନିଆଯାଉଛି। ହେଲେ ଏହା ଯଥେଷ୍ଟ ନୁହେଁ। ଏବେ ଧନୀ ଦେଶ ସମୂହର ଜଳ ସୁରକ୍ଷାର ଅଭାବ ଜଳବାୟୁ ପରିବର୍ତ୍ତନକୁ ନୁହେଁ, ବରଂ ବ୍ୟାପକ ରାଜନୈତିକ ବିଫଳତାର ପ୍ରମାଣ ଦେଉଛି।

ବିଂଶଶତାବ୍ଦୀର ପ୍ରାରମ୍ଭରେ ସମସ୍ତେ ଏକ କଠିନ ଜଳବାୟୁ ପରିସ୍ଥିତିର ସାମ୍ନା କରୁଥିଲେ। ଏହାଦ୍ୱାରା ପ୍ରଭାବିତ ମଧ୍ୟ ହେଉଥିଲେ। ଦୃଷ୍ଟାନ୍ତ ସ୍ୱରୂପ, ଆମେରିକାର ପଶ୍ଚିମ ଭାଗରେ ଯେଉଁମାନେ ମଧ୍ୟମ ଜଳବାୟୁ ସହ ଅଭ୍ୟସ୍ତ ଥିଲେ ସେମାନଙ୍କ ପାଇଁ ମଧ୍ୟ ସେହି ଅଞ୍ଚଳ ବାସ ଅନୁପଯୋଗୀ ହୋଇଗଲା। କାଲିଫର୍ନିଆ ଇମ୍ପେରିଆଲ ଭ୍ୟାଲିର ଫଳବଗିଚା ଏବେ ସୁଦ୍ଧା ତା' ପୂର୍ବ ସ୍ଥିତିକୁ ଆସିପାରିନାହିଁ। ଭ୍ୟାଲିର ଉର୍ବର ମାଟି ଶୁଖି କଠିନ ହେବା ସହ ଏହା ଚାଷ ପାଇଁ ଅନୁପପଯୋଗୀ ହୋଇଗଲା। ସାଂସ୍କୃତିକ ତଥା ବୌଦ୍ଧିକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଥିବା ସାନ ଡିଏଗୋ, ଲସ୍ ଏଞ୍ଜେଲ୍ସ, ଲାସ୍ ଭେଗାସ, ଫୋଏନିକ୍ସ ସହରରେ ଜଳାଭାବ ଯୋଗୁ ଆଧୁନିକ ଜୀବନଶୈଳୀରେ ଜୀବନ ବିତାଉଥିବା ଲୋକମାନଙ୍କୁ କିଛି ସହଯୋଗ କରିପାରିଲେ ନ ଥିଲେ। ସେହିପରି ପଞ୍ଚମ ଶତାବ୍ଦୀରେ ପାଶ୍ଚାତ୍ୟ ରୋମ ସାମ୍ରାଜ୍ୟର ପତନ ପର୍ଯ୍ୟନ୍ତ ୟୁରୋପୀୟ ଅଞ୍ଚଳ ଉନ୍ନତ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ରହିଥିଲା, ଜଙ୍ଗଲମୟ ଥିଲା । ଆମେ ଏବେ ଏହି ମହାଦେଶର ଜଙ୍ଗଲକୁ ଅତ୍ୟନ୍ତ ରୋମାଞ୍ଚକ ବୋଲି କହିପାରିବା। ଶତାବ୍ଦୀ ଶତାବ୍ଦୀ ଧରି ଜର୍ମାନୀର ଇଞ୍ଜିନିୟରମାନେ ସମ୍ପୂର୍ଣ୍ଣ ମହାଦେଶରେ ଏହି ସବୁ ଜଙ୍ଗଲିଆ ଅଞ୍ଚଳକୁ ତା' ପୂର୍ବ ସ୍ଥିତିକୁ ଫେରାଇ ଆଣିବା ଲାଗି ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ ଓ ଏହାର ସ୍ଥାୟୀ ସୁରକ୍ଷା କରିପାରି ନ ଥିଲେ। ସେ ସମୟରେ ଚାଇନାର ଝିଙ୍ଗ୍ ରାଜବଂଶ ବିଶ୍ୱରେ ଖ୍ୟାତି ଲାଭ କରିଥିଲା। ଏସିଆର ବୃହତ୍ ନଦୀଗୁଡ଼ିକର ଜଳ ନିୟନ୍ତ୍ରଣ କରିବାର ସାମର୍ଥ୍ୟ ଯୋଗୁ ଏହା ସମ୍ଭବ ହୋଇଥିଲା। ତଥାପି ଲଗାତର ପ୍ରାକୃତିକ ବିପର୍ଯ୍ୟୟକୁ ଏହା ଦୂରେଇପାରି ନ ଥିଲା। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବି ଜଳବାୟୁ ସ୍ଥିତି ସେହି ଚାଇନାକୁ ପ୍ରଭାବିତ କରି ରଖିଥିଲା। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ଲାଗି ସେତେବେଳେ ବିଶ୍ୱସ୍ତରରେ କେବଳ ଗୋଟିଏ ଢାଞ୍ଚାରେ ପଦକ୍ଷେପ ନିଆଯାଉଥିଲା। କିନ୍ତୁ ପରେ ସବୁକିଛି ପରିବର୍ତ୍ତନ ହୋଇଗଲା। ଦୁଇଟି ବିଶ୍ୱଯୁଦ୍ଧ ଏବଂ ବର୍ଦ୍ଧିତ ରାଜନୈତିକ ସ୍ୱାଧୀନତା ତଥା ମତାଧିକାର ବୈଶ୍ୱିକ କଲ୍ୟାଣ ଲାଗି ଦାବିକୁ ଜୋର୍‌ଦାର କଲା। ଆଉ ମଧ୍ୟ ଉନବିଂଶ ଶତାବ୍ଦୀରେ ବିଶିଷ୍ଟ ବ୍ୟକ୍ତି ତଥା ରାଜାନେତାମାନେ ଆର୍ଥିକ ଅଭିବୃଦ୍ଧି ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏଥିରେ ପୁଞ୍ଜି ଶେୟାର କରାଯାଉ ନ ଥିଲା। ପରେ ବେରୋଜଗାରୀ ଓ ଅସୁରକ୍ଷା ବୃଦ୍ଧି ଯୋଗୁ ରାଜନେତାମାନେ ଉତ୍ତରଦାୟୀ ରହିଲେ ଏବଂ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ସେମାନେ ଅଧିକ ଚିନ୍ତା କଲେ। ଏହି କ୍ରମରେ ଆର୍ଥିକ ବ୍ୟବସ୍ଥାରେ ସହଜରେ ପାଣି ଉପଲବ୍ଧ କରାଇବା ଏକ ରାଜନୈତିତିକ ଅନିବାର୍ଯ୍ୟତା ହେଲା ଏବଂ ଏହା ଦେଶ ଗଠନରେ ଏକ ପ୍ରମୁଖ କାରକ ପାଲଟିଲା।

ଏହି ଧାରାରେ ଚାଲିଥିବା ଅଧିକାଂଶ ଦେଶ ସେମାନଙ୍କ ଜଳଉତ୍ସକୁ କଞ୍ଜ୍ୟୁମର ଇକୋନୋମି ବା ଉପଭୋକ୍ତା ଅର୍ଥବ୍ୟବସ୍ଥାର ସେବାରେ ପରିବର୍ତ୍ତନ କରିବା ଆରମ୍ଭ କଲେ। ସେମାନେ ମଧ୍ୟ ଏକ ବିସ୍ତାରିତ ରାଜନୈତିକ କ୍ଷେତ୍ରକୁ ପ୍ରବେଶ କଲେ। ସୁଧାର ଯୋଜନାଗୁଡ଼ିକରେ ଚାଷଜମି ବଢ଼ାଇଲେ ଏବଂ ବ୍ୟାପକ ଆର୍ଥିକ ସୁଯୋଗ ସୃଷ୍ଟି କଲେ। ପରେ ସାମ୍ନାକୁ ଆସିଲା ଜଳବିଦ୍ୟୁତ ପ୍ରକଳ୍ପ। ଏହା ଶିଳ୍ପକରଣ ଏବଂ ଗଣ ରୋଜଗାରକୁ ସମର୍ଥନ କରିବା ସହ ଆଗକୁ ବଢ଼ାଇବାରେ ସାହାଯ୍ୟ କଲା। କ୍ରମଶଃ ନଦୀଗୁଡ଼ିକ ବିକାଶର ରୂପରେଖ ପାଲଟିଗଲା। ସହରଗୁଡ଼ିକ ବୃଦ୍ଧିପାଇଲା ଓ ସେଠାରେ ବନ୍ୟା ରାଜନୈତିକ ଦୃଷ୍ଟିକୋଣରୁ ଅସହନୀୟ ହେଲା। ସ୍ୱଚ୍ଛ ଜଳ ଯୋଗାଣ ଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ଦୂର କରାଗଲା। ନଦୀପାର୍ଶ୍ୱ ସୁରକ୍ଷା ବନ୍ଧ, ବନ୍ୟା ପ୍ରତିରୋଧୀ ବ୍ୟବସ୍ଥା, କେନାଲ ଏବଂ ଜଳଭଣ୍ଡାର ଅଧିକ କରାଯିବା ଯୋଗୁ ଧୀରେ ଧୀରେ ସ୍ଥିତିରେ ପରିବର୍ତ୍ତନ ଆସିଲା। ଦେଶର ଅର୍ଥବ୍ୟବସ୍ଥାରେ ଏ ସବୁ ନିର୍ମାଣ କରିବା ଲାଗି ସବୁବେଳେ ଅର୍ଥ ବରାଦ କରାଗଲା ଏବଂ ମତଦାତାଙ୍କ ମହତ୍ୱାକାଂକ୍ଷାକୁ ଲକ୍ଷ୍ୟ କରି ଏହାକୁ ସମର୍ଥନ କରାଗଲା। ବିଂଶ ଶତାବ୍ଦୀରେ ସବୁଠୁ ବୃହତ୍ ଜଳ ପରିଯୋଜନା ହାତକୁ ନେଇ ଆମେରିକା ଏ କ୍ଷେତ୍ରରେ ସବୁଠୁ ଆଗରେ ରହିଲା।

ଆଧୁନିକ ଜଳ ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରିବାର ଧାରା ବିଶ୍ୱରେ ବ୍ୟାପିଲା ଓ ବଢ଼ିଚାଲିଲା। ଏକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ମଧ୍ୟ ଲକ୍ଷ୍ୟ କରାଗଲା। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଣିଷ ପାଖରେ କୌଣସି ଜଳଭଣ୍ଡାର କିମ୍ବା ବଡ଼ ଡ୍ୟାମ୍ ନ ଥିଲା। ତେବେ ୧୯୭୦ ଦଶକ ସୁଦ୍ଧା ପୃଥିବୀରୁ ସମୁଦ୍ରକୁ ବହିଯାଉଥିବା ଜଳର ପ୍ରାୟ ୫ ଭାଗରୁ ୧ ଭାଗ ଧରି ରଖା ଯାଇପାରିଲା। ଲୋକମାନେ ପରିବେଶଗତ ପ୍ରଭାବକୁ ଦୂରେଇ ଦେଇ ସ୍ଥିତିରେ କିଛି ପରିବର୍ତ୍ତନ ଆଣିଲେ। ଏହି ଉଦ୍ୟମ ଆଧୁନିକ ଯୋଜନା କରିବାରେ ସାହାଯ୍ୟ କଲା। ଶେଷରେ ଲୋକମାନେ ଏକ କଷ୍ଟଦାୟକ ଜଳବାୟୁର ପ୍ରଭାବରୁ ବଞ୍ଚିପାରିଲେ। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ ବିକଶିତ ଦେଶଗୁଡ଼ିକରେ ରହୁଥିବା ଲୋକମାନେ ନଦୀବନ୍ଧ ଓ ଅନିକଟରୁ ବହିଯାଉଥିବା ଜଳ କଥା ଚିନ୍ତା କରି ନ ଥିଲେ। ପରେ ଏଥିରେ ପରିବର୍ତ୍ତନ କରାଗଲା। ଉପଭୋକ୍ତା ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ମଧ୍ୟ ଆସିଲା। ଏସବୁ ବାଦ୍ ଚଳିତ ବର୍ଷ କାଲିଫର୍ନିଆ ଓ ଜର୍ମାନୀର ଲୋକମାନେ ପ୍ରକୃତିର କରାଳ ରୂପ ଦେଖି ସ୍ତବ୍ଧ ହୋଇଯାଇଛନ୍ତି। ଏକ ପ୍ରଳୟଙ୍କରୀ ସ୍ଥିତି ସେମାନେ ଦେଖିଲେ ଯାହା ଚିନ୍ତା ବାହାରେ। ବନ୍ୟା ଓ ମରୁଡ଼ି ଲଗାତର ବିଶ୍ୱର କୋଟି କୋଟି ଗରିବଙ୍କୁ ପ୍ରଭାବିତ କରି ଆସିଥିଲେ ମଧ୍ୟ ଏଭଳି ଘଟଣାଗୁଡ଼ିକ କ୍ୱଚିତ ଚର୍ଚ୍ଚାକୁ ଆସୁଛି। ମାଲଥୁସିଆନଙ୍କ ବିଶ୍ୱାସରେ ଦାରିଦ୍ର୍ୟକୁ ନୈତିକ ବିଫଳତାର ଏକ ଲକ୍ଷଣ ଭାବେ ବିଚାର କରାଯିବା ଭଳି ଅବିକଶିତର ଏକ ଅପରିହାର୍ଯ୍ୟ ପରିଣାମ ରୂପେ ବିକାଶଶୀଳ ଦେଶଗୁଡ଼ିକରେ ଘଟୁଥିବା ବିପର୍ଯ୍ୟୟକୁ ଅସ୍ୱୀକାର କରାଯାଉଛି।

ବିକାଶ ଓ ସ୍ଥାୟୀ ରାଜନୈତିକ ବ୍ୟବସ୍ଥା ଯୋଗୁ ଜଳ ସୁରକ୍ଷା ହେଉଛି ତାହା ନୁହେଁ, ବରଂ ଏହାର ଉଭୟ କ୍ଷେତ୍ରକୁ ଯଥେଷ୍ଟ ଅବଦାନ ରହିଛି। ଆଧୁନିକ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏବଂ ସ୍ଥାୟୀ ରାଜନୈତିକ ବ୍ୟବସ୍ଥା ଜଳ ସୁରକ୍ଷା ଓ ଏହାଦ୍ୱାରା ସୃଷ୍ଟି ସୁଯୋଗର ପ୍ରତିଶ୍ରୁତିରୁ ହିଁ ଗଢି ଉଠିଥିଲା। କିନ୍ତୁ ଏହି ପ୍ରତିଶ୍ରୁତି ପୂରଣ କରିବାରେ ଏମାନେ ବିଫଳ ହୋଇଛନ୍ତି। ଏହା ନାଗରିକ ଓ ଦେଶ ମଧ୍ୟରେ ଥିବା ଦୃଢ଼ ବନ୍ଧନ ଉପରେ ସିଧାସଳଖ ବିପଦ ଠିଆ କରିଦେଇଛି। ସମ୍ଭବତଃ ବିଂଶଶତାବ୍ଦୀର ଜଳ ସୁରକ୍ଷାର ସ୍ଥାୟୀ ସମାଧାନ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇନାହିଁ ବୋଲି ପ୍ରମାଣିତ ହେଉଛି। ଏହି ଶତାବ୍ଦୀରେ ପରିବେଶ ସହ ଆମର ନୂଆ ସମ୍ପର୍କ ଯୋଡ଼ିବାରେ ଜଳବାୟୁଜନିତ ବିପର୍ଯ୍ୟୟଗୁଡ଼ିକ ଅଗ୍ରଦୂତ ଭାବେ ରହିଛନ୍ତି ଏବଂ ପିଢ଼ି ପିଢ଼ି ଧରି ଆମେ ଉପସ୍ଥାପନ କରି ନ ଥିବା ପ୍ରଶ୍ନଗୁଡ଼ିକୁ ପୁଣି ଉଖାରିଛନ୍ତି। ଆମେ ପରିବେଶ ଓ ଆମ ଅଞ୍ଚଳକୁ କେମିତି ଦେଖିବାକୁ ଚାହୁଁ। କେଉଁ ବିପଦଗୁଡ଼ିକ ଆମେ ସହିବାକୁ ସକ୍ଷମ। ପରିବେଶଗତ ସୁରକ୍ଷା ଦୃଷ୍ଟିକୋଣରୁ ଆମେ ଦେଶଠାରୁ କ'ଣ ଆଶା କରିବା ଉଚିତ ଏବଂ ଏଥିରେ ଆମର କ'ଣ ଅଧିକାର ନିହିତ ରହିଛି। ଏସବୁ ରାଜନେତିକ ପ୍ରଶ୍ନଗୁଡ଼ିକୁ ବୁଝିବା କଷ୍ଟକର। ଏ ପ୍ରଶ୍ନଗୁଡ଼ିକ ମଧ୍ୟ ଏକବିଂଶ ଶତାବ୍ଦୀର ପ୍ରମୁଖ କେନ୍ଦ୍ର ପାଲଟିବ।

**ଅନରାରି ରିସର୍ଚ୍ଚ ଆସୋସିଏଟ୍, ସ୍ମିଥ୍ ସ୍କୁଲ ଅଫ୍ ଏଣ୍ଟରପ୍ରାଇସ ଆଣ୍ଡ୍ ଏନଭାଇରନ୍‌ମେଣ୍ଟ, ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ**

# ହୋମ୍ ପ୍ୟୁରିଫାୟର



ଡ. ନରେନ୍ଦ୍ର ସେଠୀ

ବର୍ତ୍ତମାନ ବାୟୁ ପ୍ରଦୂଷଣ ଯେଉଁ ପରିମାଣରେ ବଢ଼ିଲାଣି ଦିଲ୍ଲୀ ଭଳି ସହରରେ ଘର ଭିତରେ ମଧ୍ୟ ରହିବା କାଠିକର ପାଠ। ଏହି ସମସ୍ୟାକୁ ଆଖିଆଗରେ ରଖି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ଘର ପାଇଁ ବାୟୁ ବିଶୋଧନ ଉପକରଣ ବଜାରରେ ଉପଲବ୍ଧ କରାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଦଶବର୍ଷ ତଳେ (୨୦୧୧) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଦିଲ୍ଲୀରେ ପିଏମ୍ ଟେନ୍ ବା ବାୟୁରେ ଦଶ ମାଇକ୍ରନ୍‌ରୁ ଛୋଟ ଧୂଳିକଣା ମାତ୍ରାରେ ଆବଶ୍ୟକ ସୀମାଠାରୁ ଦଶ ଗୁଣ ବୃଦ୍ଧି ପାଇଥିଲା। ଏହି ଛୋଟ ଧୂଳିକଣା ନିଃଶ୍ୱାସ ବାଟେ ଶରୀରର ଆଭ୍ୟନ୍ତରୀଣ ସ୍ଥାନରେ ପହଞ୍ଚି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ୨୦୧୬ ତଥ୍ୟ ଉପରେ ଆଧାରିତ ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ଅତି କମ୍‌ରେ ୧୪୦ ନିୟୁତ ଲୋକ ନେଉଥିବା ନିଃଶ୍ୱାସରେ ପ୍ରଦୂଷଣର ମାତ୍ରା ଡବ୍ଲ୍ୟୁଏଚ୍‌ଓ ସୁରକ୍ଷିତ ସୀମାଠାରୁ ୧୦ ଗୁଣ କିମ୍ବା ଅଧିକ। ଏଠାରେ କହିବା ବାହୁଲ୍ୟ ଯେ ଭାରତ ସରକାରଙ୍କ ଆର୍ଥିକ ସର୍ଭେ ୨୦୧୮ ଅନୁଯାୟୀ ଦିଲ୍ଲୀରେ ପ୍ରତି ହଜାର ବ୍ୟକ୍ତି ପିଛା ୫୬୬ ମୋଟର ଯାନ ପଞ୍ଜୀକୃତ ଥିଲା। ଅର୍ଥାତ୍ ଦିଲ୍ଲୀରେ ମୋଟର ଯାନ ସଂଖ୍ୟା ଏକ କୋଟିରୁ ଅଧିକ ଓ ଦୁଚକିଆ ଯାନ ୭୦ ଲକ୍ଷରୁ ଊର୍ଦ୍ଧ୍ୱ । ଅର୍ଥାତ୍ ଆମେ ଘରେ ବନ୍ଦ ହୋଇ ରହିଲେ ମଧ୍ୟ ବାୟୁ ପ୍ରଦୂଷଣରୁ ନିଜକୁ ରକ୍ଷା କରିବା କଷ୍ଟକର। ଯାହାର ଚାହିଦାକୁ ଲକ୍ଷ୍ୟ କରି ଏବେ ପ୍ରଦୂଷିତ ବାୟୁକୁ ସଫା କରିବା ପାଇଁ ଅନେକ ପ୍ରକାରର ହୋମ୍ ଏୟାର ପ୍ୟୁରିଫାୟର ବଜାରରେ ଉପଲବ୍ଧ। ଏହି ବାୟୁ ଶୋଧକ ଉପକରଣ ଘର ଭିତରେ ଥିବା ବାୟୁରୁ ଅନେକାଂଶରେ ଛୋଟ ଛୋଟ ଧୂଳି କଣାଗଡ଼ିକ ଛାଣି ବାହାର କରିବାରେ ସକ୍ଷମ। କିନ୍ତୁ ବାୟୁରେ ମିଶି ରହିଥିବା ହାନିକାରକ ଯଥା ମିଥେନ, ବେଞ୍ଜିନ, ଫର୍ମାଲ ଡିହାଇଡ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ ଭଳି ଅତି ବିପଦ ଜନକ ପ୍ରଦୂଷିତ ଗ୍ୟାସ୍‌କୁ ବାହାର କରି ପାରନ୍ତି ନାହିଁ। ଯେହେତୁ କୌଣସି ବାୟୁ ଶୋଧନକାରୀ ଉପକରଣ ଏସବୁ କରିବାରେ ଅସମର୍ଥ, ଆମକୁ କିଛି ଅନ୍ୟ ଉପାୟ ଅବଲମ୍ବନ କରିବାକୁ ହେବ। ଠିକ୍ ଯେମିତି ଘର ବାହାରେ ଅମ୍ଳଜାନର ଏକମାତ୍ର ଉତ୍ସ ଗଛ ସେମିତି ଘର ଭିତରେ ମଧ୍ୟ ଅମ୍ଳଜାନ ମାତ୍ରା ବଢ଼େଇବା ପାଇଁ ଗଛର ସାହାଯ୍ୟ ଲୋଡ଼ିବାକୁ ହେବ। ତେବେ ଆମେ ଘରେ ଅମ୍ଳଜାନର ମାତ୍ରା ବଜାୟ ରଖିବା ଏବଂ ବାୟୁକୁ ଶୋଧନ କରିବା ପାଇଁ ସବୁ ଗଛ ଘର ଭିତରେ ଲଗେଇ ପାରିବା ନାହିଁ। କାରଣ ଘର ଭିତର ସୂର୍ଯ୍ୟ କିରଣ ନ ଥାଏ । ତେବେ କିଛି ଗଛ ଅଛି, ଯାହାକୁ ଆମେ ଘର ଭିତରେ କୁଣ୍ଡ ଜରିଆରେ ଲଗେଇ ପାରିବା।

ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ, କାନପୁର ଏବଂ ଆମେରିକାର ପ୍ରମୁଖ ଗବେଷଣା ସଂସ୍ଥା ନାସାର ଅଧ୍ୟୟନରୁ ଜଣାଯାଏ ଯେ ଘର ଭିତରେ ପାଞ୍ଚ ପ୍ରକାର ଗଛ ଲଗେଇ ପାରିବା, ଯାହା ଘର ଭିତରେ ଅନାୟାସରେ ବଢ଼ିଥାଏ। ଏହା ପ୍ରଚୁର ପରିମାଣରେ ଅମ୍ଳଜାନ ଦେବା ସଙ୍ଗେ ସଙ୍ଗେ ବାୟୁ ବିଶୋଧନ ମଧ୍ୟ କରିଥାଏ। ଏଥି ମଧ୍ୟରେ ସବୁଠୁ ଶୀର୍ଷରେ ଲୋକପ୍ରିୟ ହେଲା ଏରକା ପାମ୍ ଗଛ। ଏହାକୁ କୁଣ୍ଡରେ ଲଗେଇ ଡ୍ରଇଂ ରୁମ୍‌ରେ ରଖାଯାଇ ପାରେ । ଏହି ଗଛର ବିଶେଷତ୍ୱ ହେଲା ଏହା ଅମ୍ଳଜାନ ଦେବା ସହିତ ବାୟୁରୁ ବେଞ୍ଜିନ, ଫରମାଲ ଡିହାଇଡ, ଟ୍ରାଇକ୍ଲୋରୋଏଥିଲିନ ଭଳି ଅତି ହାନିକାରକ ପ୍ରଦୂଷକକୁ ବାହାର କରିଦିଏ। ଦିତୀୟରେ ଗଛଟି ହେଲା ସ୍ନେକ ପ୍ଲାଣ୍ଟ ଏହା ହାତ ଗଣତି କେତୋଟି ଗୁଳ୍ମ ଭିତରେ ଗଣାଯାଏ, ଯାହା ରାତିରେ ଅଙ୍ଗାରକାମ୍ଳକୁ ଅମ୍ଳଜାନରେ ପରିବର୍ତ୍ତନ କରିଥାଏ। ଏହା ମଧ୍ୟ ହାନିକାରକ ବେଞ୍ଜିନ, ଟଲ୍ୟୁନେ, ଜାଇଲିନ, ନାଇଟ୍ରୋଜେନ ଅକ୍ସାଇଡ ପ୍ରଭୃତି ଗ୍ୟାସ୍‌କୁ ବିଶୋଧନ କରିଥାଏ। ଏଥିପାଇଁ ଏହି ସ୍ନେକ ପ୍ଲାଣ୍ଟକୁ ଶୋଇବା ଘରେ ରଖାଯାଏ । ନାସାର ଅଧ୍ୟୟନ ଅନୁସାରେ ଏକ ଅଠର ଶହ ବର୍ଗଫୁଟ୍ ବଡ଼ ଘର ପାଇଁ ପନ୍ଦରଟି ମଧ୍ୟମ ଧରଣର ସ୍ନେକ ପ୍ଲାଣ୍ଟ ପର୍ଯ୍ୟାପ୍ତ ଅମ୍ଳଜାନ ଦେଇଥାଏ। ଅର୍ଥାତ୍ ଗୋଟିଏ କିଙ୍ଗ ସାଇଜ ଘର ପାଇଁ ମାତ୍ର ଗୋଟିଏ ମଧ୍ୟମ ଧରଣର ସ୍ନେକ ପ୍ଲାଣ୍ଟ ଯଥେଷ୍ଟ। ସେହିପରି ନିମ ଓ ବରଗଛ ରାତିରେ ଅମ୍ଳଜାନ ପ୍ରଦାନ କରିଥାନ୍ତି। ଏସବୁ ଗଛର ବଂଶାଇ ଡ୍ରଇଂ ରୁମ୍‌ରେ ରଖାଯାଇ ପାରେ। ଆଲୋଭେରାକୁ କୁଣ୍ଡରେ ଘର ଭିତରେ ରଖାଯାଇ ପାରେ । ଏହା ରାତିରେ ଅମ୍ଳଜାନ ଦେବା ସଙ୍ଗେ ସଙ୍ଗେ ବାୟୁରୁ ହାନିକାରକ ତତ୍ତ୍ୱ ଶୋଷଣ କରିଥାଏ । ତୁଳସୀ ମଧ୍ୟ ରାତିରେ ଅମ୍ଳଜାନ ପ୍ରଦାନ କରିଥାଏ । ଅନ୍ୟ ଉଲ୍ଲେଖନୀୟ ଗଛ ଯାହା ଆମେ ଘର ଭିତରେ ବାୟୁ ଶୋଧନ ପାଇଁ ଲଗେଇ ପାରିବା ତାହା ହେଲା କ୍ରିସମାସ କାକଟସ, ବାମ୍ବୁ ପାମ୍, ସ୍ପାଇଡର ପ୍ଲାଣ୍ଟ , ଗାରବେରା ଇତ୍ୟାଦି। ଏସବୁ ଗଛ ଘରେ ରଖିଲେ ତାହା ମହଙ୍ଗା ଓ ବ୍ରାଣ୍ଡେଡ ବାୟୁ ବିଶୋଧନକାରୀ ଉପକରଣଠାରୁ ଅନେକ ଗୁଣରେ ଅଧିକ ଉପଯୋଗୀ ହେଇଥାଏ। ତେଣୁ ଆମେ ସମସ୍ତେ ଏହି ପ୍ରାକୃତିକ ହୋମ ପ୍ୟୁରିଫାୟରଗୁଡ଼ିକୁ ଘରେ ଘରେ ବ୍ୟବହାର କରିବା ଆବଶ୍ୟକ।

**ଜାମୁଗାଁ, ଅସ୍ତରଙ୍ଗ, ପୁରୀ,**
**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ପ୍ରକୃତିର ଅନେକ କରିସ୍ମା ଦେଖିଛନ୍ତି । ତେବେ ନିକଟରେ ମଧ୍ୟପ୍ରଦେଶର ସିଦ୍ଧି ଜିଲାରେ ଘଟିଥିବା ଘୂର୍ଣ୍ଣିଝଡ଼ରେ ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ହଠାତ୍ ଏକ ପୋଖରୀର ପାଣି ୨୦ ଫୁଟ ଉପରକୁ ଉଠିଯାଇଥିଲା। ସିଦ୍ଧି ଜିଲା ମୁଖ୍ୟାଳୟଠାରୁ ୮୦କି.ମି. ଦୂର ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳ କୁଶମୀର ଭୂଇମାଡ ଗାଁରେ ଏଭଳି ଦୃଶ୍ୟ ଦେଖାଯାଇଛି। ସେଠାରେ ଅପରାହ୍ନରେ ହଠାତ୍ ଝଡ଼ ଆସିଲା ଓ ଏହାର ଗତି ଏତେ ତୀବ୍ର ଥିଲା ଯେ, ତାହା ପୋଖରୀରୁ ପାଣିକୁ ୩୦ ଫୁଟ ଉପରକୁ ନେଇଗଲା। ଉପରେ ୨୦ରୁ ୩୦ ମିନିଟ୍ ରହିବା ପରେ ପୁଣି ପାଣି ପୋଖରୀରେ ପଡ଼ିଥିଲା। ଗୋଟିଏ ପମ୍ପରୁ ପ୍ରେସରରେ ପାଣି ଉପରକୁ ଉଠିଲା ଭଳି ଥିଲା ଏହି ଦୃଶ୍ୟ। ଏହାଦେଖି ପ୍ରଥମେ ଲୋକମାନେ ଭୟ କରିଯାଇଥିଲେ କିନ୍ତୁ ପରେ ସେମାନେ ମୋବାଇଲରେ ଏହାକୁ ଉତ୍ତୋଳନ କରିଥିଲେ। ଝଡ଼ ପ୍ରଥମେ ଗାଁର ଚାଳଛପର ଉଡାଇ ନେବାପରେ ପୋଖରୀରୁ ପାଣି ଉପରକୁ ଉଠିବା ଆରମ୍ଭ ହୋଇଥିଲା। ଏଭଳି ଅଦ୍ଭୁତ ଦୃଶ୍ୟ ପ୍ରଥମଥର ଦେଖିବାକୁ ମିଳିଛି ବୋଲି କହନ୍ତି ସେଠାକାର ବାସିନ୍ଦା।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୬

- ବୁରୁଣ୍ଡି ରାଜଧାନୀ ବୁଜୁମ୍ବରାରେ ସଂଘର୍ଷ ଘଟି ୨୦ ଜଣ ଲୁଟୁ ବିଦ୍ରୋହୀ ଓ ତିନି ସୈନ୍ୟ ନିହତ ହୋଇଛନ୍ତି।
- ଆନ୍ଧ୍ରପ୍ରଦେଶର କୁଡ୍ଡାପା ଜିଲା ଅନ୍ତର୍ଗତ ନନ୍ଦିମଣ୍ଡଳମ୍ ଗ୍ରାମ ନିକଟ ଏକ ନାଳକୁ ଯାତ୍ରୀବାହୀ ଲରି ଖସିପଡ଼ିବା ଫଳରେ ୪୦ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ସିଡିଏମ୍‌ର ପୂର୍ବତନ ନିର୍ଦ୍ଦେଶକ ଡଃ ଟି.ଏନ୍. କ୍ରିଷ୍ଣନଙ୍କ ୬୩ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 1 | |
| | 8 | | | 9 | | | | 2 |
| 6 | 9 | | 1 | | | | | 5 |
| | | 8 | | | | | | 1 |
| 1 | | 7 | | | 4 | | | 3 |
| | | | | 8 | | | 9 | |
| | | | | | 8 | 4 | | |
| 3 | | | | | | | | |
| | | | 7 | | | 1 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 6 | 9 | 2 | 4 | 1 | 3 |
| 2 | 4 | 6 | 1 | 3 | 8 | 5 | 9 | 7 |
| 1 | 9 | 3 | 4 | 5 | 7 | 2 | 6 | 8 |
| 7 | 6 | 8 | 5 | 2 | 9 | 1 | 3 | 4 |
| 5 | 3 | 1 | 7 | 8 | 4 | 9 | 2 | 6 |
| 4 | 2 | 9 | 3 | 1 | 6 | 8 | 7 | 5 |
| 3 | 1 | 2 | 8 | 6 | 5 | 7 | 4 | 9 |
| 9 | 8 | 7 | 2 | 4 | 3 | 6 | 5 | 1 |
| 6 | 5 | 4 | 9 | 7 | 1 | 3 | 8 | 2 |

ଗତକାଲିର ଉତ୍ତର

# ସୀମାନ୍ତ ଗାଁର ଚିତ୍ର



ଡ. ପ୍ରମୋଦ କୁମାର ପଣ୍ଡା

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଏହା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଜାତିପ୍ରାଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଏହା ବହୁ ଭାବରେ ମର୍ମାହତ କରିଥିଲା। ସେ ଯେତେବେଳେ ଏହାର କାରଣ ଅନୁଧାନ କଲେ, ଜାଣିବାକୁ ପାଇଲେ ଯେ ଓଡ଼ିଶା ଏକ ଶାସନ ଅଧୀନରେ ନ ଥିଲା। ଉତ୍ତର ଓ ତଟୀୟ ଓଡ଼ିଶା ବେଙ୍ଗଲ ପ୍ରେସିଡେନ୍ସିରେ, ଦକ୍ଷିଣ ଓଡ଼ିଶା ମାଡ୍ରାସ ପ୍ରେସିଡେନ୍ସିରେ ଓ ପଶ୍ଚିମ ଓଡ଼ିଶା ସେଣ୍ଟ୍ରାଲ ପ୍ରେସିଡେନ୍ସିରେ ଅନ୍ତର୍ଭୁକ୍ତ ଥିଲା। ତେଣୁ ଓଡ଼ିଶାର ସୁବିଧା ଅସୁବିଧାକୁ କେହି ଗୁରୁତ୍ୱ ଦେଉ ନ ଥିଲେ ଓ ପ୍ରଦେଶର ବିକାଶ ନ୍ୟୂନତମ ସ୍ତରରେ ରହି ଦାରିଦ୍ର୍ୟ ଜନସମାଜକୁ କବଳିତ କରି ସାରିଥିଲା। ତାଙ୍କର ଆପ୍ରାଣ ଉଦ୍ୟମରେ ଓ ଅନ୍ୟ ରାଜାରାଜୁଡ଼ା ଓ ସ୍ୱାଭିମାନୀ ଓଡ଼ିଆ ମାନଙ୍କ ପ୍ରଚେଷ୍ଟାରେ ଆମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ୧୯୩୬ ଏପ୍ରିଲ ୧ରେ ପାଇଲେ। ମାତ୍ର ଏହି ସମୟରେ ଓଡ଼ିଶାର ବହୁ ଗ୍ରାମ ପଶ୍ଚିମବଙ୍ଗ, ତତ୍କାଳୀନ ବିହାର (ବର୍ତ୍ତମାନର ଝାଡ଼ଖଣ୍ଡ),ତତ୍କାଳୀନ ମଧ୍ୟପ୍ରଦେଶ(ବର୍ତ୍ତମାନର ଛତିଶଗଡ଼) ଓ ଆନ୍ଧ୍ର ପ୍ରଦେଶରେ ରହିଗଲା। ସେତେବେଳେ ସେହି ଅଞ୍ଚଳରେ ଓଡ଼ିଆ ସ୍କୁଲ ଚାଲୁରଖିବା ଓ ସେଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ପାଇଁ ସେଠାକାର ପ୍ରାଦେଶିକ ସରକାର ବାଧ୍ୟ ବୋଲି ଆଇନରେ ବ୍ୟବସ୍ଥା ଥିଲା। ଧୀରେ ଧୀରେ ଶିକ୍ଷକମାନଙ୍କ ଅବସର ପରେ ସ୍କୁଲ ଗୁଡ଼ିକ ବନ୍ଦ କରି ଦିଆଗଲା କିମ୍ବା ସେଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରାଗଲା ନାହିଁ । ତେଣୁ ସୀମାବର୍ତ୍ତୀ ଅଞ୍ଚଳରେ ଓଡ଼ିଆ ଲୋକ ଓଡ଼ିଆ ଶିକ୍ଷାରୁ ବଞ୍ଚିତ ହେଲେ ଓ ସେହି ପ୍ରଦେଶର ଶିକ୍ଷା ଲାଭ କରିବାକୁ ଲାଗିଲେ। ଅପରପକ୍ଷରେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାରେ ଯେତେ ପ୍ରାଦେଶିକ ସରକାର ଆସିଲେ, ସେମାନେ ଅଭ୍ୟନ୍ତରୀଣ ଓଡ଼ିଶାର ବିକାଶକୁ ଗୁରୁତ୍ୱ ଦେଲେ ଓ ଆମ ସୀମାବର୍ତ୍ତୀ ଗ୍ରାମଗୁଡିକ ପାଇଁ ସେତେଟା ଦେଲେ ନାହିଁ। ତେଣୁ ଅନ୍ୟ ରାଜ୍ୟର ସୀମାକୁ ଲାଗିଥିବା ଆମ ରାଜ୍ୟର ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାଣି, ବଜାର ଇତ୍ୟାଦିର ବିକାଶ ହୋଇପାରିଲା ନାହିଁ। ଆମ ଓଡ଼ିଆ ଭାଇମାନଙ୍କର ଆଉ ଏକ ବଡ଼ ଭୁଲ୍ ଥିଲା ଯେ, ସେମାନେ ଆଦିବାସୀ ଅଧ୍ୟୁଷିତ ସୀମାନ୍ତ ଅଞ୍ଚଳରେ ଚାକିରି କରିବାକୁ ପସନ୍ଦ କରୁ ନ ଥିଲେ ଓ ବାଧ୍ୟବାଧକତାରେ ପଠାଗଲେ । ସେମାନେ ଅଫିସ ସବୁଦିନେ ଯାଉ ନ ଥିଲେ । ଦୁର୍ନୀତିରେ ଲିପ୍ତ ରହି ସେ ଅଞ୍ଚଳର ବିକାଶରେ ଧ୍ୟାନ ଦେଲେ ନାହିଁ। ଏହାର ସୁଯୋଗ ପଡ଼ୋଶୀ ରାଜ୍ୟଗୁଡ଼ିକ ନେଲେ। ସେମାନେ ସୀମାନ୍ତ ଗ୍ରାମଗୁଡ଼ିକରେ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ବଜାର ପ୍ରଭୃତିର ବ୍ୟବସ୍ଥା କଲେ। ଫଳରେ ଆମ ରାଜ୍ୟର ସୀମାନ୍ତବାସୀ ସେସବୁ ସୁବିଧା ପାଇବା ପାଇଁ ପଡ଼ୋଶୀ ରାଜ୍ୟ ମୁହାଁ ହେଲେ। ତା'ପରେ ଧୀରେ ଧୀରେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପଡ଼ୋଶୀ ରାଜ୍ୟଗୁଡ଼ିକ ଆମ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ କରିବା ନାଁରେ ଲୋକଙ୍କର ପ୍ରିୟଭାଜନ ହୋଇ ଆମ ରାଜ୍ୟର ଅଞ୍ଚଳକୁ ନିଜ ରାଜ୍ୟରେ ମିଶାଇବା ନିଶାରେ ଲାଗିପଡ଼ିଲେ । କିଏ କିଏ ଧମକାଇ ଆମ ଅଞ୍ଚଳକୁ ନିଜର ବୋଲି ଦାବି କରିବାକୁ ଲାଗିଲେ ତ କିଏ କିଏ ଲୁଚିଛପି ଉଦ୍ଦେଶ୍ୟ ହାସଲରେ ଲାଗି ରହିଲେ। ଆମ ପ୍ରାଦେଶିକ ସରକାରର ଅଜ୍ଞତା ପାଇଁ କିମ୍ବା ସୀମାନ୍ତବର୍ତ୍ତୀ ଅଞ୍ଚଳର ସମସ୍ୟାକୁ କର୍ଣ୍ଣପାତ ନ କରିବା କାରଣରୁ କିମ୍ବା ସରକାରଙ୍କର ଅସହାୟତା କାରଣରୁ ଏହା ଘଟିବାରେ ଲାଗିଲା। କିଛିଦିନ ପୂର୍ବେ କୋଟିଆ ଅଞ୍ଚଳକୁ ଆନ୍ଧ୍ର ନିଜ ରାଜ୍ୟରେ ଅନ୍ତର୍ଭୁକ୍ତ କରି ବିଭିନ୍ନ ବିକାଶମୂଳକ ଯୋଜନା କଲାବେଳେ ଓଡ଼ିଶାର ଜନ ପ୍ରତିନିଧିଙ୍କ ପ୍ରତିରୋଧର ସମ୍ମୁଖୀନ ହେଲା। ସରକାର ବାଧହୋଇ ୧୫୦ କୋଟି ଟଙ୍କାର ବିକାଶ ଯୋଜନା ମଞ୍ଜୁରକଲେ କୋଟିଆ ଅଞ୍ଚଳ ପାଇଁ ସୁପ୍ରିମକୋର୍ଟରେ ଆନ୍ଧ୍ର ବିରୋଧରେ ମାମଲା ଦାଏର କଲେ । ମାତ୍ର ଏହି ଭାବରେ ବିପଦକୁ ଦେଖି ସେଥିରୁ ରକ୍ଷାପାଇବା ପାଇଁ ଛୋଟ ଛୋଟ ପଦକ୍ଷେପ ନେଲେ ଆମେ ଆମର ସୀମାକୁ ସୁରକ୍ଷିତ ରଖିପାରିବା ନାହିଁ । ସୀମା ସମସ୍ୟା କିପରି ସବୁଦିନ ପାଇଁ ଶେଷ ହେବ, ସେଥିପାଇଁ ଚିନ୍ତନ ଓ କ୍ରିୟାନ୍ୱୟନ କରିବାର ସମୟ ଆସିଛି। ଆମର ପ୍ରାୟ ସବୁ ପଡ଼ୋଶୀ ରାଜ୍ୟ ସହିତ ଅଳ୍ପ ବହୁତେ ସୀମା ବିବାଦ ଅଛି । ଆମକୁ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ପାଇଁ ଏକ ସମନ୍ୱିତ ବିକାଶ ଯୋଜନା ପ୍ରଣୟନ କରିବାକୁ ପଡ଼ିବ। ପ୍ରତି ସୀମାବର୍ତ୍ତୀ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମନାଗମନ, ପାନୀୟଜଳ ଯୋଗାଣ, ବଜାର ସ୍ଥାପନ, ଗାଡ଼ିମଟର ପ୍ରଭୃତି ଚଳପ୍ରଚଳ ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ବିଭିନ୍ନ ସରକାରୀ ଅଧିକାରୀଙ୍କୁ ସେଠାରେ ନିଯୁକ୍ତି କରିବାକୁ ପଡ଼ିବ । ସେମାନଙ୍କ କାର୍ଯ୍ୟକଳାପକୁ ମଧ୍ୟ ନିରୀକ୍ଷଣ କରାଯିବା ଆବଶ୍ୟକ। ସେହି ଅଞ୍ଚଳ ଅପହଞ୍ଚ ହୋଇଥିବାରୁ, ମାତ୍ରାଧିକ ଦୁର୍ନୀତିର ଗନ୍ତାଘର। ତେଣୁ ସେ ଅଞ୍ଚଳରୁ ଦୁର୍ନୀତି ହଟାଇବାକୁ ପଦକ୍ଷେପ ନିଆଯାଉ। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଯଦି ଆମେ ବିକାଶଧାରାରେ ଯୋଡ଼ିପାରିବା, ନିଶ୍ଚିତ ରୂପେ ସେ ଅଞ୍ଚଳର ଅଧିବାସୀଙ୍କ ହୃଦୟ ଜିତିପାରିବା। ସେମାନେ ଆଉ ଅନ୍ୟ ଆଡ଼େ ଯିବାକୁ ମନ ବଳେଇବେ ନାହିଁ ।

ମୋଟ ଉପରେ ଆମ ଅନୁପସ୍ଥିତିର ସୁଯୋଗ ନେଇ ପଡ଼ୋଶୀ ରାଜ୍ୟଗୁଡ଼ିକ ଏହି ଅଞ୍ଚଳ ଉପରେ ଲୋଲୁପଦୃଷ୍ଟି ପକାଉଛନ୍ତି। ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ପୋଲିସ ବଳକୁ ଜାଗ୍ରତକରି ରଖିବାକୁ ପଡ଼ିବ । ସରଳ ଆଦିବାସୀମାନଙ୍କ ଦାରିଦ୍ର୍ୟର ସୁଯୋଗ ନେଇ ପଡ଼ୋଶୀ ରାଜ୍ୟର ଅଧିବାସୀମାନେ ତାଙ୍କ ଉପରେ ଦାଦାଗିରି କରି ତାଙ୍କ ଜମି କିମ୍ବା ସେମାନେ ଚାଷ କରୁଥିବା ଜଙ୍ଗଲ ଜମିକୁ ହାତେଇବାର ଅନେକ ଖବର ଆସୁଛି। ପୋଲିସ ବିଭାଗର କଣ୍ଟ୍ରୋଲ ରୁମ୍‌ର ନମ୍ବର ସୀମାନ୍ତବର୍ତ୍ତୀ ଗ୍ରାମବାସୀଙ୍କୁ ଦେବା ଆବଶ୍ୟକ। ଯେଉଁଠି ପଡ଼ୋଶୀଙ୍କ ଦାଦାଗିରି ଦେଖାଯିବ, ତୁରନ୍ତ ପୋଲିସ ଫୋର୍ସକୁ ଖବର ଦେବେ ଓ ପୋଲିସ ବାହିନୀ ପହଞ୍ଚି ସେମାନଙ୍କର ଦୃଢ଼ ପ୍ରତିରୋଧ କରିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଭୟଭୀତ ହେବେ ଓ ଭବିଷ୍ୟତରେ ଏଭଳି କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ। ସୀମାବର୍ତ୍ତୀ ଗ୍ରାମର ସମସ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି, ଭଲ ପାଠପଢ଼ା ଓ ଛାତ୍ରୀଛାତ୍ରଙ୍କ ପାଇଁ ବହିର ବ୍ୟବସ୍ଥା ନ କରିପାରିଲେ ଭବିଷ୍ୟତରେ ଅବସ୍ଥା ସାଂଘାତିକ ହେବ। ସେହିପରି ସେମାନକ ସ୍ୱାସ୍ଥ୍ୟ ଯତ୍ନ ପାଇଁ ପର୍ଯ୍ୟାପ୍ତ ଡାକ୍ତର ଓ ଡାକ୍ତରଖାନାର ବ୍ୟବସ୍ଥା କରିବାକୁ ପଡ଼ିବ। ଆମକୁ କେନ୍ଦ୍ର ସରକାରଙ୍କଠାରେ ଦୃଢ଼ ଦାବିକରି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଟେଲିଫୋନ ଟାୱାର ବ୍ୟବସ୍ଥା ଓ ଭଲ ରାସ୍ତା ନିର୍ମାଣ କରାଯାଉ। ସମୟ ଆସିଛି, ଆମର ସୀମାବର୍ତ୍ତୀ ଅଞ୍ଚଳ ପାଇଁ ସମନ୍ୱିତ ବିକାଶ ଯୋଜନା ପ୍ରସ୍ତୁତି ଓ ତା'ର କ୍ରିୟାନ୍ୱୟର। ଯଦି ଆମେ ସେସବୁ ଅଞ୍ଚଳର ସର୍ବାଙ୍ଗୀନ ବିକାଶ କରିବାରେ ବିଫଳ ହୁଅନ୍ତି, ସୀମାନ୍ତବର୍ତ୍ତୀ ଅଞ୍ଚଳର ଜନତା ନିଜର ସୁବିଧା ପାଇଁ ପଡ଼ୋଶୀ ରାଜ୍ୟମୁହାଁ ହେବେ ଓ ଆମେ ଯେତେ କୁମ୍ଭୀରକାନ୍ଦଣା କାନ୍ଦିଲେ ବି ତା'ର କିଛି ଫଳ ମିଳିବନାହିଁ। ଆମ ପୂର୍ବସୁରୀ ଯେଉଁ ଦୁଃଖକଷ୍ଟ ସହି ଆମକୁ ସ୍ୱତନ୍ତ୍ର ପ୍ରଦେଶଟିଏ ଦେଇଥିଲେ, ତା'ର ସୀମା ସୁରକ୍ଷା କରି ନ ପାରି ଭାଗ୍ୟକୁ ଦୋଷ ଦେବାରେ ବ୍ୟସ୍ତ ରହିବା ସବୁଦିନ ପାଇଁ।

**ପ୍ରଧାନ ବୈଜ୍ଞାନିକ,ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**ଭୁବନେଶର,ମୋ-୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଚିଡ଼ିଲେଣି ଭଦ୍ରମଣ୍ଡଳୀ

ମହାଶୟ,

ପର୍ଯ୍ୟଟନ ଶିଳ୍ପରେ ଚଡ଼କ ପଡ଼ିଥିବା ବେଳେ ରାଜ୍ୟର ୬ଟି ପ୍ରମୁଖ ବେଳାଭୂମିରେ ଚାଳିଆରେ ମଦ୍ୟପାନ ବ୍ୟବସ୍ଥା ସହିତ ନାଚଗୀତର ଆସର ଜମିବ। ବହୁ ଅନୁଷ୍ଠାନ ଏଭଳି ଆଧୁନିକତାକୁ ନ ପଶେଇବା ପାଇଁ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରୁଛନ୍ତି। ଆଧାତ୍ମିକ ସହର ପୁରୀ ବେଳାଭୂମିରେ ଏଭଳି ପ୍ରସ୍ତାବ ମୂର୍ଖାମି। ମଦ ଧନ୍ଦାରେ ନ ପଡ଼ି ସଉକ ପାଇଁ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ପାଇଁ ମନୋରଞ୍ଜନର ଭିନ୍ନ ବ୍ୟବସ୍ଥା କରାଯିବା ଦରାକର। ସେବାନିବୃତ୍ତ ଯୁଦ୍ଧ ଜାହାଜ ଓ ଇଂରେଜ ସମୟର ରେଳଗାଡ଼ି ବେଳାଭୂମିମାନଙ୍କରେ ସ୍ଥାନ ପାଇବା ଆବଶ୍ୟକ। ବିଚ୍ ଭଲି ପାଇଁ ଦର୍ଶକ ଗ୍ୟାଲେରି ନିର୍ମାଣ ଓ ଆନ୍ତର୍ଜାତିକ ସ୍ତରର ମହିଳା ଆଉ ପୁରୁଷ ପ୍ରତିଯୋଗିତା ଆୟୋଜନ ହେବା ଦରକାର। ଚାଳିଆରେ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସୁଲଭ ମୂଲ୍ୟରେ ପଖାଳ ଆଉ ଇଲିଶି ମାଛଭଜା ବ୍ୟବସ୍ଥା ହେବା ଆବଶ୍ୟକ। ସରକାର ଝାଉଁବଣ ଭିତରେ ନଡ଼ିଆ ଗଛ ଉତାରିବା ଦରକାର ।

**-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୋଧିଦିଅ ରୋଧିଦିଅ ଏ କାରାଦୁଆର,
ଘୋଟିଆସୁ ଭଇରବ ଘନ ଅନ୍ଧକାର,
ଏ ଆଲୋକ ଏ ଆକାଶ
ପରାଣେ ଦିଏ ପରାସ,
ସୁଦୂର ସ୍ମୃତିର ଆଣେ ବିରହ ଝଙ୍କାର,
ଲଗାଏ ମରମେ ମମ ମହା ହାହାକାର।

-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୯ ସେପ୍ଟେମ୍ବର, ୨୦୨୧



## ଛେଳିଚୋରକୁ ପୋଲିସ ଜିମାଦେଲେ ଲୋକେ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଶିରାବାହାଲ ଗାଁରୁ ଛେଳି ଚୋରି କରୁଥିବା ସମୟରେ ଗାଁଲୋକ ଚୋରଙ୍କୁ କାବୁକରି ବୁଧବାର ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ଯୁବକକୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମଙ୍ଗଳବାର ବିଳମ୍ବିତ ରାତିରେ ୫ଜଣ ଯୁବକ ଶିରାବାହାଲ ଗାଁକୁ ଛେଳିଚୋରୀ କରିବା ଉଦ୍ଦେଶ୍ୟରେ ଯାଇଥିଲେ। ସୁରାଗ ପାଇ ଗାଁର କେତେକ ଯୁବକ ଚୋରଙ୍କୁ ଗୋଡାଇଥିବା ବେଳେ ୪ଜଣ ଫେରାର ହୋଇଯାଇଥିଲେ। ତେବେ ମହମ୍ମଦପୁର ଗାଁର ବୈକୁଣ୍ଠ ମୁଣ୍ଡା ନାମକ ଯୁବକ ଧରାପଡିଥିଲେ।

**ସଂକ୍ଷେପରେ**

## ଜାଗା ମିଶନରେ ମିଳୁନି ଜାଗା

**ଭାଜପାର ଖବରଦାତା ସମ୍ମିଳନୀ**



ବୌଦ୍ଧ,୮।୯(ସ୍ୱ.ପ୍ର.): ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଯୋଗ ଦେଇ କହିଥିଲେ ଯେ, ବିଗତ ୨୦ ବର୍ଷ ଭିତରେ ଜିଲାର ଆଖିଦୃଶିଆ ବିକାଶ ହୋଇ ପାରିନାହିଁ। ଜିଲାରେ ମହାନଦୀ, ତେଲନଦୀ, ସାଲୁଙ୍କୀ ଓ ବାଘ ନଦୀ ପ୍ରବାହିତ ହେଉଥିଲେ ସୁଦ୍ଧା ପ୍ରତିବର୍ଷ ଫସଲ ମରୁଡି କବଳିତ ହେଉଛି। ଆନ୍ଧ୍ର ଚାଷୀ ଆସି ଜିଲାରେ କପା ଚାଷ କରି ମାଲେମାଲ ହେଉଥିବା ବେଳେ ଜିଲାର ଚାଷୀ ଭୋକରେ ରହୁଛନ୍ତି। ଜିଲାରେ ୨୨ ପ୍ରତିଶତ ଜମିକୁ ଜଳସେଚନ ହୋଇପାରିଛି। ସେହିପରି ପିଢି ପିଢି ଧରି ସ୍ଥାନୀୟ ବାସିନ୍ଦା ଜାଗା ପାଉ ନ ଥିବା ବେଳେ ଏଠି ବାହାର ରାଜ୍ୟର ଲୋକ ଜାଗା ମିଶନରେ ଜାଗା ପାଉଥିବା ଅଭିଯୋଗ କରିଥିଲେ। ଏହାସହ ଧାନର ଅଭାବୀ ବିକ୍ରୀ, ମଣ୍ଡି ଅବ୍ୟବସ୍ଥା ଓ ମିଲର୍ସଙ୍କ ମର୍ଜିରେ ଧାନ କିଣା ଚାଲିଥିବା କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଜିଲା ଦେଇ ଯାଉଥିବା ବେଳେ ଜମି ଅଧିଗ୍ରହଣରେ କାର୍ଯ୍ୟ ଅଟକିଛି। ଦଳ ପକ୍ଷରୁ ଜିଲାର ବିକାଶ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସାମନ୍ତସିଂହାର କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ପ୍ରଭାରୀ ରାମଚନ୍ଦ୍ର ମେହେର, ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ, ମାଗୁଣି ଗାଇଗୌରିଆ, ଅଟଳ ପ୍ରଧାନ, ଏ. ସାହୁ, ମିନାରାଣୀ ମିଶ୍ର , ମନୋରଞ୍ଜନ ଦାସ, ସୁଶାନ୍ତ ବାଘ, ସତ୍ୟାନନ୍ଦ ପାଣ୍ଡେ, ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ ଦୁର୍ଘଟଣାରେ ମହିଳା ମୃତ

ପାଇକମାଲ,୮।୯(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ଛକ ନିକଟ ୟୁଜିବି ବ୍ୟାଙ୍କ ସାମନାରେ ବୁଧବାର ରାତି ପ୍ରାୟ ୮ଟାରେ ରାସ୍ତା ପାର ହେଉଥିବା ବେଳେ ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ନିକଟସ୍ଥ ପଡାର ଲିତା କୁମ୍ଭାର (୫୦)। ବାଇକ ଆରୋହୀ ଭୁବନେଶ୍ୱରପୁର ହେମାଧର ପଟେଲ (୨୭)। ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବାଇକ ପଛରେ ବସିଥିବା ପଥରେଲ ଗ୍ରାମର ନାରାୟଣ ବରିହାଙ୍କୁ ପଡାବାସୀ ଧରି ପାଇକମାଲ ଥାନା ଜିମା ଦେଇଛନ୍ତି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମୃତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ

**ବାଡିପଟୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା**

ଦେଓଗାଁ,୮।୯ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅପାମରା ଗାଁରେ ଅଗଷ୍ଟ ୨୫ତାରିଖରେ ଜଣେ ୧୯ବର୍ଷୀୟା ଯୁବତୀଙ୍କୁ ତାଙ୍କ ବାଡିପଟୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗାଁର ରଜତ ପଧାନ ତାଙ୍କ ଝିଅକୁ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିଲେ। ସେ ଅନ୍ତଃସତ୍ତ୍ୱା ହେବା ପରେ ବିବାହ କରିବାକୁ ମନା କରି ଦେଇଥିଲେ। ପରେ ପ୍ରେମିକ ଓ ତାଙ୍କ ପରିବାର ଲୋକେ ବିଷଦେଇ ମାରି ଦେଇଥିଲେ ବୋଲି ଯୁବତୀଙ୍କ ବାପା ଦେଓଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରେମିକ ରଜତ ପଧାନ, ତାଙ୍କ ବାପା ଜଗନ୍ନାଥ ପଧାନ ଓ କାକା ବୈଦ୍ୟନାଥ ପଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଇତିମଧ୍ୟରେ ଅଭିଯୁକ୍ତମାନେ ଜାମିନରେ ଆସିଛନ୍ତି। ଏହିକ୍ରମରେ ବୁଧବାର ମୃତାଙ୍କ ପରିବାର ଲୋକଙ୍କ ସହ ଅପାମରା ଗାଁର ୨୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଦେଓଗାଁ ଥାନାଧିକାରୀଙ୍କୁ ସାକ୍ଷାତ କରିଥିଲେ। ବିଷ ଦେଇ ଝିଅକୁ ହତ୍ୟା କରାଯାଇଥିବାରୁ ହତ୍ୟା ମାମଲା ରୁଜୁ କରିବାକୁ ସେମାନେ ଦାବି କରିଛନ୍ତି। ତଦନ୍ତ ଜାରି ରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ବାମଦେବ ଶଙ୍ଖୁଆଳ କହିଛନ୍ତି।

# ୫ ହଜାର ହେକ୍ଟର ଜମି ପଡ଼ିଆ

**ଭିତ୍ତିଭୂମି ସତ୍ତ୍ୱେ ଜଳାଭାବ**

- ଅଢେଇ ହଜାର ହେକ୍ଟର ବୁଣା ଜମିରେ ଗୋରୁ ଚରିଲେଣି

ସୋନପୁର,୮।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଅଧିକାଂଶ ଚାଷ ଜମି ହୀରାକୁଦ୍ କେନାଲ ଜଳ ଯୋଗୁ ଜଳସେଚିତ ହେଉଛି। ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର କିଛି ଚାଷ ଜମିକୁ ପାଣି ଆସୁଛି। ତେଲନଦୀରେ ଥିବା ୩ଟି ମେଗା ଜଳସେଚନ ପ୍ରକଳ୍ପ ଦ୍ୱାରା ତରଭା ବ୍ଲକର ନଦୀକୂଳିଆ ଅଳ୍ପ କିଛି ଚାଷ ଜମିକୁ ପାଣି ମାଡୁଛି। କିନ୍ତୁ ନଦୀ, ନାଳ ପରିବେଷ୍ଟିତ ଏହି ଜିଲାରେ ଅନ୍ୟ ଚାଷ ଜମିଗୁଡିକ ଜଳସେଚିତ ହୋଇପାରିନି। ଜିଲା ଦେଇ ମହାନଦୀ, ତେଲ ନଦୀ, ଅଙ୍ଗ ନଦୀ, ନିବୃତ୍ତି ଯୋର ଓ ସୁକତେଲ ଆଦି ଛୋଟ ବଡ ନଦୀ ପ୍ରବାହିତ ହେଉଥିଲେ ହେଁ ଚାଷୀଙ୍କୁ ଧାନ ଚାଷ ପାଇଁ ମୌସୁମୀ ବର୍ଷା ନଚେତ୍ ଲଘୁଚାପଜନିତ ବର୍ଷା ଉପରେ ନିର୍ଭର କରିବାକୁ ପଡୁଛି। ଗତ ଅଗଷ୍ଟ ମାସରେ ନିଅଣ୍ଟିଆ ବର୍ଷା ଯୋଗୁ ଜିଲାର ଖରିଫ ଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏଥିପାଇଁ ଚାଷୀ ପରିବାରରେ ନୂଆଁଖାଇ ପାଇଁ ବିଶେଷ ଉଲ୍ଲାସ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ।

ବିକ୍ରି ବଟାର ସୁବିଧା ପାଇଁ ଜିଲାର ଅଧିକାଂଶ ଲୋକ ଧାନ ଚାଷ କରିଥାନ୍ତି।



ବର୍ଷାଭାବ ଯୋଗୁ ଉଲୁଣ୍ଡା ବ୍ଲକ ରେଡମ ଗାଁରେ ଜମି ଫାଟି ଆଁ କରିଛି।

ଚଳିତ ଖରିଫ୍‌ରେ ୯୬ ହଜାର ୫୦୦ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ଥିଲା। ସ୍ୱଳ୍ପ ବୃଷ୍ଟି ପାଇଁ ଏହି ଲକ୍ଷ୍ୟ ପୂରଣ ହୋଇପାରିନି । ୫ ହଜାର ହେକ୍ଟର ଚାଷ ଜମି ପଡିଆ ପଡିଛି ବୋଲି କୃଷି ବିଭାଗ କହୁଛି। କିନ୍ତୁ ବାସ୍ତବରେ ବହୁ ଗୁଣା ଅଧିକ ଜମି ପଡିଆ ପଡିଛି। ସେହିପରି ଅନୁକୂଳ ପାଗ ଦେଖି ଚାଷୀ ଯେଉଁ ଜମିରେ ଧାନ ବୁଣିଥିଲା ବର୍ଷା ଅଭାବରୁ ତାହା ମରିବାକୁ ବସିଲାଣି । ପାଣି ଅଭାବରୁ ଧାନ ଗଛ ଗୁଡିକ ହଳଦିଆ ପଡିଗଲାଣି। ଖରାରେ କ୍ଷେତଗୁଡିକ ଫାଟି ଆଁ କରିଛି। ଜଳାଶୟଗୁଡିକ ଶୁଖିଲା ପଡିଛି। ପର୍ଯ୍ୟାପ୍ତ ସୁଯୋଗ ଥିବା ସତ୍ତ୍ୱେ ଜଳସେଚନର ବିଶେଷ ସୁବିଧା ନାହିଁ। ମୌସୁମୀର ପୂର୍ବାନୁମାନକୁ ପାଥେୟ କରି ଚାଷୀ ଚାଷ ଉପରେ ଯେଉଁ ଭରସା କରିଥିଲେ ତାହା ମଉଳି ଯାଇଛି। ଆଗକୁ ଧାନ ଚାଷ ପାଇଁ ଉପଯୁକ୍ତ ସମୟ ନ ଥିବାରୁ ଚଳିତବର୍ଷ ମରୁଡି ଅବଶ୍ୟମ୍ଭାବୀ ବୋଲି ଚାଷୀ ପୂର୍ବାନୁମାନ କରୁଛି। ଚାଷୀ ହତାଶ ହୋଇ ଜମିରେ ଗୋରୁ ଛାଡିଲେଣି। ଅଗଷ୍ଟ ମାସରେ ଜିଲାରେ ହାରାହାରି ୪୦୮.୯ ମି.ମି. ବର୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ ଅଗଷ୍ଟ ମାସରେ ମାତ୍ର ୧୪୯.୮୫ ମି.ମି. ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ଜୁନ୍ ଓ ଜୁଲାଇ ମାସରେ ମଧ୍ୟ ଆବଶ୍ୟକତା ଠାରୁ କମ୍ ବର୍ଷା ହୋଇଥିଲା। ତେଣୁ ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ବ୍ୟତୀତ ସୋନପୁର, ତରଭା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ଠିକ୍ ଭାବରେ ଚାଷ ହୋଇପାରିନି। ପହିଲି ଆଷାଢରେ ସାମାନ୍ୟ ବର୍ଷାରେ ତଳି ପକାଇବା କାମ ଆରମ୍ଭ ହୋଇଥିଲା। ଦେଢ ମାସ ପରେ ଜୁଲାଇ ମାସ ଶେଷ ସପ୍ତାହର ବର୍ଷା ପରେ ଚାଷ କାମ ଆଗେଇ ଥିଲା। ଅଧିକାଂଶ ସ୍ଥାନରେ ଚାଷୀମାନେ ତରବର ହୋଇ ତଳି ରୁଆ କାମ ଶେଷ କରିଥିଲେ। ରୁଆ ଧାନ ପିଲ ମାରିବା ବେଳେ ଜଳାଭାବ ଦେଖାଦେଇଛି। ଏପରି କି ବର୍ତ୍ତମାନ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ମଧ୍ୟ ଜିଲାର ଅଣଜଳସେଚିତ ଅଞ୍ଚଳରେ ଭଲ ବର୍ଷା ହୋଇ ନାହିଁ। ଚାଷ କାର୍ଯ୍ୟ ଅଧାରେ ପଡି ରହିଥିବାରୁ ଜିଲାର ଚାଷୀକୂଳ ଚିନ୍ତାରେ ଅଛନ୍ତି। ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ରୋଗୀ ସମସ୍ୟା ଦୂର କରିବାକୁ ପ୍ରାଥମିକତା



ଏମପି ସଙ୍ଗୀତା କୁମାରୀ ସିଂଦେଓ ହସ୍ପିଟାଲ ଅଧୀକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

**ଏମ୍‌ପିଙ୍କ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ**

ବଲାଙ୍ଗୀର ଅଫିସ, ୮।୯

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବୁଧବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ହସ୍ପିଟାଲରେ ଚାଲିଥିବା ଅକ୍ସିଜେନ୍ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏଥିସହ ଏଠାରେ ଦେଖାଯାଇଥିବା ସମସ୍ୟାର ସମାଧାନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। କୋଭିଡ ତୃତୀୟ ଲହର ପ୍ରତି ସଜାଗ୍ ରହିବାକୁ କହିଥିଲେ। ନ୍ୟୁଟ୍ରିସନ୍ ରିହାବ୍ଲିଟେସନ୍ ସେଣ୍ଟର (ଏନ୍‌ଆରସି) ପରିଦର୍ଶନରେ ଯାଇ ସେଠାରେ ଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକ, ଡିନ୍ ଡା ସବିତା ମହାପାତ୍ର, କଲେଜ ଅଧ୍ୟକ୍ଷା ଡା ମାନସୀ ପଣ୍ଡା, ହସ୍ପିଟାଲ ମ୍ୟାନେଜର ପ୍ରତ୍ୟୁଷ ପଟ୍ଟନାୟକ ଓ ସୁଦୀପ୍ତ ଦତ୍ତା ଉପସ୍ଥିତ ଥିଲେ। ବାରମ୍ବାର କହିବା ପରେ ମଧ୍ୟ ହସ୍ପିଟାଲ ସଫେଇ ଠିକ୍ ଭାବେ କରାଯାଉ ନ ଥିବାରୁ ଏମପି କ୍ଷୋଭ ପ୍ରକାଶ କରିଥିଲେ। ଆଗକୁ ଯେଭଳି ଆଉ ଅବହେଳା ହେବନାହିଁ ତାହା ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏମପିଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ଦିନେଶ ଶର୍ମା, ଆରତୀ ଗୁରୁ, ସଞ୍ଜୁ ନାୟକ, ରଞ୍ଜିତା ପାଣିଗ୍ରାହୀ, ସରିତା ଯୋଷୀ, ସୌଦାମିନୀ ମିଶ୍ର, ରାଜକିଶୋର ନାୟକ ଉପସ୍ଥିତ ଥିଲେ।

## ବୌଦ୍ଧରେ ନନ୍ଦନ ବନ ନିର୍ମାଣ ପାଇଁ ସର୍ଭେ ଆରମ୍ଭ

ବୌଦ୍ଧ,୮।୯(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ନିର୍ମାଣ ହେବାକୁ ଯାଉଛି ରାଜ୍ୟର ପ୍ରଥମ ପରିବେଶ ଉଦ୍ୟାନ ନନ୍ଦନ ବନ। ଏହି ଉଦ୍ୟାନ ନିର୍ମାଣ ପାଇଁ ଜିଲାର ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ଗ୍ରାମ ନିକଟରେ ୧୩୦୦.୪୪ ଏକର ଜମି ଚିହ୍ନଟ ହୋଇସାରିଛି। ଏହି ପ୍ରକଳ୍ପ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇ ସାରିଛି। କାର୍ଯ୍ୟ ଆରମ୍ଭ ପାଇଁ ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ବୁଧବାର ଦିନ ମିଳିତ ଭାବରେ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପରିବେଶ ଉଦ୍ୟାନ ମଧ୍ୟରେ ପର୍ଯ୍ୟଟକମାନେ ଜଙ୍ଗଲ ସଫାରିର ମଜା ଉଠାଇବା ସହିତ ଚିଡିଆଖାନା ମଧ୍ୟରେ ବନ୍ୟଜନ୍ତୁ ଦେଖିବା, ଟ୍ରାକିଂ, ଥିମ୍ ପାର୍କର ମଜା ନେବା ତଥା ଇକୋ କଟେଜର ସୁଯୋଗ ନେଇପାରିବେ। ଭିସୁଟ୍ ବୁର୍ଲା



ମିଳିତ ସର୍ଭେରେ ଯୋଗ ଦେଇଥିବା କର୍ମଚାରୀ।

ସହାୟତାରେ ଆରମ୍ଭ ହୋଇଥିବା ଏହି ମିଳିତ ସର୍ଭେ କାର୍ଯ୍ୟରେ ବନ ବିଭାଗର ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ଗୋଛାୟତ, ଜିଲା ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ଭିସୁଟ ସହକାରୀ ପ୍ରଫେସର ମିଷ୍ଟର ସୁଶାନ୍ତ, ଫରେଷ୍ଟର ସ୍ୱାଧୀନ ସାମଲ ଓ ଫରେଷ୍ଟ ଗାର୍ଡ ସନ୍ତୋଷ ବାରିକ ବୀରନରସିଂହପୁର ଯାଇ କ୍ଷେତ୍ରୀୟ ଅନୁଧ୍ୟାନ କରିବା ସହିତ ଏକ ରୂପରେଖ ପ୍ରସ୍ତୁତି କରିଥିବା ଜଣାଯାଇଛି।

## ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀଙ୍କ ରାଲି

**ପଥରକ୍ୱାରୀ ଓ କ୍ରଶର ବନ୍ଦ ଦାବି ଜୋର ଧରିଲା**

ବୌଦ୍ଧ/ତଳଗାଁ,୮।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁ ଗ୍ରାମ ନିକଟରେ ଚାଲିଥିବା ପଥର କ୍ୱାରୀ ଓ କ୍ରଶର ବନ୍ଦ ଦାବିରେ ଆନ୍ଦୋଳନ ଜୋର ଧରିଛି। ଖରଭୁଇଁ ଗ୍ରାମ୍ୟ କମିଟି ଓ ବିର୍ଶା ମୁଣ୍ଡା କୁଇକନ୍ଧ ସମାଜ ପକ୍ଷରୁ ମହିଳା ଓ ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ବିରାଟ ରାଲି କରି ଏହାର ପ୍ରତିବାଦ କରିଛନ୍ତି। ଏହି ରାଲି ଖରଭୁଇଁ ମାଟିଆଣୀ ପୀଠ ଠାରୁ ବାହାରି ଛତରଙ୍ଗ ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲା। ତୁରନ୍ତ କ୍ରଶର ବନ୍ଦ ଦାବିରେ ହରଭଙ୍ଗା ଆରଆଇଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ଛତରଙ୍ଗ ସରପଞ୍ଚ ସୁଶିଲ କୁମାର ପ୍ରଧାନ, ଅକ୍ଷୟ ନାୟକ, ଦୃବାନନ୍ଦ ଦେହୁରୀ, ତିଲୋତ୍ତମା କହଁରଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ରାଲିରେ ସାମିଲ ଥିଲେ। ହରଭଙ୍ଗା ବ୍ଲକର ଖରଭୁଇଁ ଗ୍ରାମ ନିକଟରେ ଚାଲିଥିବା କ୍ରଶର ଓ ପଥର କ୍ୱାରୀକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦୀର୍ଘ ଦୁଇ ମାସ ହେବ ଗ୍ରାମବାସୀ ଆନ୍ଦୋଳନ କରି ଆସୁଛନ୍ତି। କ୍ରସର ଯୋଗୁ ଚାଷ, ପରିବେଶ , ଜଙ୍ଗଲ ଓ ଜୀବନ ଜୀବିକା ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବହୁବାର ଆଲୋଚନା ହୋଇଥିବା ବେଳେ ସୁଫଳ ମିଳି ପାରିନାହିଁ। ଗ୍ରାମ ନିକଟରେ ଥିବା ୪ ଗୋଟି କ୍ରଶରକୁ ତୁରନ୍ତ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ସାହାଜକନାବାସୀ ତହସିଲଦାରଙ୍କଠାରେ ଫେରାଦ

ଜୁନାଗଡ,୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ସାହାଜକନା ଗ୍ରାମରେ ଚଳିତ ବର୍ଷ ବର୍ଷା ଅଭାବରୁ ବୁଣା, ରୁଆ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଯାହାକୁ ନେଇ ଗ୍ରାମବାସୀ ବୁଧବାର ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇଙ୍କଠାରେ ଫେରାଦ ହୋଇଛନ୍ତି। ଗ୍ରାମବାସୀ ଏ ବିଷୟରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି। ବର୍ଷା ଅଭାବରୁ ଗ୍ରାମର ପ୍ରାୟ ୨୫୦ ହେକ୍ଟର ଚାଷ ଜମିର ଧାନ ଫସଲ ନଷ୍ଟ ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ଏପରିସ୍ଥିତିରେ ସାହାଜକନା ଗ୍ରାମକୁ ମରୁଡି ଘୋଷଣା ସହ ସରକାରୀ ସହାୟତା ଯୋଗାଇଦବାକୁ ତହସିଲଦାରଙ୍କୁ ନିବେଦନ କରିଛନ୍ତି। ସାମାଜିକ କର୍ମୀ ଦୟାନିଧି



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ମରୁଡ଼ି ଘୋଷଣା ଦାବି**

ହସଂଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସାଧୁରାମ ମାଝି, ବନମାଳୀ ନାଏକ, ନନ୍ଦି କିଶୋର ବାଣୁଆ, ସୁବାଷ ଚନ୍ଦ୍ର ପୁଝାରୀ, କଷ୍ଟି ବାଣୁଆ, ମଦନ ନାଏକ, ରାମକୃଷ୍ଣ ଦଲାଇ, ଅଲେଖ ମର୍ଶା, ନୃପ ଟାକିରି ପ୍ରମୁଖ ଉପସ୍ଥିତଥିଲେ। ସେହିପରି ଗ୍ରାମବାସୀ କଳାହାଣ୍ଡି ଜିଲାପାଳ ଓ ଜିଲା କୃଷି ଅଧିକାରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ମୁଖ୍ୟ ଡାକ୍ତରଖାନାରେ ନାହିଁ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା

ବରଗଡ଼ ଅଫିସ୍,୮।୯

- ନୂଆ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀ ହଟହଟା
- ପୁରୁଣା ଡାକ୍ତରଖାନା ଆସିଲେ ଲାଗୁଛି ଅଟୋଭଡ଼ା

ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ଏପର୍ଯ୍ୟନ୍ତ ଅଲଟ୍ରାସାଉଣ୍ଡ ପରୀକ୍ଷା ବ୍ୟବସ୍ଥା ହୋଇପାରିନାହିଁ। ଫଳରେ ଏଥିପାଇଁ ରୋଗୀଙ୍କୁ ସେଠାରୁ ୮କି.ମି ଦୂର ସହର ମଧ୍ୟରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଏଭଳି ହଟହଟାର ସମ୍ମୁଖୀନ ହେବାକୁ ପଡ଼ିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ଏଭଳି ଏକ ଅଭାବନୀୟ ଘଟଣା ଏଠାରେ ଦେଖିବାକୁ ମିଳିଥିଲା।

ଜିଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡ଼ସରାଇପାଲି(ରୁଚିଦା)ର ଜଣେ ଅସୁସ୍ଥ ଯୁବକ ଲୋଚନ ସାହୁ(୩୬)ଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ତାଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ଏହି ପରୀକ୍ଷା ବ୍ୟବସ୍ଥା ନ ଥିବା ଯୋଗୁ ପରିବାର ଲୋକେ ଏକ ଅଟୋ ଭଡ଼ା କରି ଲୋଚନଙ୍କୁ ସହର ମଧ୍ୟରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସେହି ପରୀକ୍ଷା ପାଇଁ ଆଣିଥିଲେ। ଏଥିପାଇଁ ତାଙ୍କୁ ୫ଶହ ଟଙ୍କା ଅଟୋଭଡ଼ା ଖର୍ଚ୍ଚ ପଡ଼ିଥିଲା ବୋଲି ଲୋଚନଙ୍କ ବାପା ବାବନ କହିଛନ୍ତି। ସେ ଆହୁରି କହିଛନ୍ତି,



ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଜଣେ ରୋଗୀଙ୍କୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଉଛି।

ପୁଅର ଦେହ ଅସୁସ୍ଥ ହୋଇଥିବା ଯୋଗୁ ସେ ଜିଲାର ବଡ଼ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଅଲଟ୍ରାସାଉଣ୍ଡ ପରୀକ୍ଷା ହେଉ ନାହିଁ ଏବଂ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଯିବାକୁ ସେଠାକାର ସ୍ୱାସ୍ଥ୍ୟ କର୍ମଚାରୀମାନେ କହିଥିଲେ। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଟୋଭଡ଼ା ୫ଶହ ଟଙ୍କା ଲାଗିଲା। ସରକାରୀ ଡାକ୍ତରଖାନାରେ ମାଗଣାରେ ଭଲ ଚିକିତ୍ସା ମିଳିବ ଭାବି ସେ ଆସିଥିଲେ, ମାତ୍ର ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଅଟୋଭଡ଼ା ବାବଦକୁ ୫ଶହ ଟଙ୍କା ଖର୍ଚ୍ଚ ଯୋଗାଡ଼ କଷ୍ଟସାଧ୍ୟ ହୋଇ ପଡ଼ିଲା ବୋଲି ସେ କହିଥିଲେ। ତେବେ କେବଳ ଲୋଚନଙ୍କ କ୍ଷେତ୍ରରେ ନୁହେଁ, ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ଏଭଳି ସମସ୍ୟା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ମତାମତ ମିଳିପାରି ନାହିଁ।

ଶିକ୍ଷା ଅଧିକାର
DISTRICT PROJECT OFFICE (SAMAGRA SHIKSHA), NABARANGPUR
E-mail: dpcnawrangssa.opepa@nic.in, Ph.: (06858) 222568 (Off.)
No. 2374/Estt/2021 Date: 08.09.2021
NOTICE
The merit list and reject list of the candidates who are applied for selection of Warden, Assistant Cook, Head Cook to be engaged in OAV Hostels (KGBV: Type-IV) under District Project Office, Samagra Shiksha, Nabarangpur are published in the website www.opepa.in district website www.nabarangpur.nic.in from 09.09.2021 to 16.09.2021.
The details list of candidates may be downloaded from the website www.opepa.in district website www.nabarangpur.nic.in.
Sd./- DEO-cum-Dist. Project Coordinator
Samagra Shiksha, Nabarangpur

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. :AIIMS/BBSR/Engg./631/ NIT-023/ 2021-22 Dated : 08th Sept 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Aluminium Partition, Vinyl Flooring and False Ceiling inside Microbiology store in Academic Building, AIIMS, Bhubaneswar** *(NIT No.: AIIMS/BBSR/Engg./023/ 2021-22)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
NOTICE INVITING TENDER
Tender Notice No. TPWODL/NP/O/SU/037
TP Western Odisha Distribution Limited invites quotations (in 2 part) from eligible vendors/suppliers for the following packages:
**Rate contract for Supply of 11KV & 33KV Metering Cubicle**
Interested bidders to submit Tender Participation Fee and Authorization letter by e-mail on or before **17th September 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of TPWODL website: **www.tpwesternodisha.com**.
Sd./- Chief Contracts & Stores

CUTTACK DEVELOPMENT AUTHORITY
Arunodaya Bhawan, Link Road, Cuttack-12
Fax No.- 0671-2312299
email- cda.cuttack@ori.nic.in
C.D.A
EoI No.: Date No.CAD-1121
E-AUCTION
Of Residential and Residential-cum-Commercial Plots at different sectors in Bidanasi Project Area, Cuttack on as-is-where-is-basis
Cuttack Development Authority (CDA) invites application for E-auction of residential and residential cum Commercial plots at different sectors in Bidanasi Project Area, Cuttack on as-is-where-is-basis.
**Brief Description of application process:** Applications are invited online from individuals for allotment of residential and residential cum commercial plots of different sizes available at different sectors in Bidanasi, Cuttack through e-auction.
The election shall be based on the eligibility and highest quoted amount (Rupees/Sq.ft.) over the reserve price specified in the brochure. The bidders are requested to make themselves aware of the site conditions before participating in the e-auction process. The brochure for the same can be downloaded from CDA website http://www.cdacuttack.nic.in from Dt.15.09.2021 and the bidders can participate in the e-auction process by Dt.22.10.2021 by 17.00 hrs. The online auction will start at 11.30 hrs. on Dt.15.11.2021. C.D.A., Cuttack reserves the right to accept or reject any application and to annual the selection process at any time, without incurring any liability and without assigning any reason thereof. For any assistance / clarification in this regard, the prospective applicants may contact Secretary, CDA (0671-2315594) during office hours.
Sd./- Secretary
OIPR-13037/11/0075/2122

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୯ ସେପ୍ଟେମ୍ବର ,୨୦୨୧



## ବିଷ ପିଇ ଯୁବକ ମୃତ

ରାଉରକେଲା ଅଫିସ, ୮।୯: ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଜନତା ନିବାସ ଗଳିରେ ଜଣେ ବ୍ୟକ୍ତି ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପ୍ରମୋଦ ଶ୍ରୀବାସ୍ତବ(୪୨)। ସେ ପରିବାର ସହ ବାସ କରନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ପ୍ରମୋଦ ତାଙ୍କ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଘରେ ସମସ୍ତେ ଶୋଇପଡ଼ିବା ପରେ ପ୍ରମୋଦ କୀଟନାଶକ ପିଇ ଦେଇଥିଲେ। ବୁଧବାର ସକାଳ ୧୦ଟା ପର୍ଯ୍ୟନ୍ତ ପ୍ରମୋଦଙ୍କ ଶୋଇବା କକ୍ଷ ଭିତରପଟୁ ବନ୍ଦ ରହିଥିବା ଦେଖି ପରିବାର ଲୋକେ କବାଟକୁ ଭାଙ୍ଗି ଦେଇଥିଲେ। ପରେ ପରିବାର ଲୋକେ ଏହି ବିଷୟରେ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ୨୦୨୦ ଖରିଫ ଫସଲ ବୀମାରେ ଅନିୟମିତତା
### ଗୁରୁଣ୍ଡିଆ ତହସିଲ କାର୍ଯ୍ୟାଳୟ ଘେରାଉ

ବଣାଇ, ୮।୯ (ସ୍ୱ.ପ୍ର) : ଗତ ୨୦୨୦ ମସିହାରେ ଖରିଫ ଫସଲ ବୀମା ଅନୁଦାନ ନିମନ୍ତେ ଦିଆଯାଇଥିବା ଷ୍ଟାଟିଷ୍ଟିକାଲ ସର୍ଭେ ରିପୋର୍ଟ ଭୁଲ ଥିବା ଏବଂ ସରକାରଙ୍କ ତହସିଲ ରିପୋର୍ଟ ଠିକ ଥିବା ଦର୍ଶାଇ ତହସିଲ ରିପୋର୍ଟକୁ ଭିତ୍ତି କରି ଆକଳନ କରିବା ଦାବିରେ ବୁଧବାର ବନେଇକଳା ପଞ୍ଚାୟତବାସୀ ଗୁରୁଣ୍ଡିଆ ତହସିଲ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବନେଇକଳା କୃଷକ ସାଥୀ ସଭାପତି ମାଙ୍ଗୁରୁ ମିଞ୍ଜଙ୍କ ନେତୃତ୍ୱରେ ଶତାଧିକ କୃଷକ ଏଥିରେ ସାମିଲ ଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବନେଇକଳା ପଞ୍ଚାୟତ କୃଷକ ସାଥୀ ମାଙ୍ଗରା ମିଞ୍ଜ ନେତୃତ୍ୱ ନେଇ କରିଥିବା ବେଳେ ଶତାଧିକ ମହିଳା ପୁରୁଷ ସାମିଲ ହୋଇ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

### ବଡ଼ଭାଇ କାଠଫାଳିଆ ମାଡ଼ରେ ସାନ ମୃତ

ନୂଆଗାଁ, ୮।୯(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଉର୍ମେଇ ପଞ୍ଚାୟତ ବଡ଼କୁଲାଗଜ ଗ୍ରାମରେ ମଙ୍ଗଳବାର ରାତିରେ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇର କାଠଫାଳିଆ ମାଡ଼ରେ ସାନଭାଇ ମୃତ୍ୟୁବରଣ କରିଛନ୍ତି। ଏନେଇ ବିଶ୍ରା ଥାନାରେ ଏକ ମାମଲା (ନଂ. ୯୨।୨୦୨୧) ରୁଜୁ ହୋଇଛି। ବଡ଼ଗୁଲାଗଜ ଲୋହରାଡିପା ବସ୍ତିରେ ବୁଧୁଆ ଲାକ୍ରା (୫୮) ଓ ସନିକା ଲାକ୍ରା (୪୫)ରହୁଥିଲେ। ମଙ୍ଗଳବାର ରାତିରେ ଜମିଜମାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୁଧୁଆ ପାଖରେ ଥିବା ଏକ କାଠଫାଳିଆରେ ସାନ ଭାଇ ସନିକାଙ୍କ ମୁଣ୍ଡକୁ ମାରିଥିଲା। ଘଟଣାସ୍ଥଳରେ ସନିକାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଅଭିଯୁକ୍ତ ବୁଧୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଘରେ ପଶି ମହିଳାଙ୍କୁ ବଳାତ୍କାର

କୁଆଁରମୁଣ୍ଡା,୮।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ପଞ୍ଚାୟତ ବାର୍ଡାଗୁଟୁର ଗ୍ରାମର ଜନୈକା ମହିଳା (୩୫)ଙ୍କୁ ତାଙ୍କ ପଡୋଶୀ ମୁକ୍ତିପ୍ରକାଶ ଟପ୍ପୋ (୨୬) ମଙ୍ଗଳବାର ମଧ୍ୟାହ୍ନରେ ବଳାତ୍କାର କରିଛନ୍ତି। ମହିଳା ଏକୁଟିଆ ଥିଲେ। କେହି ନ ଥିବାର ସୁଯୋଗ ନେଇ ମୁକ୍ତିପ୍ରକାଶ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିବା ସହ ଏ ବିଷୟରେ କାହାରିକୁ ନ କହିବାକୁ ଧମକଚମକ ଦେଇଥିଲେ। ହେଲେ ମହିଳା ଜଣଙ୍କ ସ୍ୱାମୀ ଘରକୁ ଫେରିବା ପରେ ସବୁ କଥା କହିବା ସହ ଉଭୟେ କୁଆଁରମୁଣ୍ଡା ଫାଣ୍ଡିକୁ ଯାଇ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୫/୨୧ ) ରୁଜୁ କରି ଅଭିଯୁକ୍ତ ମୁକ୍ତିପ୍ରକାଶଙ୍କୁ ଗିରଫ କରିଛି। ବୁଧବାର କୁଆଁରମୁଣ୍ଡା ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ମୁକ୍ତିପ୍ରକାଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

# ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ହେଉ

## ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ ବରଦାସ୍ତ କରାଯିବ ନାହିଁ : କୁସୁମ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ.)

ବିଭିନ୍ନ ପ୍ରସଙ୍ଗରେ ରାଜ୍ୟସରକାର ପଶ୍ଚିମ ଓଡ଼ିଶାପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରିଆସୁଛନ୍ତି। ସେ ରାଜନୀତି କ୍ଷେତ୍ରରେ ହେଉ କି ବିକାଶମୂଳକ କାର୍ଯ୍ୟ। ପଶ୍ଚିମ ଓଡିଶାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ପାଇଁ ସୁନ୍ଦରଗଡ଼ଠାରେ ଓଡିଶାର ଦ୍ୱିତୀୟ ଏମ୍ସ ଶାଖା ପ୍ରତିଷ୍ଠା ହେଉ। ଏଥିପାଇଁ ହେଉଥିବା ଦାବି ପ୍ରତି ରାଜ୍ୟସରକାରଙ୍କ ଆନ୍ତରିକତା ନେଇ ପ୍ରଶ୍ନ ଉଠାଇଛନ୍ତି ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ। ବୁଧବାର ଏକ ଖବରଦାତା ସମ୍ମିଳନୀରେ ବିଧାୟିକା କୁସୁମ କହିଛନ୍ତି ଯେ, ରାଉରକେଲା ଠାରେ ବିପିୟୁଟି ଖୋଲା ଗଲା କିନ୍ତୁ ତାର ମୁଖ୍ୟ କାର୍ଯ୍ୟାଳୟ ରାଜଧାନୀ ଭୁବନେଶ୍ୱର ଠାରେ ରଖାଯାଇଥିବା ବେଳେ ଅନୁରୂପ ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟାଳୟ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ରାଜଧାନୀରେ ରହିଛି। ଦୀର୍ଘ ୩୨ ବର୍ଷ ପୂର୍ବେ ଗଠିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଅନେକ ଦାବି ହେଲାପରେ ମଧ୍ୟ ପଶ୍ଚିମ ଓଡିଶାରେ ପ୍ରତିଷ୍ଠା ହୋଇପାରିନାହିଁ। ଦୀର୍ଘବର୍ଷ ହେବ ଆଇନଜୀବୀଙ୍କ ପକ୍ଷରୁ ପଶ୍ଚିମ ଓଡିଶା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିପ୍ରତି ମଧ୍ୟ ଅଣଦେଖା କରାଯାଇଛି। ବର୍ତ୍ତମାନ ପଶ୍ଚିମ ଓଡିଶାରେ ସମାନ ଆଉ ଏକ ସ୍ଥିତି ସୁନ୍ଦରଗଡ ଠାରେ ସମସ୍ତ ଭିତ୍ତିଭୂମି ଉପଲବ୍ଧ ସତ୍ତ୍ୱେ ରାଜ୍ୟର ଦ୍ୱିତୀୟ ଏମ୍ସ ନିର୍ମାଣ ନେଇ ଦେଖିବାକୁ ମିଳିଛି। ଏମ୍ସ ନିର୍ମାଣ ନେଇ ତତ୍କାଳୀନ ମୁଖ୍ୟ ଶାସନ ସଚିବ କେନ୍ଦ୍ରକୁ ଏକ ପ୍ରସ୍ତାବ ଦେଲେ। କେନ୍ଦ୍ରରୁ ମଧ୍ୟ ଏକ ବୈଷୟିକ ଦଳ ସୁନ୍ଦରଗଡ଼ ଆସି ଏଠାରେ ନବନିର୍ମିତ ଏନ୍‌ଟିପିସି ମେଡିକାଲ କଲେଜ ପରିଦର୍ଶନ କରି ଫେରିଗଲେ। ଏମ୍‌ସ ନିର୍ମାଣ ପାଇଁ ଆବଶ୍ୟକ ୨୦୦ଏକର ଜମି ପ୍ରଦାନ ପାଇଁ ସ୍ଥାନୀୟ ଜିଲାପାଳ ଓ ରାଜ୍ୟ ସରକାର ସମ୍ମତି ପ୍ରକାଶ କରିଥିଲେ। ଏନେଇ ସେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବି ଜଣାଇଥିଲେ ବୋଲି ବିଧାୟିକା କୁସୁମ ପ୍ରକାଶ କରିବା ସହ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମଧ୍ୟ ଦାବିପ୍ରତି ନିଜର ସହମତି ଜଣାଇ ରାଜ୍ୟ ସରକାର ଏମଓୟୁକୁ ରଦ୍ଦ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖନ୍ତୁ ବୋଲି କହିଥିଲେ। ଏହାର କିଛିଦିନ ପରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏମସ୍ ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ବୈଷୟିକ ଦଳ ଫେରିବାର ୫ମାସ ବିତିଯିବା ପରେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ରିପୋର୍ଟ ସାର୍ବଜନୀନ କରିନାହାନ୍ତି। ଚଳିତ ମାସ ୨୬ ତାରିଖ ସୁଦ୍ଧା ସୁନ୍ଦରଗଡ଼ରେ ଦ୍ୱିତୀୟ ଏମସ୍ ଖୋଲିବା ନେଇ କୌଣସି ସୂଚନା କେନ୍ଦ୍ରରୁ ନ ଆସିଲେ ତାହା ହେଲେ ରାଜ୍ୟ ସରକାର ନିଜ ତରଫରୁ ୨୦୨୧ -୨୨ ବର୍ଷରୁ ଏନ୍‌ଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ପାଠପଢା ପାଇଁ ନାମ ଲେଖା ପ୍ରକ୍ରିୟା ଓ ରୋଗୀ ସେବା ଆରମ୍ଭ କରିବେ। ବିଧାନସଭାରେ ବିଧାୟିକା କୁସୁମ ମୁଖ୍ୟମନ୍ତ୍ରୀ ଏମସ୍ ପ୍ରତିଷ୍ଠା ପ୍ରସଙ୍ଗରେ ହସ୍ତକ୍ଷେପ କରି ସର୍ବଦଳୀୟ କମିଟି ଗଠନ କରି ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ମାତ୍ର ପରିତାପର ବିଷୟ ମୁଖ୍ୟମନ୍ତ୍ରୀ ଅନେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ହସ୍ତକ୍ଷେପ ଲୋଡୁଥିବା ବେଳେ ନିଜ ରାଜ୍ୟରେ ଦ୍ୱିତୀୟ ଏମ୍‌ସ ନିର୍ମାଣ ନେଇ ଚୂପ୍ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ସ୍ୱାସ୍ଥ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯଦି ପଶ୍ଚିମ ଓଡିଶାର ସମସ୍ତ ରାଜନୈତିକ ଦଳର ନେତା ଶିକ୍ଷାବିତ୍, ବୁଦ୍ଧିଜୀବୀ ଶିଳ୍ପପତି, ବ୍ୟବସାୟୀ ତଥା ରାଜନୈତିକ ସଙ୍ଗଠନ ଏକାଠି ହେବାକୁ ବିଧାୟିକା କୁସୁମ ଆହ୍ୱାନ ଦେଇଛନ୍ତି।

# ଦର୍ଲିପାଲି ବୃହତ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପରିଦର୍ଶନ କଲେ ଏନ୍‌ଟିପିସି ଡାଇରେକ୍ଟର



ଡାଇରେକ୍ଟର ଡି.କେ ପଟେଲ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ଏନ୍‌ଟିପିସି ଡାଇରେକ୍ଟର (ଏଚଆର) ଡି.କେ ପଟେଲ ବୁଧବାର ସୁନ୍ଦରଗଡ ଜିଲା ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ବୃହତ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଡାଇରେକ୍ଟର ପଟେଲ ପ୍ରକଳ୍ପ କଲୋନୀଠାରେ ବାଲ ଭାରତୀ ପବ୍ଲିକ ସ୍କୁଲ ଉଦ୍‌ଘାଟନ କରିଥିଲେ। ଏହାପରେ ଡାଇରେକ୍ଟର ପ୍ରକଳ୍ପ କଣ୍ଟ୍ରୋଲ ରୁମ ପରିଦର୍ଶନ କରିବା ସହ ବରିଷ୍ଠ ଓ ଯୁବ ଅଧିକାରୀମାନଙ୍କ ସମେତ ମହିଳା କର୍ମଚାରୀ ଓ ଅଧିକାରୀ ଆସୋସିଏସନ ସହ ଭାବର ଆଦାନପ୍ରଦାନ କରି ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏହି ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ଚିଫ୍ ଜେନେରାଲ ମ୍ୟାନେଜର ଏ.କେ ସମେୟାର, ଏନଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ ମୁଖ୍ୟ ସିଆର ବାରିକ, ଜି.ଏମ ନୀଲମ କୁମାର, ବାଲଭାରତୀ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଶିବାନୀ ଶର୍ମାଙ୍କ ସମେତ ଏନଟିପିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ୱାଗତିକା, ଡି.ପୂଜା ପିନ୍ଧିଲେ ମୁକୁଟ

## ମିସେସ୍ ୟୁନିଭର୍ସାଲ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରାଉରକେଲା ଝିଅଙ୍କ କମାଲ




ରାଉରକେଲାର ସ୍ୱାଗତିକା ଦାସ ଓ ଡି. ପୂଜା।

ରାଉରକେଲା ଅଫିସ,୮।୯

ମହାରାଷ୍ଟ୍ରର ବମ୍ବେରେ ଶେଷ ହୋଇଥିବା ମିସ୍ ମିଷ୍ଟର ଆଣ୍ଡ ମିସେସ୍ ୟୁନିଭର୍ସଲ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ରାଉରକେଲା ଝିଅ ସ୍ୱାଗତିକା ଦାସ ଓ କନିଷ୍ଠ ବର୍ଗରେ ଡି. ପୂଜା ରନର୍ସଅପ୍ ହୋଇ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଅଞ୍ଚଳରୁ ୫୩୨ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କୁ ପଛରେ ପକାଇ ସ୍ୱାଗତିକା ବରିଷ୍ଠ ବର୍ଗରେ ସଫଳତାର ମୁକୁଟ ପିନ୍ଧିଛନ୍ତି। ସ୍ୱାଗତିକା ବାପା ଆଶିଷ କୁମାର ଦାସ ଓ ମାତା ଅଞ୍ଜଳି ଦାସଙ୍କ ସହ ବାସନ୍ତୀ କଲୋନୀ ବାସ କରନ୍ତି। ସ୍ୱାଗତିକା ପିଲାବେଳୁ ନୃତ୍ୟ ଓ ମଡେଲିଂରେ ଇଛା ରଖିଥିଲେ। ଏହା ପୂର୍ବରୁ ଗତବର୍ଷ ସ୍ୱାଗତିକା ମିସ୍ ଓଡିଶା ଟାଇଟଲ ଜିତିଥିଲେ। ତାଙ୍କର ଏହି ସଫଳତାରେ ତାଙ୍କ ଗୁରୁମା ଲିନା ବିଶ୍ୱାଳ ଓ ପରିବାର ଲୋକଙ୍କ ହାତଥିବା ସେ କହିଥିଲେ। ସେହିଭଳି ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଡି. ପୂଜା ଦ୍ୱିତୀୟ ସ୍ଥାନ ଅର୍ଜନ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେକ୍ଟର-୪ ସ୍ଥିତ 'ଏ'ବ୍ଲକରେ ଡି.ପୂଜା ପିତା ଡି. ହିମାଦ୍ରି ବାବୁ ଓ ମାତା ଡି.ପଦ୍ମିନୀଙ୍କ ସହ ବାସ କରନ୍ତି। ପିଲାଦିନରୁ ଫେଶନଡିଜାଇନ ଓ ମଡେଲିଂ ପ୍ରତି ଆଗ୍ରହ ଦେଖି ଗୁରୁମା ଲିନା ବିଶ୍ୱାଳ ତାଙ୍କୁ ଏଥିପ୍ରତି ପ୍ରେରଣା ଦେଇଥିଲେ। ପରେ ସେ ମିସ୍ ଭୁବନେଶ୍ୱର, ମିସ୍ ପଶ୍ଚିମାଞ୍ଚଳ ଓ ମିସ୍ ମିଷ୍ଟର ଆଣ୍ଡ ମିସେସ୍ ୟୁନିଭର୍ସାଲ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରି ସଫଳତା ଆଣିଛନ୍ତି। ଜୀବନରେ ନିଷ୍ଠାସହ କଠୋର ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ଡି.ପୂଜା ମତ ପ୍ରକାଶ କରିଛନ୍ତି। ସହରର ଏହି ଦୁଇଜଣ ପ୍ରତିଭାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା, ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ରହିଛି ଗୁରୁତ୍ୱ

କୁତ୍ରା, ୮।୯(ଡି.ଏନ.ଏ.)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସଆର) ପକ୍ଷରୁ ଲାଞ୍ଜିବେର୍ଣ୍ଣା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମ ଜରିଆରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସଚେତନତା ସୃଷ୍ଟି କରାଯାଉଛି। ସ୍ଥାନୀୟ ଶିକ୍ଷାନୁଷ୍ଠାନର ଶିକ୍ଷକ, ଛାତ୍ରୀଛାତ୍ର, ଗ୍ରାମର ଯୁବଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ସାମିଲ ହୋଇ କମ୍ପାନୀ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ଚଳିତବର୍ଷ ଅଦ୍ୟାବଧି ୧୨୦୦୦ ଚାରା ଯଥା ଆମ୍ବ, ଲିଚୁ, ପିଜୁଳି, ଲେମ୍ବୁ, କାଜୁ, ସଜନା ଆଦି ଲାଞ୍ଜିବେର୍ଣ୍ଣା, ଖେରାମୂଟା, ସାଲିଆମେଟା, ସର୍ଗିଟୋଲୀ, ଜଲୋଡିହି, ବିହାବନ୍ଧ, ପେଲକାପଡା, ଅଲଣ୍ଡା, କୁକୁଡ଼ା, ଧଉରାଅଡା, ଟୁମାବାହାଲ, ଡୁରୀଟୋଲୀ, ଡୁଡ଼କାବାହାଲ ଗ୍ରାମରେ ଲଗାଯାଇଛି। ବନ ମହୋତ୍ସବ ସମୟରେ ବିହାବନ୍ଧ ଶ୍ରମିକ ଉଚ୍ଚ ବିଦ୍ୟାଳୟ, କୁତ୍ରା ଉଚ୍ଚ ବିଦ୍ୟାଳୟ, କେଶ୍ରାମାଲ ବାଳିକା ଉଚ୍ଚ ବିଦ୍ୟାଳୟ, କିଟିଙ୍ଗା ଉଚ୍ଚ ବିଦ୍ୟାଳୟ ଏବଂ ବି.ଏସ.ଡବ୍ଲୁ କଲେଜରେ ଚାରାରୋପଣ କରାଯାଇଥିଲା। ଧଉରାଅଡା (ଭୂୟାଁଟୋଲୀ) ଗ୍ରାମ ନିକଟ ଲଣ୍ଡା ପାହାଡ଼ରେ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୦୦ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହିତ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ଡ୍ର.ବଳରାମ ପଣ୍ଡା, ଲାଞ୍ଜିବେର୍ଣ୍ଣା ଖଣି ମହାପ୍ରବନ୍ଧକ ସୁବ୍ରତ ମିଶ୍ର, ପରିବେଶ ବିଭାଗର ଉପ ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଏବଂ ସିକ୍ୟୁରିଟି ବିଭାଗର ରଶ୍ମିକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ସଙ୍ଗଠନକୁ ସୁଦୃଢ଼ ଲାଗି ଆହ୍ୱାନ

## ଝୁନପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ



ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀମାନେ।

କୁଆଁରମୁଣ୍ଡା,୮।୯(ଡି.ଏନ.ଏ.)

ରାଉରକେଲା ସାଙ୍ଗଠନିକ ଜିଲା ବୀରମିତ୍ରପୁର ବିଧାନସଭା କ୍ଷେତ୍ରର ଝୁନମୁର ପଞ୍ଚାୟତରେ ବୁଧବାର ବିଜେଡ଼ି ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳକୁ ଏଠାରେ କିଭଳି ଅଧିକ ମଜଭୁତ କରାଯାଇପାରିବ ସେ ସମ୍ପର୍କରେ ବିଶଦଭାବେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ସମ୍ବଲପୁର ଜୋନ୍ ମହିଳା ସଭାନେତ୍ରୀ ସନ୍ଧ୍ୟାରାଣୀ ଲାକ୍ରା, ଜିଲା ପରିଷଦ ସଭ୍ୟ ତଥା କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ମହିଳା ସଭାନେତ୍ରୀ ସୁନିତା ଅହିର, ବରିଷ୍ଠ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର,ଝୁନମୁର ସରପଞ୍ଚ ଫୁଲ କିସପଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଜେଡ଼ି ପଞ୍ଚାୟତ ପର୍ଯ୍ୟବେକ୍ଷକ ସୁବୋଧ ପ୍ରସାଦ, ବିଜେଡ଼ି ପଞ୍ଚାୟତ ସଭାପତି ଜୀବନମାସୀ ଖେସ୍, ସୁଲେମାନ ଏକ୍କା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ବିଧାୟକ ନାୟକ କାଦୋବାହାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ଯାଇ ସେଠାରେ ଚାଲୁଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ। ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପରିଡାଙ୍କ ସହ ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ପଛୁଆବର୍ଗଙ୍କୁ ଅଣଦେଖା କରାଯାଉଛି: ଭାଜପା




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ରାଉରକେଲା ଅଫିସ,୮।୯:

ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ପଛୁଆ ବର୍ଗଙ୍କୁ ଅଣଦେଖା କରାଯାଇଥିବାକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଯୋଗଦେଇ ପଛୁଆବର୍ଗଙ୍କୁ ସାମାଜିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଓବିସି କମିଶନରଙ୍କ ସୁପାରିଶକୁ ରାଜ୍ୟରେ ଆଦୌ କାର୍ଯ୍ୟକାରୀ କରାଯାଉ ନ ଥିବାକୁ ନେଇ କହିଛନ୍ତି। ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ପଛୁଆବର୍ଗଙ୍କ ସମ୍ବିଧାନିକ ଅଧିକାର। ସେମାନଙ୍କୁ ଏହି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଉଛି। ଦେଶର ଅଧିକାଂଶ ରାଜ୍ୟ ସମ୍ବିଧାନ ଅନୁଚ୍ଛେଦ-୯ ଅନୁଯାୟୀ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଅତିକ୍ରମ କରି ନିଜ ରାଜ୍ୟର ପଛୁଆବର୍ଗଙ୍କୁ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରୁଥିବାବେଳେ ଓଡ଼ିଶା ସରକାର କାହିଁକି ଏ କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ରାଜ୍ୟର ୨୭ ପ୍ରତିଶତ ସଂରକ୍ଷଣ ତ ଦୂରର କଥା ୧୧.୨୫ପ୍ରତିଶତ ସଂରକ୍ଷଣ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସେହପରି ଶିକ୍ଷା ବିଭାଗରେ ବିଜ୍ଞପ୍ତି ୧୨୬୦ଟିପିଇଟିଶିକ୍ଷକ ପଦବୀ ନିଯୁକ୍ତିପାଇଁ ଆହ୍ୱାନ କରାଯାଇଥିବାବେଳେ ମାତ୍ର ୨୩ଟି ପଛୁଆ ବର୍ଗଙ୍କୁ ଉଦ୍ଦିଷ୍ଟ କରାଯାଇଛି। ଏଥିରୁ ଶାସକ ଦଳର ମନଭାବ ପଛୁଆବର୍ଗଙ୍କ ପାଇଁ ସ୍ପଷ୍ଟବାରି ହୋଇପଡୁଛି। ଗତ ୨୦୨୦ ଫେବୃଆରୀରେ ରାଜ୍ୟ ସରକାର ପଛୁଅବର୍ଗଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ବିଲ ପାସ କରିଥିଲେ। ୨୦୨୧ ମାର୍ଚ୍ଚ ୩ ତାରିଖରେ ରାଜ୍ୟ ଓବିସି କମିଶନର ଖୁବ ଶୀଘ୍ର ଓବିସି ଜନଗଣନା କରି ସେମାନଙ୍କର ସଂରକ୍ଷଣ ସୁନିଶ୍ଚିତ କରାଯିବ ବୋଲି କହିଥିଲେ। ଯାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇ ନାହିଁ। ବର୍ତ୍ତମାନ ପଛୁଆବର୍ଗ ତାଲିକାରେ ୨୧୦ ଜାତି ଓ ଉପଜାତି ରହିଛନ୍ତି। ଏବେ ମଧ୍ୟ ବହୁ ପଛୁଆବର୍ଗ ତାଲିକାଭୁକ୍ତ ହୋଇନାହାନ୍ତି। ଏହାକୁ ଯଥାଶୀଘ୍ର ତାଲିକାଭୁକ୍ତ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ସଭାପତି ରୋଶନ ସାହୁ, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନେନ୍ଦ୍ର ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ପତି, ସଂଗ୍ରାମ ନାୟକ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ଠିପିଖୋଲା ବିଦେଶୀ ମଦ ବାର ପ୍ରତ୍ୟାହାର ଦାବି ତେଜିଲା

ଦେବଗଡ଼, ୮।୯(ଡି ଏନ ଏ.)

ଦେବଗଡ଼ ପୌରାଞ୍ଚଳ ୮ନମ୍ବର ୱାର୍ଡଠାରେ ପ୍ରସ୍ତାବିତ ଠିପିଖୋଲା ବିଦେଶୀ ମଦ ବାର ନିଷ୍ପତ୍ତି ପ୍ରତ୍ୟାହାର ଦାବି ତେଜିଛି। ବୁଧବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ଅବକାରୀ କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏ ମର୍ମରେ ଏକ ଦାବିପତ୍ର ପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଜିଲା ଅବକାରୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରସ୍ତାବିତ ବିଦେଶୀ ମଦ ନିଷ୍ପତି ପ୍ରତ୍ୟାହାର ଦାବିରେ ବିଭିନ୍ନ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଦଳୀୟ ପଦାଧିକାରୀ ଓ କର୍ମୀମାନେ ପ୍ରତିବାଦ ଶୋଭାଯାତ୍ରା ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ଏ ମର୍ମରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଦେବଗଡ଼ ପୌରାଞ୍ଚଳ ଆଠ ନମ୍ବର ୱାର୍ଡରେ ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ବାର ପ୍ରତିଷ୍ଠା କରାଗଲେ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହିଥିବା ଉଲ୍ଲେଖ କରାଯାଇଛି। ଏହା ସହ ପ୍ରସ୍ତାବିତ ବାରର ଅନତି ଦୂରରେ ସ୍କୁଲ, ମନ୍ଦିର, ଚିକିତ୍ସାଳୟ, ଜାନସତି ଆଦି ରହିଥିବାରୁ ମଦ ବାର ପ୍ରତିଷ୍ଠା ପାଇଁ ଆଦୌ ପ୍ରଯୁଜ୍ୟ ନଥିବା ଉଲେଖ କରାଯାଇଛି। ସେହିପରି ଜନସାଧାରଣଙ୍କ ମତାମତ ବିନା ମତାମତରେ ନୀତିନିୟମକୁ ଜଳାଞ୍ଜଳି ଦେଇ ପ୍ରସ୍ତାବିତ ଠିପିଖୋଲା ବିଦେଶୀ ମଦ ବାର ପ୍ରତିଷ୍ଠା ପାଇଁ ଅବକାରୀ ବିଭାଗର ଚକ୍ରାନ୍ତ କରୁଥିବା ଅଭିଯୋଗ କରାଯାଇଛି। ଏଥିରୁ ନିବୃତ ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଭାପତି ସାହୁ ଚେତାବନୀ ଦେଇଥିଲେ। ପ୍ରତିବାଦ ଶୋଭାଯାତ୍ରାରେ ଜିଲା କଂଗ୍ରେସ ଉପ ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, କ୍ଷିତୀଶ ପ୍ରଧାନ, ସୁବାଷ ଚନ୍ଦ୍ର ଭୋଇ, ପ୍ରକାଶ ଚନ୍ଦ୍ର ଦେବତା, ମଞ୍ଜୁଲତା ନାୟକ, ପ୍ରମୋଦ କୁମାର ମିଶ୍ର, ବିନୋଦ ବିହାରୀ ନାୟକ, ମଞ୍ଜୁଳ ନାଏକ, ମୋଇନ ଖାଁଙ୍କ ସମେତ ବହୁ ଦଳୀୟ କର୍ମୀ ଓ ପଦାଧିକାରୀ ଉପସ୍ଥିତ ଥିଲେ।




ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ କରାଯାଉଛି।

■ଦେବଗଡ଼ ପୌରାଞ୍ଚଳ
■ଜିଲା କଂଗ୍ରେସର ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ

## ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଡକାୟତି ଉଦ୍ୟମ

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖଡିଆଳ ଥାନା ଦୁଆଝରରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ବ୍ୟାଙ୍କର ତାଲା ଭାଙ୍ଗି ଭିତରକୁ ପଶି ୨ଟି ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିବା ବେଳେ ଗୋଟିଏ କମ୍ପ୍ୟୁଟରକୁ ଭାଙ୍ଗି ହାର୍ଡଡିସକୁ ନେଇ ଯାଇଥିବା ଜଣାପଡିଛି। ଆଉ କଣ ଚୋରି ହୋଇଛି ତାହା ଜଣା ପଡିନାହିଁ ଏ ନେଇ ଦୁଆଝର ଏକ୍ସଲ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଭବାନୀ ଶଙ୍କର ମେହେର ବୁଧବାର ଖଡିଆଳ ଥାନାରେ ଏତଲା ଦେବା ପରେ ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ଓ ସାଇନ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଜାରି ରଖିଛି। କଣ ସବୁ ଚୋରି ହୋଇଛି ପ୍ରକୃତରେ ଜଣାପଡି ନାହିଁ, ତଦନ୍ତ ଚାଲିଛି ବୋଲି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

### ସଂକ୍ଷେପରେ

## ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ବିବାହ



ବଡ଼ଗାଁ,୮।୯(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଲିପୋଷ ଗ୍ରାମରେ ବୁଧବାର ବର୍ଷା ହେବା ପାଇଁ ବେଙ୍ଗବେଙ୍ଗୁଲି ବିବାହ କରାଯାଇଛି। ବାଗବରୁ ଗ୍ରାମବାସୀ ବରପକ୍ଷ ବା ବେଙ୍ଗକୁ ବର ଭାବେ ସଜ୍ଜିତ କରି କନ୍ୟାପକ୍ଷ ବାଲିପୋଷ ଗ୍ରାମକୁ ଆସିଥିଲେ। ଶତାଧିକ ବ୍ୟକ୍ତି ବରଯାତ୍ରୀରେ ଆସି ବାଲିପୋଷ ଗ୍ରାମରେ ବେଙ୍ଗବେଙ୍ଗୁଲି ରୀତିନୀତି ଅନୁସାରେ ବିବାହ କରାଇଥିଲେ। ବରପିତା ମାତା ଭାବେ ବସନ୍ତ କୁଜୁର ଓ ତାଙ୍କ ସ୍ତ୍ରୀ ବେଦମତୀ ଏବଂ କନ୍ୟାଙ୍କ ମାତାପିତା ଭାବେ ବାସନ୍ତି ଓ ତାଙ୍କ ସ୍ୱାମୀ ପ୍ରକାଶ ସା କାର୍ଯ୍ୟ ତୁଲାଇଥିଲେ। କୁଲଗା ଗ୍ରାମର ପୁରୋହିତ ସହଦେବ ପୂଜାରୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଗୌତମ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ଯୋଗଦେଇ ବର୍ଷା ହେବା ପାଇଁ ପୂଜାର୍ଚ୍ଚନା କରିଥିଲେ। ବିବାହ ସମାରୋହରେ ଆଖପାଖ ଗ୍ରାମର ପ୍ରାୟ ୪ଶହ ବ୍ୟକ୍ତି ଯୋଗଦେଇଥିଲେ। ସେମାନଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯାଇଥିଲା। ବିଶ୍ୱାସ ରହିଛି ଯେ, ବେଙ୍ଗ ଓ ବେଙ୍ଗୁଲିଙ୍କୁ ବିବାହ କଲେ ବର୍ଷା ହୋଇଥାଏ।

## ଚୋରି ଅଭିଯୁକ୍ତ ଗିରଫ, ଟିଭି ଉଦ୍ଧାର



ବରଗଡ଼ ଅଫିସ୍,୮।୯: ବରଗଡ଼ ଜିଲା ସୋହେଲା ଥାନା ପୋଲିସ ମଙ୍ଗଳବାର ଟିଭି ଚୋରି ଘଟଣାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଛେଲିଆପାଲି ଗ୍ରାମର ପୁରନ୍ଦର ଭୁଏ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା(ନଂ.୧୬୪/୨୧) ରୁଜୁ ହୋଇଛି । ଗତ ୨ତାରିଖ ସୋହେଲାର ସୁରେନ୍ଦ୍ର କରଙ୍କ ଘରୁ ଏକ ଟିଭି ଚୋରି ହୋଇଥିଲା। ସେ ଏ ନେଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ ସହିତ ଅଭିଯୁକ୍ତ ପୁରନ୍ଦରଙ୍କୁ ଗିରଫ କରିଥିଲା । ତାଙ୍କ ପାଖରୁ ଚୋରି ଟିଭି ଉଦ୍ଧାର ହେବା ସହିତ ବିଭିନ୍ନ ବ୍ୟାଙ୍କର ୧୦ଟି ଏଟିଏମ କାର୍ଡ଼, ୨ଟି ଗ୍ୟାସ ସିଲିଣ୍ଡର, ୫ଟି ମୋବାଇଲ ଫୋନ ଜବତ ହୋଇଛି ବୋଲି ପଦ୍ମପୁର ଏସଡ଼ିପିଓ ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି ।

# ଶୋଷଣକୁ ନେଇ ଗର୍ଜିଲେ ଶ୍ରମିକ

**ବଲାଙ୍ଗୀର ଅଫିସ, ୮।୯**



ବଲାଙ୍ଗୀର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମିକମାନଙ୍କୁ ସୁବିଧା, ସହାୟତା ମିଳିବା ପରିବର୍ତ୍ତେ ଶୋଷଣ କରାଯାଉଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟ ସରକାର ଯୋଗାଇ ଦିଆଯାଉଥିବା ସହାୟତା ଶ୍ରମିକଙ୍କୁ ମିଳୁନାହିଁ। ଏଭଳକି ଏହି ଶ୍ରମ କାର୍ଯ୍ୟାଳୟ ଦଲାଲ ଓ ଶୋଷଣକାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଅଭିଯୋଗ କରାଯାଇଛି। ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଟ୍ରେଡ୍ ୟୁନିୟନ କୋ-ଅର୍ଡିନେସନ୍ ସେଣ୍ଟର ଜିଲା କମିଟି ଏବଂ ନେତାଜୀ ସଂଗ୍ରାମୀ ପରିଷଦର ମିଳିତ ଆନୁକୂଲ୍ୟରେ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ନେତାଜୀ ସଂଗ୍ରାମୀ ପରଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ଜିଲା କମିଟି ସମ୍ପାଦକ ସୁଶୀଲ କୁମାର ଥନାପତିଙ୍କ ନେତୃତ୍ୱରେ ବୁଧବାର ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ।

ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଶତାଧିକ ଶ୍ରମିକ ଏକ ରାଲିରେ ବାହାରି ସହର ପରିକ୍ରମା ପୂର୍ବକ ଜିଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବଲାଙ୍ଗୀର ଜିଲାରେ ଯେଉଁଭଳି ଭାବେ ଶ୍ରମିକ ଶୋଷଣ ଓ ନିର୍ଯାତନା ଚାଲିଛି ସେଥିରୁ ଜିଲାରେ ୫-ଟି ବିଭାଗ କାମ କରୁନାହିଁ ବୋଲି ଅଭିଯୋଗ କରାଯାଇଥିଲା। ରାଜ୍ୟ ସରକାର ୫-ଟି ଜରିଆରେ ଲୋକଙ୍କୁ ସୁବିଧା ଯୋଗାଇବା ସହ ପ୍ରଶାସନକୁ ସ୍ୱଚ୍ଛ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁଁ ବଲାଙ୍ଗୀର ଜିଲାର ନିର୍ମାଣ ଓ ଦାଦନ ଶ୍ରମିକ ସବୁଠୁ ବେଶୀ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଥିଲେ। ଜିଲା ଶ୍ରମ ଅଧିକାରୀ ଅଧିକାଂଶ ସମୟ ଜିଲା ଅଫିସରେ ଅନୁପସ୍ଥିତ ରହୁଥିବା ଏବଂ ଫୋନ୍ କଲେ ଉଠାଉ ନ ଥିବା ଅଭିଯୋଗ କରିଥିଲେ। ତାଙ୍କ ଅନୁପସ୍ଥିତି ଯୋଗୁଁ ଶ୍ରମିକମାନେ ଘୋର ହଇରାଣ ହରକତ ହେଉଛନ୍ତି ବୋଲି ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ମହାପାତ୍ର ଅଭିଯୋଗ କରିଥିଲେ। ଜିଲାରେ ଦଶନ୍ଧି ଦଶନ୍ଧି ଧରି ନିର୍ମାଣ ଓ ଦାଦନ ଶ୍ରମିକଙ୍କୁ ଯେଉଁ ଶୋଷଣ କରାଯାଉଛି ତାହାଦ୍ୱାରା ଜିଲା ତଥା ରାଜ୍ୟର ସୁନାମରେ ଆଞ୍ଚ ଆସୁଛି। ଶ୍ରମିକମାନେ ପ୍ରଦତ୍ତ ସୁବିଧା ସୁଯୋଗ ନପାଇ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ପରିଷଦ ସଭାପତି ପଟ୍ଟନାୟକ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫାର ଦାବିପତ୍ର କାର୍ଯ୍ୟାଳୟ ଜରିଆରେ ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣର ଭିଜିଲାନ୍ସ ତଦନ୍ତ କରାଯିବା, ଜିଲା ଶ୍ରମ ଅଧକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବା, ଶ୍ରମିକ ଶୋଷଣ ଏବଂ ଚାଲାଣକୁ ରୋକିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନ ତ୍ୱରିତ ଯୋଗାଇବା ଏବଂ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କ ଶ୍ରମିକଙ୍କ ପଞ୍ଜୀକରଣକୁ ନିୟମିତ କରାଯିବାକୁ ଦାବି କରାଯାଇଛି।

### ଘେରିଲେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ

- ଶୋଷଣର ଭିଜିଲାନ୍ସସ୍ତରୀୟ ତଦନ୍ତ କର
- ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସୁବିଧା ପ୍ରଦାନରେ ଅନିୟମିତତା
- ବଲାଙ୍ଗୀର ଜିଲାରେ ୫-ଟି କାମ କରୁ ନ ଥିବା ଅଭିଯୋଗ ଆଣିଲେ
- ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତି, ଦଲାଲ ରାଜ୍‌କୁ ନେଇ ପ୍ରଶ୍ନ କଲେ

## ସ୍ୱଚ୍ଛଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

**ଅମରପାଲି,୮।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ସ୍ୱଚ୍ଛଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକର ୮ଟି ପଞ୍ଚାୟତ ପାଇଁ ଉର୍ଦ୍ଦିଷ୍ଟ ଏହି ବୈଠକରେ ସମସ୍ତ ଙ୍କ ଘରେ ପାଇଖାନା, ଆବର୍ଜନା କୁଣ୍ଡ,କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ସାମୁହିକ ଶୌଚାଳୟ ନିର୍ମାଣ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିପାଇଁ ୮ଟି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବାକୁ କୁହାଯାଇଛି। ଏଥିପାଇଁ ପଞ୍ଚାୟତରେ ଥିବା ବିଭିନ୍ନ ପାଣ୍ଠିରୁ ଏହା କରାଯାଇ ପାରିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଆରସି ଖେଳାନିଧି ପ୍ରଧାନ, ପିତାମହୁଲ ସରପଞ୍ଚ ସରୋଜ କୁମାର ବାରିକ,ଚ ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ହିଲୁଙ୍ଗ ସରପଞ୍ଚ ଅଶୋକ କୁମାର ମହାକୁଡ଼, ଚମ୍ପାମାଳ ସରପଞ୍ଚ ରେବତୀ ରାଉତ, ମୁର୍ଷୁଣ୍ଡୀ ସରପଞ୍ଚ ଗିନାପୁଟା, କମିରା ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଲୁଡୁରପଙ୍କ ସରପଞ୍ଚ ସୁଜାତା ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧରେ କନିଷ୍ଠ ଯନ୍ତ୍ରୀ, ପିଇଓ, ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ। ଶେଷରେ ମାଷ୍ଟର ଟ୍ରେନର ବ୍ୟାସଦେବ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ମିନେରାଲ ମଜଦୁର ସଂଘ ଗଠିତ

**କୁତ୍ରା, ୮।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲରେ ଅବସ୍ଥିତ ଜେଏସ୍‌ଡବ୍ଲୁ ଶିବା ସିମେଣ୍ଟ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଶ୍ରମିକଙ୍କ ସହମତିରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଏଠାରେ ମିନେରାଲ ମଜଦୁର ସଂଘ ଗଠନ କରାଯାଇଛି। ଏଥିପାଇଁ ଖତକୁରବାହାଲ ନିକଟସ୍ଥ ଫଲସାକାନି ଗ୍ରାମରେ ଭାରତୀୟ ମଜଦୁର ସଂଘର ଓଡିଶା ରାଜ୍ୟ ସଦସ୍ୟ ବିବେକାନନ୍ଦ ମହାନ୍ତଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଣିରେ କାର୍ଯ୍ୟରତ ପ୍ରାୟ ୬୪ ଶ୍ରମିକ ଯୋଗଦେଇଥିଲେ। ଏଥିରେ ଖତକୁରବାହାଲ ଶିବା ସିମେଣ୍ଟ ଖଣି ପାଇଁ ସର୍ବସମ୍ମତି କ୍ରମେ ସଭାପତି ଭାବେ ବିବେକାନନ୍ଦ ମହାନ୍ତ, ଉପ ସଭାପତି ଭାବେ ବିମଳା ଲାକଡା, ସାଧାରଣ ସମ୍ପାଦକ ଭାବେ ସଞ୍ଜିବ ବରୁଆ, ସମ୍ପାଦକ ଭାବେ ବିନା ଖେସ ଏବଂ କୋଷାଧକ୍ଷ ଭାବେ ମୁକୁନ୍ଦ ଭିତରିଆଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଏମ୍ଏସ୍‌ର ଜିଲା ସମ୍ପାଦକ ଗୋଲାପ ଚନ୍ଦ୍ର କୌଶିକ ପରିଚାଳନା କରିଥିଲେ। ଆଗାମୀ ଦିନରେ ଏଠାକାର ଶ୍ରମିକଙ୍କ ପାଇଁ ଏହି ମିନେରାଲ ମଜଦୁର ସଂଘ କାର୍ଯ୍ୟ କରିବ ବୋଲି ସର୍ବସମ୍ମତି ପ୍ରକାଶ ପାଇଥିଲା।


ମିନେରାଲ ମଜଦୁର ସଂଘ ଗଠନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

## ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗ: ୩ ଗିରଫ

**ଜୁନାଗଡ,୮।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ବୁଧବାର ଗ୍ୟାସ ସିଲିଣ୍ଡର ଚୋରିକରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜୁନାଗଡ ସହରର ରୁଗଧର ଶବର, ବ୍ରଜମୋହନ ଶବର। ଚୋରି ସିଲିଣ୍ଡର କିଣିଥିବା ଅଭିଯୋଗରେ ରାହୁଲ ଗୋୟଲଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ରାତିରେ ଜୁନାଗଡ ସହର ହିଙ୍ଗଳିବାହାଲିସ୍ଥିତ ପ୍ରକାଶ ନିଆଲଙ୍କୁ ଘରୁ ରୁଗଧର ଓ ବ୍ରଜମୋହନ ଗ୍ୟାସ ସିଲିଣ୍ଡର ଚୋରି କରିବାକୁ ଯାଇଥିଲେ। ସେମାନେ ୨ଟି ଗ୍ୟାସ ସିଲିଣ୍ଡର ଚୋରି କରିବା ପରେ ୩ ନମ୍ବର ଚୋରି କରୁଥିବାବେଳେ ମାଲିକ ଏବଂ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୩୦୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

## ବସ୍‌ଷ୍ଟାଣ୍ଡକୁ ଶହୀଦଙ୍କ ନାମରେ ନାମିତ ଦାବି



ପରିବାର ତରଫରୁ ଶହୀଦଙ୍କ ଫଟୋଚିତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଉଛି।

**ଝାରସୁଗୁଡ଼ା ଅଫିସ,୮।୯**

ଝାରସୁଗୁଡା ବ୍ଲକ୍ ଜମେରା ପଞ୍ଚାୟତ ସିଂହାବଗା ଗ୍ରାମରେ ବୁଧବାର ୟଙ୍ଗଷ୍ଟାର ଚାରିଟେବୁଲ ଟ୍ରଷ୍ଟ ଓ ଶହୀଦ ଗଣେଶ ଉପାଧ୍ୟାୟ ସ୍ମୃତିଚାରଣ ସମିତି ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଗଣେଶ ଉପାଧ୍ୟାୟଙ୍କ ୨୧୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସ୍ମୃତିସଭାରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଓ ଡିଆର୍‌ଡିଏ ପିଡି ତପିରାମ ମାଝି, ଓଏସ୍ଏପି ୨ୟ ବାଟାଲିୟନ କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ, ଝାରସୁଗୁଡା ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଶହୀଦ୍ ପରିବାର ସଦସ୍ୟ ଜନ୍ମେଜୟ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୟଙ୍ଗଷ୍ଟାର ଚାରିଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶକ ବିବେକାନନ୍ଦ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଟ୍ରଷ୍ଟ ସଭାପତି ଇଞ୍ଜିନିୟର ଅରବିନ୍ଦ ବାରିକ ସଭା ପରିଚାଳନା କରିଥିବାବେଳେ ଶହୀଦଙ୍କ ଜନ୍ମଭୂମି ସିଂହାବଗା ଗ୍ରାମରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପାଠାଗାର, ଝାରସୁଗୁଡ଼ା ବାଇପାସ୍ ରାସ୍ତା ବେହେରାପାଲି ନିକଟରେ ଶହୀଦଙ୍କ ନାମରେ ଏକ ତୋରଣ ନିର୍ମାଣ କରିବା ଓ ଝାରସୁଗୁଡ଼ା ନୂତନ ବସ୍‌ଷ୍ଟାଣ୍ଡକୁ ତାଙ୍କ ନାମରେ ନାମିତ କରିବା ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଟ୍ରଷ୍ଟ ଓ ସ୍ମୃତିଚାରଣ ସମିତି ତରଫରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ ସାମଲ ସ୍ୱାଧୀନତା ସଂଗ୍ରାମୀ ଗଣେଶ ଉପାଧ୍ୟାୟଙ୍କ ବୀରତ୍ୱର ଗାଥା ବଖାଣିବା ସହ ଜିଲା ପ୍ରଶାସନ ଶହୀଦଙ୍କ ସ୍ମୃତିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଶହୀଦଙ୍କ ପରିବାର ସଦସ୍ୟଙ୍କୁ ଅତିଥିମାନେ ମାନପତ୍ର ସହ ଉପଢୌକନ ପ୍ରଦାନକରି ସମ୍ମାନିତ କରିଥିଲେ। ଶହୀଦଙ୍କ ପରିବାର ସଦସ୍ୟ ବେଣୁଧର ଭିତିରିଆ ଧନ୍ୟବାଦ ଦେଇଥିଲେ।

# ମାଲ୍ଲା ବିଜୟଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ

**କଟକ ଅଫିସ,୮।୯**

### ୱେଲ୍‌ଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା

ୱେଲ୍‌ଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କ ଗୁମର ଧୀରେ ଧୀରେ ଖୋଲିବାରେ ଲାଗିଛି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମାଲ୍ଲା ବିଜୟଙ୍କ ସଂସ୍ଥା ଭୁବନେଶ୍ୱର, କଟକ ଏବଂ ନୟାଗଡ଼ ଜିଲାରେ ଶାଖା ଖୋଲି ଠକେଇ କରୁଥିଲେ। ସମ୍ବଲପୁରରେ ମଧ୍ୟ ଏହି ଚିଟ୍‌ଫଣ୍ଡ କମ୍ପାନୀ ଲୋକଙ୍କୁ ଠକିଥିବା ଅଭିଯୋଗ ହୋଇଛି। ଖୁବଶୀଘ୍ର ମାଲ୍ଲା ବିଜୟଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣିବ। ଏହି କମ୍ପାନୀ ବିରୋଧରେ ଯେଉଁ ବ୍ୟକ୍ତିଙ୍କ ଅଭିଯୋଗ ରହିଛି, ସେମାନେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)କୁ ଫୋନ ମାଧମରେ ଅଭିଯୋଗ କରିପାରିବେ ବୋଲି ବୁଧବାର କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଗଣମାଧମକୁ ସୂଚନା ଦେଇଛନ୍ତି।

ପଣ୍ଡା କହିଛନ୍ତି ଯେ, ୱେଲଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ତଥା ଆନ୍ଧ୍ରର ପୂର୍ବତନ ବିଧାୟକ ହେଉଛନ୍ତି ମାଲ୍ଲା ବିଜୟ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗରେ ଜମି ଯୋଗାଇଦେବାର ମୋହ ଦେଖାଇ ମାଲାଙ୍କ ସଂସ୍ଥା ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲା। ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ନିକଟରେ ୧୫୦ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କଲେ ଅଧିକ ତଥ୍ୟ ଜଣାପଡ଼ିବ। ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟରେ ମଧ୍ୟ ମାଲ୍ଲା ବିଜୟଙ୍କ ନାଁରେ ମାମଲା ରହିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମଧ୍ୟ ଝାଡ଼ଖଣ୍ଡରେ ହୋଇଥିବା ଠକେଇ ମାମଲାର ଯାଞ୍ଚ କରୁଛି। କେନ୍ଦ୍ରୀୟ ସଂସ୍ଥା ସହ କ୍ରାଇମବ୍ରାଞ୍ଚ ଯୋଗାଯୋଗ କରି ତଦନ୍ତ କରିବ ବୋଲି ଏଡିଜି ସଞ୍ଜୀବ କହିଛନ୍ତି। ଅନ୍ୟପଟେ ବିଶାଖାପାଟଣାର ପୂର୍ବତନ ବିଧାୟକଙ୍କ ତେଲୁଗୁ ଫିଲ୍ମ ଲିଙ୍କ୍ ମିଳିଛି। କୋଟି କୋଟି ଟଙ୍କା ଗ୍ରାହକଙ୍କଠାରୁ ଠକି ମାଲ୍ଲା ବିଜୟ ଫିଲ୍ମ ତିଆରି କରୁଥିବା ତଦନ୍ତ ବେଳେ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।

## ଓକିଲ ସଂଘର ସହାୟତା ଲୋଡ଼ିଲେ ବିସ୍ଥାପିତ

**ସମ୍ବଲପୁର,୮।୯(ବ୍ୟୁରୋ)**

ସମ୍ବଲପୁର ସମଲେଇ ଯୋଜନା ଯୋଗୁ ବିସ୍ଥାପିତ ହେବାକୁ ଥିବା ଲୋକେ ବୁଧବାର ଜିଲା ଓକିଲ ସଂଘର ସହଯୋଗ ଲୋଡିଛନ୍ତି। ମୈଥିଳି ମହପାତ୍ର, ଗୋକୁଲ ପଣ୍ଡା, ଶୈଳେଶ ମହାପାତ୍ର, ପୃଥ୍ୱୀରାଜ ରାୟ ଚୌଧୁରୀ, ଲକ୍ଷ୍ମୀପ୍ରିୟା ପ୍ରଧାନ, ନୀରୁ ଭିତିରିଆଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଜିଲା ବାର କାର୍ଯ୍ୟାଳୟରେ ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ସଂଘ ସାଧାରଣ ସମ୍ପାଦକ ରବି ରଞ୍ଜନ ପୂଜାରୀ, ଉପସଭାପତି ଚନ୍ଦ୍ରକାନ୍ତ ମହାନ୍ତି ଉପସ୍ଥିତ ଥିଲେ। ସ୍ମାରକପତ୍ରରେ ଦର୍ଶାଯାଇଛି, ସମଲେଇ ଯୋଜନାକୁ ସ୍ୱାଗତ କରାଯାଉଛି। ମନ୍ଦିର ଉନ୍ନୟନ କାମ କରାଯାଉ। ହେଲେ ପର୍ଯ୍ୟଟନ ନାମରେ ବ୍ୟବସାୟକୁ ବିରୋଧ କରାଯାଉଛି। ଅନ୍ୟପଟେ ସରକାର ଏହି ଯୋଜନାକୁ ନେଇ ସଠିକ ତଥ୍ୟ, ଡ୍ରଇଁ, ଭିତରେ କ'ଣ ରହିବ ସେ ନେଇ ସ୍ପଷ୍ଟ କରୁନାହାନ୍ତି। ଜମି ଅଧିଗ୍ରହଣ ପରେ ମାଫିଆଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଯୋଜନା କରିଛନ୍ତି। ଏଠାରେ ହୋଟେଲ ରିସୋର୍ଟ ତଥା ପର୍ଯ୍ୟଟକ ଆମୋଦ ପ୍ରମୋଦ ପାଇଁ ଯୋଜନା କରାଯାଉଛି। ଯୋଜାନା ପାଇଁ ପ୍ରଥମେ ୩୯ ଏକର ଜମି ଅଧିଗ୍ରହଣ ହେବ ବୋଲି କୁହାଯାଇଥିଲା। ହେଲେ ପରେ ବୃଦ୍ଧି କରି ୧୦୭ ଏକର କରିବାକୁ ଯୋଜନା ରହିଛି। ଏଥିରେ ସହରର ବଡବଜାର, କମିବଜାର, ଘୁନଘୁଟିପଡା, ରାଜଜିମନ୍ଦିରପଡା, ବାଲିବନ୍ଧାର ଶତାଧିକ ପରିବାର ବିସ୍ଥାପିତ ହେବେ। ତେଣୁ ଆଇନଗତ ସହଯୋଗ କରିବାକୁ ଅନୁରୋଧ କରିଥିଲେ।


ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ବିସ୍ଥାପିତମାନେ।

## ପରିବହନ ମୂଲ୍ୟ ବୃଦ୍ଧି ଦାବି ନେଇ ଉତ୍ତେଜନା

**ସୁନ୍ଦରଗଡ,୮।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା ଏମ୍‌ସିଏଲ୍‌ର କୋଇଲା ଖଣିରୁ କୋଇଲା ପରିବହନ ମୂଲ୍ୟବୃଦ୍ଧି ଦାବି ନେଇ ଉତ୍ତେଜନା ପ୍ରକାଶ ପାଇଚି। ଟ୍ରକ ମାଲିକ ଏବଂ ଟ୍ରାନ୍ସପୋର୍ଟର ମୁହାଁମୁହିଁ ହୋଇଛନ୍ତି। କୋଇଲା ଖଣିରେ କୋଇଲା ପରିବହନ ପାଇଁ ଟ୍ରକ ଲଗାଇଥିବା ମାଲିକମାନେ ପରିବହନ ମୂଲ୍ୟ ବୃଦ୍ଧି ଦାବିକୁ ଅଣଦେଖା କରୁଥିବା ଟ୍ରାନ୍ସପୋର୍ଟରଙ୍କ ବିରୋଧରେ ମାଲିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର କିଛି ଟ୍ରକ ମାଲିକ ଜଣେ ଟ୍ରାନ୍ସପୋର୍ଟରଙ୍କ ଅଫିସ୍‌କୁ ଯାଇଥିବା ବେଳେ ସେଠାରେ ଥିବା କିଛି କର୍ମଚାରୀ ଟ୍ରକମାଲିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ପାଟିତୁଣ୍ଡ ହୋଇଥିବା ବେଳେ ଏନେଇ ଟ୍ରକ ମାଲିକଙ୍କ ପକ୍ଷରୁ ଟାଉନ୍ ଥାନାରେ ରିପୋର୍ଟ ହୋଇଥିଲା। ସନ୍ଧ୍ୟାରେ ପୋଲିସ ସମ୍ପୃକ୍ତ ଟ୍ରାନ୍ସପୋର୍ଟରଙ୍କୁ ଥାନାକୁ ଡକାଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ପାଇଁ ଉଦ୍ୟମ କରିଥିବା ବେଳେ ଟ୍ରାନ୍ସପୋର୍ଟର ଜଣକ ଥାନା ସମ୍ମୁଖରେ ଟ୍ରକ ମାଲିକଙ୍କୁ ଗାଳିଗୁଲଜ କରିବା ପରେ ଟ୍ରକ ମାଲିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି କିଛି ମାଲିକ ଓ ଟ୍ରାନ୍ସପୋର୍ଟରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏହା ପରେ ଟ୍ରାନ୍ସପୋର୍ଟରଙ୍କ ଗୋଷ୍ଠୀ ଓ ମାଲିକଙ୍କ ମଧ୍ୟରେ ଠେଲାଠେଲି ହେବାପରେ ଥାନାରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଟ୍ରାନ୍ସପୋର୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶହଶହ ସଂଖ୍ୟାରେ ଟ୍ରକ ମାଲିକ ଥାନା ଘେରାଉ କରିଥିବା ବେଳେ ଥାନା ଭିତରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଛି। ଥାନାରେ ବ୍ୟାପକ ପୋଲିସ ମୂତୟନ ହୋଇଛନ୍ତି।


ଟାଉନ୍ ଥାନା ସମ୍ମୁଖରେ ଉଭୟ ପକ୍ଷ ଲୋକ ରୁଣ୍ଡ ହୋଇଛନ୍ତି।

### ଟ୍ରାନ୍ସପୋର୍ଟର -ଟ୍ରକ ମାଲିକ ମୁହାଁମୁହିଁ: ଟାଉନ୍ ଥାନା ଘେରାଉ

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୯ ସେପ୍ଟେମ୍ବର, ୨୦୨୧

**ବନ୍ଦ କୋଠରିରୁ ମୃତଦେହ ଜବତ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଟାଉନ ଥାନା ଧୁଚୁରାପଡାରେ ବନ୍ଦ ଥିବା ଏକ ଦୋକାନରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ପୋଲିସ ଉପସ୍ଥିତିରେ ଅଗ୍ନିଶମମ ବିଭାଗ କର୍ମଚାରୀ ଏହାକୁ ଜବତ କରିଥିଲେ। ମୃତକ ହେଲେ ଏନଗୁହା ଲ୍ୟାନର ଅମରଜିତ ଠାକୁର (୩୫)। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ସକାଳ ପ୍ରାୟ ୬ଟା ସମୟରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବନ୍ଦ ଦୋକାନର ସିଲିଂରେ ମୃତଦେହ ଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା।



**ସଂକ୍ଷେପରେ**

## ବିଜେବି କଲେଜରେ ସମ୍ବଲପୁର ଝିଅର ବାଜିମାତ୍


ପ୍ରଗତି ଗୁରୁ

ସମ୍ବଲପୁର,୮।୯(ବ୍ୟୁରୋ): ସମ୍ବଲପୁର ଝିଅ ପ୍ରଗତି ଗୁରୁ ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଜିମାତ୍ କରିଛନ୍ତି। ଯୁକ୍ତ ୩ ଶେଷବର୍ଷ ପରୀକ୍ଷାରେ ସେ ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ମନସ୍ତତ୍ତ୍ୱ ବିଭାଗରେ ସର୍ବାଧିକ ୯୨.୨୭ ପ୍ରତିଶତ ମାର୍କରଖି ପ୍ରଥମ ଶ୍ରେଣୀ ସମ୍ମାନ ସହ ଡିଷ୍ଟିଙ୍କସନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୨୬୦୦ରୁ ୨୩୯୯ ମାର୍କ ରଖିଥିବା ବେଳେ କୋର ମାର୍କ ୧୪୦୦ରୁ ୧୩୨୨ ରଖିଛନ୍ତି। ସେ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି। ମୁଦିପଡା ନିବାସୀ ଆଇନଜୀବୀ ରାଜେନ୍ଦ୍ର ଗୁରୁ ଓ ସୁନୀତାଙ୍କ ଝିଅ ଅଟନ୍ତି। ଖବର ପ୍ରକାଶ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

## ମୁଖ୍ୟ କୃଷି ଅଧିକାରୀଙ୍କ ଜମନକିରା କ୍ଷେତ୍ର ପରିଦର୍ଶନ

ଜମନକିରା,୮।୯(ଡି.ଏନ.ଏ.): ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ସରୋଜକାନ୍ତ ଚାନ୍ଦ ବୁଧବାର ଜମନକିରା ବ୍ଲକ୍‌ର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଜମନକିରା କୃଷି କାର୍ଯ୍ୟାଳୟରେ ପହଞ୍ଚି ଅଚଳ ଉଠାଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା, ଜଳ ଉତ୍ସଗୁଡ଼ିକରୁ କିପରି ଡିଜେଲ ପମ୍ପ ସାହାଯ୍ୟରେ ପାଣି ଜମିକୁ ପାଣି ମଡ଼ାଇହେବ ସେ ପ୍ରତି ଗୁରୁତ୍ୱ ଦେବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା, ବଳରାମ ଯୋଜନାରେ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଭୂମି ହୀନ, ଛୋଟ ଚାଷୀଙ୍କୁ ବିଭିନ୍ନ ବ୍ୟାଙ୍କରୁ ଋଣ ପ୍ରଦାନ, ମରୁଡ଼ି ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଥିଲେ। ପରେ ବ୍ଲକ୍‌ର ତୁଲୁବ ଓ ଭୋଜପୁରକୁ ଯାଇ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କଠାରୁ ବୁଝିଥିଲେ। ବ୍ଲକ୍ କୃଷି ଅଧିକାରୀ ଲୋଚନ ମାଝି ଉପସ୍ଥିତ ଥିଲେ।

## ମରୁଡ଼ି ଘୋଷଣା ନେଇ ଭାଜପାର ଦାବିପତ୍ର

ରେଢ଼ାଖୋଲ,୮।୯(ଡି.ଏନ.ଏ.): ରେଢ଼ାଖୋଲ ବ୍ଲକର ରେଙ୍ଗାଲି, ଭାଲିଆକଟା, ମୋଚିବାହାଲ, ଗରଗଡବାହାଲ ଓ ବଡମାଲ ପଞ୍ଚାୟତକୁ ମରୁଡ଼ି ଘୋଷଣା କରି ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଚାରମାଲ ମଣ୍ଡଳ ଭାଜପା ପକ୍ଷରୁ ରେଢ଼ାଖୋଲ ତହସିଲଦାରଙ୍କ ଉଦ୍ଦେଶ୍ୟରେ ବଡମାଲ ରାଜସ୍ୱ ନିରୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ଅଞ୍ଚଳରେ କ୍ରମାଗତ ଭାବେ ହାତୀ ଉପଦ୍ରବ ଓ ବନ୍ୟଜନ୍ତୁ ଦ୍ୱାରା ଧନଜୀବନ ନଷ୍ଟ ହେଉଥିବାରୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବାକୁ ବଡମାଲ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀଙ୍କ ଦାବିପତ୍ର ଦିଆଯାଇଛି। ଭାଜପା ନେତା ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଚାରମାଲ ମଣ୍ଡଳ ସଭାପତି ଭାବଗ୍ରାହୀ ବାଘ, ସମ୍ପାଦକ ପରେଶ କୁମାର ଧଳ, ଚେରେଙ୍ଗା ଦେହୁରି, ସୂର୍ଯ୍ୟନାରାୟଣ ଜେନାଙ୍କ ସମେତ ୫ ପଞ୍ଚାୟତର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତ୍ରିବଣପୁରରେ ବିଜେଡି ସାଙ୍ଗଠନିକ ବୈଠକ

ରେଢାଖୋଲ,୮।୯(ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନ ପାଇଁ ରେଢାଖୋଲ ବ୍ଲକ ବିଜେଡି ପକ୍ଷରୁ ବୁଧବାର ତ୍ରିବଣପୁର ପଞ୍ଚାୟତରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ବିଜେଡି ନେତା ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଯୁବ ବିଜେଡି ସଭାପତି ତଥା ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନ, ବଳଭଦ୍ର ପ୍ରଧାନ, ଅର୍ଜୁନ ପ୍ରଧାନ, ହିମାଦ୍ରୀ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କର୍ମୀମାନେ ଲୋକଙ୍କୁ ସଚେତନ କରିବା ସହ ଏହାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଉନ୍ନୟନ ପାଣ୍ଠିରେ ଚାଲିଥିବା ପ୍ରକଳ୍ପର ଅଗ୍ରଗତି ଓ ନୂତନ ଅନୁଦାନ ବଣ୍ଟନ ଉପରେ ଆଲୋଚନା ହୋଇଥିଲା।

**ଶିଶୁ, ମହିଳା ଅସୁରକ୍ଷିତ**

# ବଢୁଛି ନିଖୋଜ ମାମଲା

ସମ୍ବଲପୁର,୮।୯(ବ୍ୟୁରୋ)

- ଭିକ୍ଷାବୃତ୍ତି, ଶ୍ରମିକ ଭାବେ ନିୟୋଜିତ କରାଯାଉଛି
- ପରୀ, ମୁସ୍କାନ ସ୍ୱତନ୍ତ୍ର ଡ୍ରାଇଭ୍ ଲକ୍ଷ୍ୟଚ୍ୟୁତ

ସମଗ୍ର ରାଜ୍ୟରେ ଶିଶୁ, ମହିଳା ନିଖୋଜ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ସ୍ତରରେ ଏହାକୁ ରୋକିବା ପାଇଁ ପରୀ, ମୁସ୍କାନ ଭଳି ସ୍ୱତନ୍ତ୍ର ଯୋଜନା କରାଯାଇଛି। ହେଲେ ଏହା ଲକ୍ଷ୍ୟଚ୍ୟୁତ ହେବାଭଳି ମନେହେଉଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏ ନେଇ ଏକ ର୍ୟାକେଟ ସମ୍ବଲପୁର ସହିତ ରାଜ୍ୟର ଅନ୍ୟ ଜିଲାରେ ସକ୍ରିୟ ରହିଛି। ର୍ୟାକେଟର ସଦସ୍ୟ ମାନେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କିଛିଦିନ ବୁଲାବୁଲି କରି ସୁଯୋଗ ଦେଖି ଶିଶୁଙ୍କୁ ଚୋରି କରି ନେଉଛନ୍ତି। ଚୋରି ଶିଶୁମାନଙ୍କ ମଧ୍ୟ ଅଧିକ ଶିଶୁକନ୍ୟା ଥିବା ଅଭିଯୋଗ ହେଉଛି। ସେମାନଙ୍କୁ ନେଇ କଲିକତା, ବିହାର, ଛତିଶଗଡ, ମହାରାଷ୍ଟ୍ର, ତାମିଲନାଡୁ ଭଳି ରାଜ୍ୟରେ ଭିକ୍ଷାବୃତ୍ତି, ଇଟାଭାଟି, ହୋଟେଲ, ଘରେ ଶ୍ରମିକ ଭାବେ ନିୟୋଜିତ କରାଯାଉଛି। ଅନେକ ସ୍ଥାନରେ ଶିଶୁମାନଙ୍କୁ ନିଃସନ୍ତାନ ପରିବାରକୁ ବିକ୍ରି କରି ଦିଆଯାଉଛି। ସେହିପରି ଯୁବତୀ ଓ ମହିଳାମାନଙ୍କୁ ଚାକିରି ଓ ବିବାହର ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ନେଇ ଯାଉଛନ୍ତି। ସେଠାରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି। ଉଦ୍ଧାର ହୋଇ ଆସୁଥିବା ଯୁବତୀମାନେ ଏଭଳି ବୟାନ ଦେଇଥିବା ନଜିର ରହିଛି। ଦେଖିବାକୁ ଗଲେ ଶିଶୁ, ମହିଳା, ଯୁବତୀ ସମସ୍ତେ ଅସୁରକ୍ଷିତ ଥିବା ଅଭିଯୋଗ ହେଉଛି। ନିଖୋଜ ନେଇ ଥାନାକୁ ଅଭିଯୋଗ ପାଇଁ ଆସିଲେ ପୋଲିସ ଏତଲା ରଖିବାକୁ କୁଣ୍ଠାବୋଧ କରୁଛି। ଅନେକ ନିଖୋଜ ମାମଲା ପଞ୍ଜୀକୃତ ମଧ୍ୟ କରାଯାଉନାହିଁ।

ମିଳିଥିବା ରିପୋର୍ଟ ଅନୁସାରେ ପ୍ରତିବର୍ଷ ଜିଲାରେ ପ୍ରାୟ ୯୦ ଶିଶୁ ନିଖୋଜ ହେଉଥିବା ଜଣାପଡିଛି। ସରକାରୀ ରିପୋର୍ଟ ବାହାରେ ଅନେକ ଶିଶୁ ନିଖୋଜ ମାମଲା ହୋଇ ନ ଥାଏ। ୨୦୧୭ରେ ୮୫ ଶିଶୁ ନିଖୋଜ ହୋଇଥିଲେ। ଏଥିମଧ୍ୟରେ ୨୩ ପୁଅ ଓ ୬୨ ଝିଅ ଅଛନ୍ତି। ଏହାକୁ ନେଇ ଜିଲାର ବିଭିନ୍ନ ଥାନାରେ ୮୦ ନିଖୋଜ ମାମଲା ରୁଜୁ ହୋଇଛି। ୨୦୧୮ରେ ୨୧ ପୁଅ ଓ ୭୪ ଝିଅ ନିଖୋଜ ରହିଛନ୍ତି। ଏ ନେଇ ୯୨ ମାମଲା ରୁଜୁ ହୋଇଥିଲା। ଅନ୍ୟ ୩ ଯୁବତୀଙ୍କ ନିଖୋଜ ମାମଲା ରୁଜୁ ହୋଇ ନାହିଁ। ୨୦୧୯ରେ ୧୮ ପୁଅ ଓ ୭୨ ଝିଅ ନିଖୋଜ ଥିବାବେଳେ ଏ ନେଇ ବିଭିନ୍ନ ଥାନାରେ ୮୪ ମାମଲା ରୁଜୁ ହୋଇଛି। ୨୦୨୦ରେ ୧୬ ପୁଅ ୭୭ ଝିଅ ନିଖୋଜ ହୋଇଥିବା ବେଳେ ୮୯ ମାମଲା ରୁଜୁ ହୋଇଛି। ସେହିପରି ୨୦୨୧ରେ ୪୦ ଜଣ ନିଖୋଜ ହୋଇଥିବା ବେଳେ ୨୪ ଜଣ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଧିକାଂଶ ନିଖୋଜଙ୍କ ପତ୍ତା ମିଳିଥିବା ପୋଲିସ ପକ୍ଷରୁ ଦାବି କରାଯାଉଛି। ପ୍ରାୟ ୭୦ ପ୍ରତିଶତ ଯୁବତୀଙ୍କୁ ଟ୍ରାକ୍ କରାଯାଇ ଚିହ୍ନଟ ମଧ୍ୟ କରାଯାଇଛି। ପୁରୁଷ ତୁଳନାରେ ଯୁବତୀଙ୍କ ନିଖୋଜ ଘଟଣା ଅଧିକ ରହିଛି। ଅନେକ କ୍ଷେତ୍ରରେ ଯୁବତୀ ଓ ଯୁବକ ପ୍ରାପ୍ତ ବୟସ ହୋଇ ନ ଥିଲେ ପ୍ରେମ କରି ପରିବାର ଛାଡି ଚାଲି ଯାଇଥାନ୍ତି। ସେମାନଙ୍କ କ୍ଷେତ୍ରରେ ପୋଲିସ ମାମଲା ରୁଜୁ କରି କେବଳ ଚିହ୍ନଟ ଓ ଟ୍ରାକ କରି ଛାଡି ଦେଇଥାଏ। ପ୍ରାପ୍ତ ବୟସ ମହିଳା ସଂଖ୍ୟା ପ୍ରାୟ ୧୬ ଶହ ରହିଛି। ଆଇନଗତ କାରଣରୁ ପୋଲିସ ସେ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥାଏ। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ସମ୍ବଲପୁର ଜିଲାରେ ଏବେ ମାତ୍ର ୩୬ ନିଖୋଜଙ୍କ ପତ୍ତା ମିଳିପାରି ନାହିଁ। ନିଖୋଜ ନେଇ ଅଭିଯୋଗ ହୋଇଥାଏ, ହେଲେ ପୋଲିସକୁ ସେମାନଙ୍କ ପତ୍ତା ମିଳିଯାଇଛି। କେତେକ ସ୍ଥାନରେ ଯୁବତୀମାନେ ଆସିବାକୁ ମନା କରି ଦେଉଛନ୍ତି। ଜିଲାରେ ଥିବା ସେଲ୍ଟର ହୋମରୁ ଫେରାର ହୋଇଥିବା ଯୁବତୀମାନଙ୍କ ପରିଚୟ ନ ଥିବାରୁ ପୋଲିସକୁ ସମସ୍ୟା ହେଉଛି। ହେଲେ ନିଖୋଜ ଶିଶୁ ଉଦ୍ଧାର କ୍ଷେତ୍ରରେ ରାଜ୍ୟ ତୁଳନାରେ ଜିଲାରେ ଭଲ ପ୍ରଦର୍ଶନ ରହିଛି ବୋଲି କହିଥିଲେ।

## ବ୍ଲକ୍ କଳାକାର ସଂଘ ବୈଠକ


ବୈଠକରେ ଯୋଗଦେଇଥିବା ଅତିଥି ଓ କଳାକାର ।

ଜମନକିରା,୮।୯(ଡି.ଏନ.ଏ.)

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଚିନିମହୁଲ ଗାଁରେ କଳାକାର ସଂଘର ଏକ ବୈଠକ ସ୍ଥାୟୀ ସଭାପତି ଗୋକୁଳାନନ୍ଦ ଦାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ପୂର୍ବତନ ଜିଲାପରିଷଦ ସଭାପତି ଶୋଭାରାମ ପଧାନ ମୁଖ୍ୟଅତିଥି ଓ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ମନ୍ଦିର କମିଟି ସଭାପତି ଗଙ୍ଗାଧର ନାଏକ, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଚିନ୍ତାମଣୀ ପଟେଲ, ଉତ୍କଳମଣୀ ଯୁବକ ସଂଘ ସଭାପତି ବିଜୟ କୁମାର ନାଏକ, କଳାକାର ସଂଘ ଉପସଭାପତି ଉମାକାନ୍ତ ଅର୍କ, ବଡ଼ରମା ସରପଞ୍ଚ ଜୟନ୍ତୀ ନାଏକ, ଗ୍ରାମ୍ୟ ଉନ୍ନୟନ କମିଟି ଉପସଭାପତି ଧର୍ମେନ୍ଦ୍ର ପଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କଳାକାରମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନାରୁ ଉପକୃତ ହୋଇପାରିବେ ସେ ନେଇ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ କଳାକାରମାନେ ନିଜସ୍ୱ କଳା ପ୍ରଦର୍ଶନ କରିଥିଲେ। ଏଥିରେ ବ୍ଲକ୍‌ର ଶତାଧିକ ମହିଳାପୁରୁଷ କଳାକାର ଯୋଗଦେଇଥିଲେ।

## ଝାଡ଼ଖଣ୍ଡର ୩୪ ଜଣଙ୍କୁ ଗିରଫ କଲା ବନ ବିଭାଗ

ରେଢ଼ାଖୋଲ,୮।୯(ଡି.ଏନ.ଏ.)


ଜଙ୍ଗଲରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରୁଛନ୍ତି ବନ କର୍ମଚାରୀ।

**ରେଢ଼ାଖୋଲ ବନଖଣ୍ଡ ସଂରକ୍ଷିତ ଜଙ୍ଗଲ କାଟି ବସତି ସ୍ଥାପନ ଉଦ୍ୟମ**

ଝାଡ଼ଖଣ୍ଡ ରାଜ୍ୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ସଂରକ୍ଷିତ ଜଙ୍ଗଲ କାଟି ବସତି ସ୍ଥାପନ କରିଚାଲିଛନ୍ତି। ଦୀର୍ଘବର୍ଷ ଧରି ସେମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ଏଠାକାର ସଂରକ୍ଷିତ ଜଙ୍ଗଲ ପଦା ହେବାକୁ ବସିଲାଣି। ଏପରିସ୍ଥଳେ ଗତ ଏପ୍ରିଲରୁ ୫୦ରୁ ଉର୍ଦ୍ଧ୍ୱ ଲୋକ ତ୍ରିବଣପୁର ପଞ୍ଚାୟତ ଗଡାଖୋଲ ଗ୍ରାମ ନିକଟ ଟାଲ ସଂରକ୍ଷିତ ଜଙ୍ଗଲରେ ଗଛ କାଟିବାରେ ଲାଗିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପରେ ଡିଏଫ୍‌ଓ ରମାକାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ଦେବୀପ୍ରସାଦ ରାଉତଙ୍କ ନେତୃତ୍ୱରେ ରେଢ଼ାଖୋଲ, ବଡବାହାଲ, ବଡମାଲ ଓ ନାକଟିଦେଉଳ ରେଞ୍ଜ କର୍ମଚାରୀ ମଙ୍ଗଳବାର ମିଳିତ ଚଢାଉ କରିଥିଲେ। ଏହି ସମୟରେ ସେମାନେ ୩୪ ଜଣ ଝାଡ଼ଖଣ୍ଡ ଲୋକଙ୍କୁ ଗିରଫ କରିଥିବାବେଳେ ପ୍ରାୟ ୧୫/୨୦ଜଣ ଫେରାର ହୋଇଯାଇଛନ୍ତି। ଚଢାଉ ବେଳେ ସେମାନେ ବନ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେମାନଙ୍କଠାରୁ ବନ କର୍ମଚାରୀ ଟାଙ୍ଗିଆ, ଧନୁଶର, ବାଟୁଳି ଆଦି ଜବତ କରିଛନ୍ତି। ଗିରଫ ବ୍ୟକ୍ତିମାନଙ୍କୁ ବଡବାହାଲ ରେଞ୍ଜରେ ରଖାଯାଇଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ।

ସୂଚନାଯୋଗ୍ୟ ଦୀର୍ଘ ପ୍ରାୟ ୨୦ବର୍ଷ ଧରି ଉକ୍ତ ସମ୍ପ୍ରଦାୟର ଶହ ଶହ ଲୋକ ଏହି ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲର ଛୁରିଆବେର୍ଣ୍ଣି, ରତାଖଣ୍ଡି, ଶଗଡ଼ପଟା, ହିରାଲୋଇ ଆଦି ଅଞ୍ଚଳରେ ବସତି ସ୍ଥାପନ କରୁଛନ୍ତି। ଏମାନଙ୍କ ସହାୟତାରେ ଏବେ ଟାଲ ସଂରକ୍ଷିତ ଜଙ୍ଗଲ ପଦା ହେବାକୁ ବସିଛି। ଏ ସମ୍ପର୍କରେ ଡିଏଫ୍‌ଓ ନାୟକ କହିଛନ୍ତି, ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଚଢାଉକରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୋଲରେ ଟ୍ରକ୍ ଦୁର୍ଘଟଣା, ୧୦ଘଣ୍ଟା ରାସ୍ତା ଜାମ୍

ଜମନକିରା,୮।୯(ଡି.ଏନ.ଏ.)

ଜମନକିରା ଥାନା ବଡ଼ରମା ପିଠାମାରେନ ପୋଲରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଘଣ୍ଟା ଧରି ରାସ୍ତା ଜାମ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ସମ୍ବଲପୁରରୁ କେନ୍ଦୁଝର ଯାଉଥିବା ଏକ ୧୪ ଚକିଆ ଟ୍ରକ୍ (ଓଡ଼ି୦୯ଟି-୪୧୪୪) ୫୩ନଂ. ଜାତୀୟ ରାଜପଥର ପିଠାମାରେନ୍ ପୋଲ ମଝିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଟ୍ରକ୍‌ଟି ପୋଲ ବାଡ଼କୁ ଭାଙ୍ଗି ଝୁଲି ରହିଥିଲା। ପରେ କ୍ରେନ୍ ଆସି ଏହାକୁ ପୋଲ ମଝିକୁ ଆଣିଥିଲା। ଦୁର୍ଘଟଣା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଏଥିଯୋଗୁ ବସ୍ ଯାତ୍ରୀମାନେ ହଇରାଣ ହୋଇଥିଲେ। ବୁଧବାର ସକାଳେ କ୍ରେନ ଆସି ଟ୍ରକ୍‌କୁ ହଟାଇବା ପରେ ଗାଡ଼ି ଯାତାୟାତ ସ୍ୱାଭାବିକ ହୋଇଥିଲା। ଏ ନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ୪ ଦଫା ଦାବିରେ କର୍ମଚାରୀ ସଂଘର ବିକ୍ଷୋଭ

ସମ୍ବଲପୁର,୮।୯(ବ୍ୟୁରୋ)

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସମ୍ବଲପୁର ଶାଖା ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏରିଅର ସହ ୩ କିସ୍ତି ମହଙ୍ଗାଭତ୍ତା, ସଂଶୋଧିତ ଘରଭଡା ୨୦୧୬ ମସିହାଠାରୁ ପ୍ରଦାନ, ବର୍ଦ୍ଧିତ ଦରମା ୫୦ ପ୍ରତିଶତ ଦେବାକୁ ଦାବି କରିଥିଲେ। ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାଏକ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦିବୀପତ୍ର ପ୍ରଦାନ କରାଯାଇଥିଲା। ସଂଘ ସଭାପତି ଗଣେଶ ରାମ ପାଲ, ସମ୍ପାଦକ ସଦାନନ୍ଦ ବେହେରା, ଅରୁଣ କୁମାର ବଲିଆର ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମୁଣ୍ଡେରରୁ ୨୫୦ ଗୋରୁ ଉଦ୍ଧାର


ଯୁଯୁମୁରା ଥାନା ମୁଣ୍ଡେର ଗ୍ରାମର ଏକ ଡିପୋରେ ଥିବା ଗୋରୁ।

ସମ୍ବଲପୁର,୮।୯(ବ୍ୟୁରୋ)

**ଚାଲାଣ ପାଇଁ ରଖାଯାଇଥିଲା, ଜଣେ ଅଟକ**

ଗୋ ସୁରକ୍ଷା ନେଇ ସମ୍ବଲପୁର ସହରରେ ଜିଲା ପୋଲିସ କିଛିଦିନ ହେଲା ଚଢାଉ କରିଥିଲା। ତେଣୁ ଗ୍ରାମାଞ୍ଚଳକୁ ବ୍ୟବସାୟୀମାନେ ପେଣ୍ଠସ୍ଥଳ କରିଛନ୍ତି। ଯୁଯୁମୁରା ଥାନା ମୁଣ୍ଡେର ଗ୍ରାମରୁ ବୁଧବାର ପ୍ରାୟ ୨୫୦ ଗୋରୁ ଉଦ୍ଧାର ହେବା ପରେ ଏହା ଲୋକଲୋଚନକୁ ଆସିଛି। ପୋଲିସ ଉପସ୍ଥିତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ପଛପଟୁ ଗୋରୁ ଉଦ୍ଧାର ହୋଇଥିଲେ। ପରେ ଗୋରୁଗୁଡିକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନେଇଯାଇଥିଲେ। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଯୁଯୁମୁରା ପୋଲିସ ଉଠାଇ ନେଇ ଥାନାରେ ଅଟକ ରଖିଛି। ସ୍ଥାନୀୟ ବଜରଙ୍ଗ ଦଳର କର୍ମକର୍ତ୍ତା ଗୋରୁ ଡିପୋ ସମ୍ପର୍କରେ ପୋଲିସକୁ ସଚନା ଦେଇଥିଲେ। ଖବର ପାଇ ଭାଜପା ଜିଲା ସଭାପତି ଗିରିଶ ପଟେଲ, ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର ମୁଣ୍ଡେର ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଗୋରୁଙ୍କୁ ଭୋକ ଉପାସରେ ରଖାଯାଇଥିଲା। ସୁନାପାଲିର ଜଣେ ବ୍ୟକ୍ତି ଆବଶ୍ୟକ ଅନୁସାରେ ପିକ୍‌ଅପ୍‌ରେ ପ୍ରତିଦିନ ଗୋରୁ ନେଇ ଯାଆନ୍ତି ବୋଲି ସମ୍ପୃକ୍ତ ଯୁବକ ଗ୍ରାମବାସୀ ଓ ପୋଲିସ ଆଗରେ କହିଥିଲେ। ବଜରଙ୍ଗ ଦଳ ସଂଯୋଜକ ବହିଦାର କହିଛନ୍ତି, ଏଠାରେ ଗୋରୁମାନଙ୍କୁ ରଖାଯାଉଥିବା ନେଇ ସୂଚନା ମିଳିବା ପରେ ପୋଲିସରେ ଅଭିଯୋଗ କରିଥିଲୁ। ଗୋ ଚାଲାଣ ବୃଦ୍ଧି ପାଉଥିବାରୁ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

**ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର, ଝାରସୁଗୁଡ଼ା ଜିଲା**

## ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପାଇଁ ଏମ୍‌ଓୟୁ ସ୍ୱାକ୍ଷର

ସମ୍ବଲପୁର,୮।୯(ବ୍ୟୁରୋ)



ଏମ୍‌ଓୟୁ ସ୍ୱାକ୍ଷର ସମୟରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ଅଧିକାରୀ ।

ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ବହୁମୁଖୀ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ହେବ। ଏ ନେଇ କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ଓ କୋଲ ଇଣ୍ଡିଆ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହି ଅବସରରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ସିଂ ଠାକୁର, ରାଜ୍ୟପାହ୍ୟା କ୍ରୀଡାମନ୍ତ୍ରୀ (କେନ୍ଦ୍ର) ନିଶିଥ ପରମାଣିକ, କୋଲ ଇଣ୍ଡିଆ ସଚିବ ଡ. ଅନୀଲ କୁମାର ଜୈନ, କ୍ରୀଡା ସଚିବ ରବି ମିତ୍ତଲ, କୋଲ ଇଣ୍ଡିଆ ଅଧକ୍ଷ ପ୍ରମୋଦ ଅଗ୍ରୱାଲ, କ୍ରୀଡା ବିକାଶ ଯୁଗ୍ମ ସଚିବ ଅତୁଲ ସିଂ, କାର୍ମିକ ଇଣ୍ଡଷ୍ଟ୍ରି ନିର୍ଦ୍ଦେଶକ ବିନୟ ରଞ୍ଜନ, କ୍ରୀଡା ନିର୍ଦ୍ଦେଶକ ବିନୟ କୁମାର ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ ରାଜ୍ୟରେ କ୍ରୀଡାର ବିକାଶ ପାଇଁ ଷ୍ଟାଡିୟମ, ସ୍ପୋର୍ଟସ୍ କମ୍ପ୍ଲେକ୍ସ ସହ ଅନ୍ୟାନ ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିପାଇଁ କୋଲ ଇଣ୍ଡିଆ ବର୍ଷକୁ ୫ ଶହ କୋଟି ଖର୍ଚ୍ଚ କରିବାକୁ ଯୋଜନା କରିଛି। ସିଏସଆର ପାଣ୍ଠିରୁ ଏହା ବିନିଯୋଗ କରାଯିବ। ସମ୍ବଲପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୨୫ କୋଟି ବ୍ୟୟ ଅଟକଳରେ ବହୁମୁଖୀ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଓ ଝରସୁଗୁଡା ଜିଲାରେ ୨୩ କୋଟି ବ୍ୟୟ ଅଟଳରେ ଷ୍ଟାଡିୟମ ନିର୍ମାଣ ହେବ। ଏହା ୧୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ କ୍ଷମତା ବିଶିଷ୍ଟ ରହିବ।

**ଫଟୋରେ ଖବର**


**ଦିନକ ପରେ ଗଣେଶ ପୂଜା:** ସମ୍ବଲପୁର ଗୋଲବଜାର ରାସ୍ତାପାର୍ଶ୍ୱରେ ବୁଧବାର ବିକ୍ରିପାଇଁ ରହିଥିବା ଗଣେଶ ମୂର୍ତ୍ତି।

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ମଚିଦା ହାଇସ୍କୁଲ କୋଠା ନିର୍ମାଣ ନିମ୍ନମାନର ପ୍ରସଙ୍ଗ**

- ଚାପିଦେବା ପାଇଁ ଉଦ୍ୟମ

ଝାରସୁଗୁଡ଼ା ଅଫିସ,୮।୯

ଲଖନପୁର ବ୍ଲକ୍ ମଚିଦା ହାଇସ୍କୁଲ କୋଠା ନିର୍ମାଣ କାମ ନିମ୍ନମାନର ନେଇ ଅଭିଯୋଗ ପରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଏହାକୁ ଚାପିଦେବା ପାଇଁ ଉଦ୍ୟମ ହେଉଥିବା ଜାଣିବା ପରେ ମଚିଦା ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଗ୍ରାମର ଅଶୋକ ଖମାରି, ଅନିରୁଦ୍ଧ ଧୁରୁଆ, କୃଷ୍ଣଚନ୍ଦ୍ର ଧୁରୁଆ, ପବିତ୍ର ମାଝି, ଜଗନ୍ନାଥ ଧୁରୁଆ, ଭୁବନେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଏଥିରେ ଉଲ୍ଲେଖ ରହିଛି ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ଆବଶ୍ୟକତା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ଦେବଗଡର ଜଣେ ଠିକାଦାରଙ୍କୁ ମିଳିଛି। ଜିଲା ଖଣିଜ ପାଣ୍ଠିରୁ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାମ ଚାଲିଛି। ନିର୍ମାଣ କାମ ନିମ୍ନମାନର ନେଇ ଅଭିଯୋଗ ପାଇବା ପରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ସ୍କୁଲ ପରିଦର୍ଶନ କରିଥିଲେ। ସେ ନିର୍ମାଣକାମ ନିମ୍ନମାନର ହେଉଥିବା ଜାଣି ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ତାଗିଦ କରିବା ସହ ଏହାର ସବିଶେଷ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ଓ ବ୍ଲକ୍ ପ୍ରଶାସନ ତରଫରୁ ତଦନ୍ତ ଆରମ୍ଭ ହୋଇଛି। ପ୍ରଶାସନିକ ଅଧିକାରୀ ସ୍କୁଲରେ ପହଞ୍ଚି ନିର୍ମାଣ କାମ ଦେଖିବା ସହ ବାଲି, ଇଟା, ମେଟାଲ ଓ ଚିପ୍ସ ଆଦିର ନମୁନା ସଂଗ୍ରହକରି ପରୀକ୍ଷା ପାଇଁ ପଠାଇଛନ୍ତି। ଏ ସମ୍ପର୍କରେ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଧିକାରୀମାନେ ନିର୍ମାଣ କାମ ତଦାରଖ ପାଇଁ ଗ୍ରାମବାସୀଙ୍କୁ ନେଇ ଏକ କମିଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସ୍ଥିତିରେ ତଦନ୍ତର ଗୋଟିଏ ଦିନ ପୂର୍ବରୁ ସ୍କୁଲ ପରିସରରେ ପଡିଥିବା ବାଲି, ମେଟାଲ୍ ଓ ଚିପ୍ସ ଆଦିକୁ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଫଳରେ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ହେଉଥିବା ନେଇ ଗ୍ରାମବାସୀ ଓ ଅଭିଭାବକ ଜିଲାପାଳ, ୫-ଟି ସଚିବ, ଏମ୍‌ପି, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏହା ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଦାବିପତ୍ର ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ ।

## ଭାରତ ସ୍କାଉଟ ଗାଇଡ଼ ପକ୍ଷରୁ ରକ୍ତଦାନ ଶିବିର

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ସଦରସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲଠାରେ ଭାରତ ସ୍କାଉଟ ଗାଇଡ଼ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨ଜଣ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ବାସନ୍ତି ସେଠୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ଗହୀର, କର୍ଲାମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ, ଜିଲା ଭାରତ ସ୍କାଉଟ ଗାଇଡ ଜିଲା ସମ୍ପାଦକ ମହେନ୍ଦ୍ର ପଣ୍ଡା, ଜିଲା ତାଲିମ କମିଶନର ଧୀରେନ୍ଦ୍ର ପଣ୍ଡା ଓ ଭାରତ ସ୍କୁଉଟ ଗାଇଡ ସଦସ୍ୟ ନାରାୟଣ ପ୍ରଧାନ, ଅରବିନ୍ଦ ସାହୁ, ନିରଞ୍ଜନ ମାଣିକ ପ୍ରମୁଖ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ଆଇଆଇସିଙ୍କୁ ଜାମିନ

■ ବୀରମିତ୍ରପୁର ନାବାଳିକା ବଳାତ୍କାର ମାମଲା

କଟକ ଅଫିସ,୮।୯: ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅଞ୍ଚଳର ନାବାଳିକା ବଳାତ୍କାର ଓ ଗର୍ଭପାତ ମାମଲାରେ ଗିରଫ ହୋଇଥିବା ପୂର୍ବତନ ଆଇଆଇସି ଆନନ୍ଦ ମାଝିଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ତେବେ ହାଇକୋର୍ଟ ଜାମିନ ପ୍ରଦାନବେଳେ କେତେକ ସର୍ତ୍ତ ରଖିଛନ୍ତି। ଭବିଷ୍ୟତରେ ସେ ଏପରି କାର୍ଯ୍ୟରେ ଜଡିତ ହେବେନାହିଁ, କୋର୍ଟର ପ୍ରତ୍ୟେକ ଶୁଣାଣିବେଳେ ହାଜର ହେବେ, ପ୍ରମାଣ ନଷ୍ଟ କରିବେ ନାହିଁ କି ସାକ୍ଷୀଙ୍କୁ ଧମକ ଦେବେନାହିଁ ବୋଲି ଜଷ୍ଟିସ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବୀରମିତ୍ରପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ମାଝି ବଳାତ୍କାର ପରେ ଗର୍ଭପାତ କରାଇଥିବା ଜଣା ପଡିଥିଲା। ଏନେଇ ରାଏବୋଗା ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ମାଝିଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ମାଝୀଙ୍କୁ ଡିଜିପି ବହିଷ୍କାର କରିବା ପରେ ଜେଲ୍‌କୁ ପଠାଇ ଦେଇଥିଲେ। ନିମ୍ନ ଅଦାଲତରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

### ୨୪୪ କନଷ୍ଟେବଲ ପଦବୀ ପାଇଁ ୧୩ରୁ ଆବେଦନ

କଟକ ଅଫିସ, ୮।୯: ଓଡ଼ିଶା ପୋଲିସ ପକ୍ଷରୁ ସିଗ୍‌ନାଲ ସର୍ଭିସ ସେକ୍ସନରେ ୨୪୪ କନଷ୍ଟେବଲ(କମ୍ୟୁନିକେଶନ) ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବୁଧବାର ବିଜ୍ଞାପନ ପ୍ରକାଶ ପାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ପଦବୀ ଚୁକ୍ତିଭିତ୍ତିକ ରହିବ। ଏଥିପାଇଁ ଆଶାୟୀମାନେ ଅନ୍‌ଲାଇନ୍‌ରେ ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୪ ତାରିଖ ମଧରେ ଆବେଦନ କରିପାରିବେ। ସାଧାରଣ ବର୍ଗ ପାଇଁ ୧୧୨, ଅନୁସୂଚିତ ଜାତି ପାଇଁ ୪୨, ଅନୁସୂଚିତ ଜନଜାତି ପାଇଁ ୬୭ ଓ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ ପାଇଁ ୨୩ଟି ପଦବୀ ରହିଥିବା ନେଇ ଓଡ଼ିଶା ପୋଲିସ ସିଲେକ୍ସନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଋଣ ଟଙ୍କାର ବିନିଯୋଗକୁ ନେଇ ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୮।୯(ବ୍ୟୁରୋ): ସରକାରଙ୍କ ଭୁଲ୍ ନୀତି ଯୋଗୁ ରାଜ୍ୟର ଅର୍ଥନୀତି ନିମ୍ନଗାମୀ ହେବାସହ ମୁଣ୍ଡପିଛା ଋଣଭାର ୨ ଗୁଣାରୁ ଅଧିକ ହୋଇଛି। ସରକାର ଋଣ କରି ତାକୁ ପୁଞ୍ଜି ଭାବରେ ବିନିଯୋଗ ଦ୍ୱାରା ଆୟବୃଦ୍ଧି କରାଇବା ଏବଂ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ପରିବର୍ତ୍ତେ ଋଣ ଟଙ୍କାର ବିନିଯୋଗ ରାଜ୍ୟର ମୁଣ୍ଡ ପିଛା ଋଣଭାର ବଢାଇ ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସରକାର ଋଣକୁ ପୁଞ୍ଜିଭାବରେ ବ୍ୟବହାର କରି କେତେ ଆୟ ବୃଦ୍ଧି କରିଛନ୍ତି ତାହାର ସ୍ପଷ୍ଟ ଚିତ୍ର ରାଜ୍ୟବାସୀଙ୍କୁ ପ୍ରଦାନ ତଥା ଚଳିତ ବିଧାନସଭାରେ ବିଭିନ୍ନ ସୂତ୍ରରୁ କରିଥିବା ଋଣ ଓ ଏହାର ବିନିଯୋଗକୁ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ରାଜ୍ୟ କଂଗ୍ରେସ ଦାବି କରିଛି। କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୁଖପାତ୍ର ପ୍ରଶାନ୍ତ ଶତପଥୀ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତିକୁ କଡ଼ା ସମାଲୋଚନା କରି କହିଛନ୍ତି, ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ବୃଦ୍ଧି ପାଇବା ରାଜ୍ୟ ଅର୍ଥନୀତୀର ବିକଳ ଚିତ୍ରକୁ ସାମ୍ନାକୁ ଆଣିଛି।

### ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

ନୂଆପଡ଼ା ଅଫିସ,୮।୯: ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ବୁଧବାର ୫୫ତମ ଆର୍ନ୍ତଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ ସାକ୍ଷର ହାର ବୃଦ୍ଧି କରିବା ପାଇଁ ଶିକ୍ଷକ ସମାଜକୁ ଆହ୍ୱାନ କରିଥିଲେ। ୨୦୨୧ରେ ନୂଆପଡା ଜିଲା ସାକ୍ଷରତା ମିଶନ ଉପରେ ଚାଲିଥିବା ପଢ଼ନା ଲିଖନା ପଢ଼ନା ଲିଖନା ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ବୁଢ଼ିପାଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରୋଶନ କୁମାର ଠାକୁର, ସ୍ୱୟକୃଷ୍ଣ ସୁନାନୀ, ହିରାଲାଲ ପଟେଲ, ଅମୀୟ ପାଢ଼ୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜକ ରାଧେଶ୍ୟାମ ମେହେର ପରିଚାଳନା କରିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗର ବର୍ଷବ୍ୟାପୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୯(ବ୍ୟୁରୋ)

‘ଆଜାଦି କା ଅମ୍ରିତ ମହୋତ୍ସବ’ ପାଳନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ନୂଆ ଆଭିମୁଖ୍ୟ ଓ ସଂକଳ୍ପ ନେଇ ଏହି ମହୋତ୍ସବ ପାଳନରେ ବିଭାଗୀୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବୁଧବାର ବିଭାଗର ସମ୍ମିଳନୀ କକ୍ଷରେ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ସେଠୀ ଅଧକ୍ଷତା କରି କହିଲେ, ମହୋତ୍ସବର ବାର୍ତ୍ତା ସମାଜର ସବୁ ସ୍ତରରେ ବିଶେଷ କରି ଛାତ୍ରୀଛାତ୍ର ଏବଂ ଯୁବବର୍ଗଙ୍କ ନିକଟରେ ପହଞ୍ଚିବା ଏକାନ୍ତ ଆବଶ୍ୟକ। ଏଥିପାଇଁ ବର୍ଷବ୍ୟାପୀ ବ୍ୟାପକ ନଥିକରଣ, ଆଲୋଚନାଚକ୍ର, ପ୍ରଦର୍ଶନୀ ଆୟୋଜନ, ପୁସ୍ତକ ପ୍ରକାଶନ, କ୍ଷୁଦ୍ରଚିତ୍ର ନିର୍ମାଣ ସହ ବିଭିନ୍ନ କାର୍ଯ୍ୟକ୍ରମର ଡିଜିଟାଲ ସଂରକ୍ଷଣ ନିମନ୍ତେ ସେ ପରାମର୍ଶ ଦେଇଥିଲେ।

ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ୭୫ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅଜ୍ଞାତ ମୁକ୍ତିଯୋଦ୍ଧାଙ୍କ ଜୀବନୀ ସମ୍ବଳିତ ସ୍ୱତନ୍ତ୍ର ସଂକଳନର ପ୍ରକାଶନ ସହ ତା’ର ଡିଜିଟାଲ ସଂସ୍କରଣ ପ୍ରସ୍ତୁତି, ବିଭାଗ ଦ୍ୱାରା ୧୯୭୦ରେ ପ୍ରକାଶିତ ‘ଗାନ୍ଧୀଜୀ ଏବଂ ଓଡ଼ିଶା’ ପୁସ୍ତକର ପୁନଃପ୍ରକାଶନ ସହ ଡିଜିଟାଲ୍ ସଂସ୍କରଣ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ବିଶେଷାଙ୍କ ମଧ୍ୟ ପ୍ରକାଶ ପାଇବ। ଓଡ଼ିଶାର ୭୫ଜଣ କୃତି ସନ୍ତାନଙ୍କ ସାମଗ୍ରିକ ଜୀବନ ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ନେଇ ୱେବିନାରମାନ ଆୟୋଜନ କରାଯିବ। ଇରମ୍, ପାପଡ଼ାହାଣ୍ଡି, କପ୍ତିପଦା, ସାଲିହା, ଇଞ୍ଚୁଡ଼ି, ଘେଁସ ଆଦି ସ୍ୱାଧୀନତା ସଂଗ୍ରାମର ସ୍ମୃତିଜଡ଼ିତ ଐତିହାସିକ ପୀଠଗୁଡ଼ିକରେ ମହୋତ୍ସବ ପାଳନ କରାଯିବ। ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମଧ୍ୟ ହେବ। ମୁକ୍ତି ସଂଗ୍ରାମରେ ଝାସ ଦେଇଥିବା ଅଜ୍ଞାତ ଯୋଦ୍ଧାଙ୍କ ସମ୍ପର୍କରେ କ୍ଷୁଦ୍ର ଚିତ୍ର ନିର୍ମାଣ କରି ଏହାକୁ ଦୂରଦର୍ଶନ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ନାଟକ/ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମମାନ ନିୟମିତ ଭାବେ ଆୟୋଜନ କରାଯିବ। ଏହିସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ବିଭାଗର ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ‘ଉତ୍କଳ ପ୍ରସଙ୍ଗ’ ଏବଂ ‘ଓଡ଼ିଶା ରିଭ୍ୟୁ’ର ସମ୍ପାଦକ ଲେନିନ୍ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସୂର୍ଯ୍ୟ ରଞ୍ଜନ ମହାନ୍ତି, ସ୍ମିତା କର ଏବଂ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

**‘ଆଜାଦି କା ଅମ୍ରିତ ମହୋତ୍ସବ’**

- ■ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀର ଡିଜିଟାଲ ସଂସ୍କରଣ ପ୍ରସ୍ତୁତ ହେବ
- ■ ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ହେବ ସ୍ୱତନ୍ତ୍ର ପ୍ରଦର୍ଶନୀ
- ■ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମିଟି ଗଠନ କରାଯିବ

# ଏଆଇସିସି ଘୋଷଣା କଲା ପିସିସିର ନୂଆ କମିଟି

ଭୁବନେଶ୍ୱର, ୮।୯(ବ୍ୟୁରୋ)

- ■ ପିସିସି ସଭାପତି, କାର୍ଯ୍ୟକାରୀ ସଭାପତି ଅପରିବର୍ତ୍ତିତ
- ■ ନିରଞ୍ଜନଙ୍କ ନେତୃତ୍ୱରେ ଲଢ଼ାଯିବ ପଞ୍ଚାୟତ, ପୌର ନିର୍ବାଚନ

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ବୁଧବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ନୂଆ କମିଟିରେ ପିସିସି ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ପଦବୀ ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ଚଳିତ ପଞ୍ଚାୟତ ଏବଂ ପୌର ନିର୍ବାଚନ ଲଢ଼ିବ ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ପିସିସି ପକ୍ଷରୁ ଦିଆଯାଇଥିବା ତାଲିକାକୁ ଏଆଇସିସି ଅନୁମୋଦନ କରିଛି। ଉକ୍ତ କମିଟିରେ ୧୨ ଉପସଭାପତି, ଜଣେ କୋଷାଧକ୍ଷ, ୨୦ ସାଧାରଣ ସମ୍ପାଦକ ଏବଂ ୪୬ ସମ୍ପାଦକ ସ୍ଥାନ ପାଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ୩୨ଜଣ ରହିଥିବାବେଳେ ଦଳର ସମସ୍ତ ବିଧାୟକ, ଏମ୍‌ପି, ପୂର୍ବତନ ପିସିସି ସଭାପତି, ଏଆଇସିସିର ଅଫିସ ବିଏରର୍ସ ଏବଂ ସବୁ ସଙ୍ଗଠନର ମୁଖ୍ୟଙ୍କୁ ମଧ ଏଥିରେ ସ୍ଥାନ ଦିଆଯାଇଛି।

୧୨ ଜଣିଆ ଉପସଭାପତିତାଲିକାରେ ବରିଷ୍ଠ ନେତା ଗଣେଶ୍ୱର ବେହେରା, ବିଧାୟକ ସନ୍ତୋଷ ସିଂ ସାଲୁଜା, ସରସ୍ୱତୀ ହେମ୍ବ୍ରମ, ଶିବାନନ୍ଦ ରାୟ, ସୁରେଶ ମହାପାତ୍ର, ଭୁଜବଳ ମାଝି, ଜଙ୍ଗେଶ୍ୱର ବାବୁ, ନକୁଳ ନାଏକ, ଦେବାଶିଷ ପଟ୍ଟନାୟକ, ସଦନ ନାଏକ, ରତ୍ନମଣି ଉଲ୍ଲାକା, ସସ୍ମିତା ବେହେରା ରହିଛନ୍ତି। ସାଧାରଣ ସମ୍ପାଦକ ଭାବେ ସତ୍ୟପ୍ରକାଶ ନାୟକ, କିଶୋର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ରବୀନ୍ଦ୍ର ମଲ୍ଲିକ, ସଂଗ୍ରାମ ମିଶ୍ର, ରାଜକିଶୋର ଷଡ଼ଙ୍ଗୀ, ଅରିନ୍ଦମ ସର୍କେଲ, ରଜତ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଶ୍ୱଭୂଷଣ ଦାସ, ବିସ୍ମୟ ମହାପାତ୍ର, ସମରେନ୍ଦ୍ର ମିଶ୍ର, ନାରାୟଣ ଜେନା, ମମତା ମାଢ଼ି, ଚିନ୍ମୟ ସୁନ୍ଦର ଦାସ, ରବି ରାଏ, ଆଲୋକ ମିଶ୍ର, ଅଶ୍ରଫ୍ ଅଲି, ସତ୍ୟ ଶିବ ଦାସ, ଅଶୋକ କୁମାର ଦାସ ଚୟନ ହୋଇଛନ୍ତି। କୋଷାଧକ୍ଷ ଭାବେ ବି. କିଶୋର ଚନ୍ଦ୍ର ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ବିପ୍ଳବ ଚୌଧୁରୀ, ସୁବ୍ରତ ମହାପାତ୍ର, ପଦ୍ମାକର ଗୁରୁ, ମହମ୍ମଦ ଶବିର, ନସିର ଅହମ୍ମଦ, ଶମ୍ଭୁ ପାଣିଗ୍ରାହୀ, ଚନ୍ଦ୍ରଶେଖର ପରିଡ଼ା, ଗୌର ନାଏକ, ତରୁଣ ମାଝି, ଶଶିଭୂଷଣ ପାତ୍ର, ମନୋଜ ସାହୁ, ମନୋଜ ବିଶ୍ୱାଳ, ପ୍ରଭାସ୍କର ମହାପାତ୍ର, ହୁସେନ ଖାନ୍, ଦୁଲାଲ ପ୍ରଧାନ, ଶ୍ରୀୟା ମହାନ୍ତି, ସୁକାନ୍ତି ଦାସ, ଉମେଶ ଜେନା ପ୍ରମୁଖ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର, ଅମରନାଥ ପ୍ରଧାନ, ପ୍ରଦୀପ ମାଝି, ଜଗନ୍ନାଥ ପଟ୍ଟନାୟକ, ଡମ୍ବରୁଧର ଉଲ୍ଲାକା, ରମାକାନ୍ତ ମିଶ୍ର, ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ ଏମ୍‌ପି ସୁଶୀଳା ତିରିଆ, ପ୍ରକାଶ ଚନ୍ଦ୍ର ଦତ୍ତ, ପ୍ରଫୁଲ୍ଲ ମାଝି ପ୍ରମୁଖ ସ୍ଥାନ ପାଇଛନ୍ତି।



ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ନେତା ବଟକୃଷ୍ଣ ସ୍ୱାଇଁଙ୍କୁ ଗିରଫର ପ୍ରତିବାଦ କରିବା ସହ ତୁରନ୍ତ ଖଲାସ ଦାବିରେ ଗଣ ସଙ୍ଗଠନ ଓ ମାନବିକ ଅଧିକାର ସଙ୍ଗଠନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଖେଳପଡ଼ିଆ ପାଲଟିଛି ଅଳିଆଗଦା

ବିନିକା,୮।୯(ଡି.ଏନ୍.ଏ.)

**୭ଟି ଗାଁର କ୍ରୀଡାବିତ୍ ଖେଳିବା ପାଇଁ ହଟହଟା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଳି ଗ୍ରାପ ଅଧୀନ ବାଗଡିଆ ଗାଁର ଖେଳପଡିଆ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅଳିଆଗଦାରେ ପରିଣତ ହୋଇଛି । ଫଳରେ ଏହା ଉପରେ ନିର୍ଭର କରୁଥିବା ୭ଟି ଗାଁର ପିଲାମାନେ ଖେଳିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି ।

୧୫ ହେକ୍ଟର ପରିମିତ ଏହି ଖେଳପଡିଆର ବିଭିନ୍ନ ସ୍ଥାନରେ ଅଳିଆ ଜମା ହୋଇ ରହିଥିବା ବେଳେ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି। ପଡିଆ ଚାରିପଟେ ମଦ ବୋତଲ ଓ କୁଢ କୁଢ ଦେଶୀ ମଦ ପଲିଥିନ ପଡିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏହି ପଡିଆକୁ ଶୌଚାଳୟ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପଡିଆକୁ ଲାଗି ଇଟାଭାଟି ନିର୍ମାଣ ସାଙ୍ଗକୁ ଭାରୀ ଯାନବାହନ ଅନାୟାସରେ ଯାତାୟାତ କରୁଥିବାରୁ କ୍ରୀଡା ପ୍ରତିଯୋଗିତା ପାଇଁ ଏହି ଖେଳପଡିଆ କାମରେ ଆସୁନାହିଁ। ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ ସବୁ ଜାଣି ମଧ ନୀରବଦ୍ରଷ୍ଟା ସାଜିବା ଅସନ୍ତୋଷର କାରଣ ହୋଇଛି। ଦିନ ଥିଲା ଖେଳପଡିଆର ନାଁ ଆଖପାଖ ଅଞ୍ଚଳରେ ଥିଲା। ସ୍କୁଲର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ହେଉଥିଲା। ଖେଳ ପ୍ରେମୀ ଖେଳ ଉପଭୋଗ କରୁଥିଲେ। ସେନାବାହିନୀରେ ଯୋଗ ଦେବା ପାଇଁ ଆଶାୟୀ ପ୍ରାର୍ଥୀ ଏଠାରେ ଅଭ୍ୟାସ କରୁଥିଲେ। ଏହି ଖେଳପଡିଆରେ ଖେଳି ଅନେକ ନିଜର କ୍ୟାରିୟର ଗଠନ କରି ସାରିଛନ୍ତି । ମାତ୍ର ବିଡମ୍ବନା ବିଷୟ ଅପବ୍ୟବହାର ଯୋଗୁ ଖେଳପଡିଆ ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ବାବୁପାଳି ଗ୍ରାପର ବାବୁପାଲି, ବାଗଡିଆ, ଦେଣ୍ଟୁପଦର, କାଳାଟିକ୍ରା, ପଲସାପାଲି, ପଧାନଟିକ୍ରା ଓ ଅଏଁଲାମୁଣ୍ଡା ଗାଁର ପିଲାମାନେ ମୁଖ୍ୟତଃ ଏଠାରେ ଖେଳିଥାନ୍ତି । ମାତ୍ର ଖେଳପଡିଆ ବର୍ଷେ ହେବ କାମରେ ଆସୁ ନ ଥିବାରୁ ଏ ନେଇ ବାବୁପାଳି ଗ୍ରାପର ଜୟନ୍ତ ସେଠ୍, ନାରାୟଣ ମହାକୁର, ଆଲୋକ ଭୁଏ, ରଜତ ଧରୁଆ, ଶୁଭ୍ରଜିତ୍ ପୋଢ, ବିରେନ୍ଦ୍ର ରାୟ, କୁନା ମାଝୀ, ଶୁଭମ ଭୂଏ, କୁନାଳ ରାୟ, ଜ୍ୟୋତିନ୍ଦ୍ରିୟ ଭୂଏ, କିରନ ଭୂଏ,ଅନନ୍ତ ଭୂଏ, ସୁମନ୍ତ ପୋଢ, ସ୍ୱାଧୀନ ବାଘ ପ୍ରମୁଖ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅପରପକ୍ଷରେ ଖେଳପଡିଆର ସୁରକ୍ଷା ଦିଗରେ ରାଜସ୍ୱ ବିଭାଗର ଖାମଖିଆଲି ନୀତି ଦେଖି ଅଞ୍ଚଳର ଯୁବ ଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ଏହି ଖେଳପଡିଆରେ ୨ଶହ ବୃକ୍ଷରୋପଣ କରିଛନ୍ତି। ଯଥାଶୀଘ୍ର ଖେଳପଡିଆ ପୁନରୁଦ୍ଧାର କରା ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଆଇପିଏସ୍ ଅଧିକାରିଣୀ ଭାରଥୀଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନବାଚୀ

କଟକ ଅଫିସ,୮।୯

**ମାନସିକ ଅଶାନ୍ତି ନା ବିଭାଗୀୟ ଅଣଦେଖା**

୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରିଣୀ ତଥା ରାଜ୍ୟ ମାନବାଧିକାର ସୁରକ୍ଷା ଶାଖା(ଏଚ୍‌ଆର୍‌ପିସି)ର ଆଇଜି ନାରାୟଣ ବାଳା ଭାରଥୀ ଦୀର୍ଘ ମାସ ହେଲା କାର୍ଯ୍ୟ ଯୋଗ ଦେଉ ନାହାନ୍ତି। ଭାରଥୀଙ୍କ ଅନୁପସ୍ଥିତି ନେଇ ତଦନ୍ତ ଚାଲିଥିବବେଳେ ଆସନ୍ତା ଅକ୍ଟୋବର ୨୯ରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅପରାଧ ନଥି ସଂସ୍ଥା(ଏସ୍‌ସିଆର୍‌ବି) ନିକଟରେ ତାଙ୍କୁ ହାଜର ହେବାକୁ ନୋଟିସ୍ ହୋଇଛି। ଏପରି କି ଉକ୍ତ ଦିନ ହାଜର ନ ହେଲେ ତାଙ୍କର କୋଣସି ପ୍ରତିବାଦ କରିବାର ନାହିଁ ବୋଲି ବୁଝାପଡ଼ିବ ବୋଲି ବିଜ୍ଞାପନ ପ୍ରକାଶ ପାଇଛି। ଏଭଳିସ୍ଥିତିରେ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରିଣୀ କାହିଁକି ଏତେ ଦିନ ଧରି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ମାନସିକ ଅଶାନ୍ତି ନା ବିଭାଗୀୟ ଅଣଦେଖା ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ବିଶ୍ୱସ୍ତ ସୂତ୍ର ଅନୁସାରେ, ଭାରଥୀ ଜଣେ ଆଇଏଏସ୍ ଅଧିକାରୀଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ରହିଛି। ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ତେଣୁ ୨୦୧୨ ମାର୍ଚ୍ଚ ୫ରେ ଉକ୍ତ ଆଇଏଏସ୍ ଅଧିକାରୀ ସ୍ୱାମୀ ନୂଆଦିଲ୍ଲୀ ସାକେତ୍ ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲେ। ଯାହାକୁ ନେଇ ଭାରଥୀ ମାନସିକ ଚାପରେ ରହିଆସୁଥିଲେ। ଏପରି କି ୨୦୧୭ରୁ ବିଭିନ୍ନ ସମୟରେ ନିଜ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ବିଭିନ୍ନ ସମୟରେ କାର୍ଯ୍ୟରେ ଅନୁପସ୍ଥିତ ରହୁଥିଲେ। ସେ ପୋଲିସ ବିଭାଗର ଡିଆଇଜି (ଆଧୁନିକୀକରଣ)ଥିବାବେଳେ ତାଙ୍କର ପଦୋନ୍ନତି ହୋଇଥିଲା। ତାଙ୍କୁ ୨୦୧୯ ଅଗଷ୍ଟ ମାସରେ ଏଚ୍‌ଆର୍‌ପିସିର ଆଇଜି ଦାୟିତ୍ୱ ମିଳିଥିଲା। ପଦୋନ୍ନତି ହେବାପରେ ସେ ଛୁଟିରୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ କିଛି ଦିନ କାର୍ଯ୍ୟ କରିବା ପରେ ଆଉ କାର୍ଯ୍ୟାଳୟକୁ ଆସି ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ଅନ୍ୟ ଏକ ସୂତ୍ର ଅନୁଯାୟୀ, ଭାରଥୀ ଡିଆଇଜି (ଆଧୁନିକୀକରଣ) ଥିବାବେଳେ ଉକ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସହ କୌଣସି କାରଣକୁ ନେଇ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଫଳରେ ସେ ଉକ୍ତ ଅଧିକାରୀଙ୍କ ସହ କାମ କରିବାକୁ ଅସହଜ ମନେକରି ତାଙ୍କୁ ଅଣଦେଖା କରିବାକୁ ଲାଗିଥିଲେ। ଯେଉଁଥିପାଇଁ ସେ କାର୍ଯ୍ୟାଳୟ ନ ଆସିବା ସହ କାହାକୁ କିଛି ନ ଜଣାଇ ଛୁଟିରେ ରହୁଥିଲେ। ଏହି ଘଟଣାକୁ ଉକ୍ତ ବରିଷ୍ଠ ଆଇପିଏସ ଅଧିକାରୀ ଗୁରୁତ୍ୱର ସହ ବିଚାର କରି ବିଭାଗକୁ ଜଣାଇଥିଲେ। ପରେ ୨୦୧୭ ନଭେମ୍ବର ୨୩ରେ ତାଙ୍କ ବିରୋଧରେ ଗୃହ ବିଭାଗ ତରଫରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ନ ଯିବ ବୋଲି ସ୍ମାରକପତ୍ର ପ୍ରକାଶ ପାଇଥିଲା। ଏପରି କି ୨୦୨୦ ଜାନୁୟାରୀ ୩ରେ ଏହାର ତଦନ୍ତ ରାଜ୍ୟ ଅପରାଧ ନଥି ସଂସ୍ଥା(ଏସ୍‌ସିଆର୍‌ବି) ର ଏଡିଜିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିଦିନଠାରୁ ଏଯାବତ୍ ତାଙ୍କୁ ୧୦ଥର ନୋଟିସ ଜାରି କରାଯାଇଥିଲେ ସୁଦ୍ଧା ସେ ଏହାର କୌଣସି ଉତ୍ତର ନେଇନାହାନ୍ତି। ତେବେ ଏହି ଘଟଣାରେ ଦିଆଯାଇଥିବା ତଦନ୍ତ ଅଧିକାରୀଙ୍କୁ ସେ ଭେଟିବାକୁ ଚାହୁଁନାହାନ୍ତି ବୋଲି ମଧ କୁହାଯାଉଛି। ଆସନ୍ତା ଅକ୍ଟୋବର ୨୯ରେ ବିଭାଗୀୟ କାର୍ଯ୍ୟ ବିଧିର ତଦନ୍ତ ପାଇଁ ଦିନଧାର୍ଯ୍ୟ କରାଯିବା ସହ ଛାପା ଗଣମାଧମରେ ମଧ ବିଜ୍ଞାପନ ଆକାରରେ ନୋଟିସ ପ୍ରକାଶ ପାଇଛି।

# ବିପିଏଫ୍‌ଟିଆଇରେ ୪ ବର୍ଷିଆ ଡିଗ୍ରୀ କୋର୍ସ

କଟକ ଅଫିସ, ୮।୯

ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ (ବିପିଏଫ୍‌ଟିଆଇ)ରେ ଥିବା ୩ଟି ଡିପ୍ଲୋମା କୋର୍ସକୁ ଡିଗ୍ରୀ ଅନୁମୋଦନ ମିଳିଛି। ଏଆଇସିଟିଇ ପକ୍ଷରୁ ଏ ସମ୍ପର୍କିତ ଏକ ଚିଠି ବିପିଏଫ୍‌ଟିଆଇକୁ ପ୍ରଦାନ କରାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ବିପିଏଫ୍‌ଟିଆଇରେ ୩ ଡିପ୍ଲୋମା କୋର୍ସ (ସିନେମାଟୋଗ୍ରାଫି, ସାଉଣ୍ଡ ଆଣ୍ଡ ଟିଭି ଇଞ୍ଜିନିୟରିଂ (ଅଡିଓଗ୍ରାଫି) ଏବଂ ଫିଲ୍ମ ଓ ଭିଡିଓ ଏଡିଟିଂ)କୁ ଡିଗ୍ରୀ କରାଯାଇଛି। ୨୦୨୧-୨୨ ଶିକ୍ଷାବର୍ଷରୁ ଛାତ୍ରୀଛାତ୍ରମାନେ ୩ ବର୍ଷ ବଦଳରେ ୪ ବର୍ଷ ପାଠ ପଢିବେ। ଏଥିସହ ୩ଟି କୋର୍ସର ପୂର୍ବରୁ ଥିବା ସିଟ୍ ସଂଖ୍ୟା ୨୦ରୁ ୩୦କୁ ବୃଦ୍ଧି କରାଯାଇଛି। ଏ ସମ୍ପର୍କରେ ବିପିଏଫ୍‌ଟିଆଇ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ରାୟ କହିଛନ୍ତି, ଅନୁଷ୍ଠାନର ଡିଗ୍ରୀ କୋର୍ସ ନିମନ୍ତେ ପ୍ରଥମେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆପତ୍ତିବିହୀନ ପ୍ରମାଣପତ୍ର ଦେଇଥିଲା। ଏହାପରେ ରାଜ୍ୟ ସରକାରଙ୍କଠାରୁ ଉକ୍ତ ପ୍ରମାଣପତ୍ର ମିଳିବା ପରେ ଏଆଇସିଟିଇ ନିକଟରେ ଆବେଦନ କରାଯାଇଥିଲା। ଏବେ ଏହାକୁ ଏଆଇସିଟିଇ ଅନୁମୋଦନ ଦେଇଛି। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚଳିତବର୍ଷ ସିଟ୍‌ଗୁଡ଼ିକରେ ନାମଲେଖା ହେବ ବୋଲି ରାୟ କହିଛନ୍ତି।

# ଜାତିଭିତ୍ତିକ ଜନଗଣନା ସହ ୨୭ ପ୍ରତିଶତ ସଂରକ୍ଷଣ ଦାବି

ବଲାଙ୍ଗୀର ଅଫିସ, ୮।୯

ଜାତିଭିତ୍ତିକ ଜନଗଣନା ସହ ୨୭ପ୍ରତିଶତ ସରଂକ୍ଷଣ ଦାବିବେ ବଲାଙ୍ଗୀର ଜିଲା ମଧୁବୈଶ୍ୟ/ଗୁଡିଆ ସମାଜ ପକ୍ଷରୁ ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ମଣ୍ଡଳ ଆୟୋଗ ଅନୁଯାୟୀ ଓବିସି ସଂଖ୍ୟା ୫୨ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । କିନ୍ତୁ ଏହା ଉପରେ କୌଣସି ପ୍ରାମାଣିକ ତଥ୍ୟାବଳୀ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ଏଣୁ ଆସନ୍ତା ୨୦୨୧ ଜନଗଣନାରେ ଓବିସି ତଥା ଅନ୍ୟାନ୍ୟ ପଛୁଆବର୍ଗଙ୍କ ସହ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ବଲାଙ୍ଗୀର ଜିଲା ମଧୁବୈଶ୍ୟ ଗୁଡିଆ ସମାଜ ଜିଲା ପ୍ରଶାସନ ଠାରେ ଦାବି ଉପସ୍ଥାପନ କରିଛି । ପୁନଶ୍ଚ ଜାତିଭିତ୍ତିକ ଜନଗଣନା କରି ଓଡିଶା ସରକାର ବିଭିନ୍ନ ରାଜନୈତିକ, ସାମାଜିକ, ଚାକିରି ଇତ୍ୟାଦି କ୍ଷେତ୍ରରେ ଓବିସିମାନଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ସକାଶେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପୂର୍ବରୁ ସଂସଦରେ ଜାତିଭିତ୍ତିକ ଜନଗଣନା କରିବାକୁ ଘୋଷଣା କରାଯାଇଥିଲା ଏବଂ ଏସମ୍ବନ୍ଧରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ୨୭ ପ୍ରତିଶତ ଦେବା ପାଇଁ ଜାତୀୟ ଆୟୋଗ ମଧ ସରକାରଙ୍କୁ ପରାମର୍ଶ ଦେଇଥିଲେ । ସମାଜ ଜିଲା ସଭାପତି ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଜୟକୃଷ୍ଣ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଅନୁପ ଚୋପଦାର, ଦିବ୍ୟସିଂ ସାହୁ ଓ ଆଶିଷ କୁମାର ସାହୁଙ୍କ ସହ ଓବିସି ମଞ୍ଚ ସମ୍ପାଦକ ପ୍ରଦେଶୀ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସାମିଲ ହୋଇ ଜିଲାପାଳ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ।



ଜିଲା ମଧୁବୈଶ୍ୟ ଗୁଡିଆ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଛନ୍ତି।


କିଆରା

# ଅଡୁଆ କରିଛି କଷ୍ଟ୍ୟୁମ

କିଆରା ଆଡୱାନୀଙ୍କୁ ନେଇ ଏବେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ ଗୋଟିଏ ଗୀତ ପାଇଁ ସେ ନିଜର କୁଆଡେ ଅଧିକ ପାରିଶ୍ରମିକ ଦାବି କରିଛନ୍ତି। କଥା କ'ଣ କି ନିକଟରେ ସେ ଏକ ନୂଆ ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ଏକ ଆଇଟମ୍ ଗୀତ ସଂଯୋଜିତ ହୋଇଛି। ଯଦିଓ ଏଥିରେ ସେ ନାଚିବାକୁ ରାଜି ଅଛନ୍ତି, ହେଲେ ଗୋଟିଏ ଜିନିଷ ଅଡୁଆ କରିଛି। ତାହା ହେଲା କଷ୍ଟ୍ୟୁମ। କାରଣ ଏହି ଗୀତରେ ତାଙ୍କୁ ସୁଇମିଙ୍ଗ କଷ୍ଟ୍ୟୁମରେ ଶଟ୍ ଦେବାକୁ ପଡ଼ିବ। ଯେତେବେଳେ ସେ ଏକଥା ଜାଣିଲେ ସେତେବେଳେ ସେ ଏଥିପାଇଁ ଅଧିକ ପାରିଶ୍ରମିକ ଦାବି କରିଛନ୍ତି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ କିଆରା କହନ୍ତି, 'ଏଥିରେ ଏକ ଆଇଟମ ଗୀତ ରହିଛି ଏବଂ ସେଥିରେ ମୁଁ ନାଚିବି–ଏକଥା ସତ। ହେଲେ ଏହି ଗୀତ ପାଇଁ ମୋତେ ସୁଇମିଙ୍ଗ ଡ୍ରେସ ପିନ୍ଧିବାକୁ ପଡ଼ିବ। ଏପରି କଷ୍ଟ୍ୟୁମ ଚେଞ୍ଜ୍ କରିବାକୁ ମୁଁ ପ୍ରଯୋଜକଙ୍କୁ କହିଛି। ହେଲେ ଏଥିପାଇଁ ମୁଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରିଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହାକୁ ମୁଁ ଆଦୌ ଗୁରୁତ୍ୱ ଦେଉନି।' ତେବେ ଏକଥା ପଛରେ କେତେ ସତ୍ୟତା ରହିଛି ତାହା କେବଳ କିଆରାଙ୍କୁ ହିଁ ଜଣା।



# ସୁସ୍ମିତାଙ୍କ ମହ୍ଲାର

ୟୁଟ୍ୟୁବ ପ୍ଲାଟଫର୍ମରେ ଗୋଟିଏ ପରେ ଗୋଟିଏ ସୁପର ହିଟ୍ ଦେଇଚାଲିଥିବା ମ୍ୟୁଜିକାଲ୍ ଯୋଡି ସଙ୍ଗୀତ ନିର୍ଦ୍ଦେଶକ ଦେବ ମେହେର ଏବଂ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଆଉଏକ ସୁନ୍ଦର ମ୍ୟୁଜିକ୍ ଭିଡ଼ିଓ ଦର୍ଶକମାନଙ୍କୁ ଭେଟି ଦେଇଛନ୍ତି। ଏହି ଆଲବମ୍‌ର ଟାଇଟଲ ହେଉଛି 'ମହ୍ଲାର'। ଚଳିତ ମାସ ୩ ତାରିଖରେ ଏହା ୟୁଟ୍ୟୁବ ପ୍ଲାଟଫର୍ମରେ ରିଲିଜ ହୋଇଛି। ଓଡ଼ିଶାର ପରମ୍ପରା ଏବଂ ସଂସ୍କୃତିକୁ ନେଇ ଏକ ନିଆରା ଢଙ୍ଗରେ ଏହି ଗୀତଟିକୁ ହିନ୍ଦୀ ଭାଷାରେ ଗାଇଛନ୍ତି ସୁସ୍ମିତା। ''ସମସ୍ତ ବର୍ଗର ଦର୍ଶକଙ୍କୁ ଆଖି ଆଗରେ ରଖି ଉକ୍ତ ଆଲବମ୍‌ଟିକୁ ପ୍ରସ୍ତୁତ କରାଯାଇଛି। ଗୀତଟି ୟୁଟ୍ୟୁବରେ ଲଞ୍ଚ୍ ହେବା ପରେ ତାହାକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। କାରଣ ଗୀତଟିଏ ଗାଇବା ପୂର୍ବରୁ ମୁଁ ତାହାର ସ୍ୱର, ଶବ୍ଦ ସଂଯୋଜନା ଏବଂ ନିଜର ଗାଇବା ଶୈଳୀ ଉପରେ ଗୁରୁତ୍ୱ ଦିଏ ବୋଲି କହନ୍ତି ସୁସ୍ମିତା। ଏହି ଗୀତଟିକୁ ସୋମେଶ ଶତପଥୀ ରଚନା କରିଥିବାବେଳେ ମ୍ୟୁଜିକ ଭିଡ଼ିଓର ନିର୍ଦ୍ଦେଶନା ଦେଇଛନ୍ତି ଦେବ ମେହେର। ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ରିଶାନ୍ ସାମନ୍ତ ଏହି ଆଲବମ୍‌ରେ ଅଭିନୟ କରିଛନ୍ତି।

## ବଲିଉଡ୍ ହାଲ୍‌ଚାଲ୍

➤ସଲମାନ୍ ଖାଁ ଫିଲ୍ମସ ବ୍ୟାନରରେ ନିର୍ମିତ 'ଅନ୍ତିମ'ର ପ୍ରଥମ ପୋଷ୍ଟର ନିକଟରେ ରିଲିଜ ହୋଇଛି। ଜଣେ ଗ୍ୟାଙ୍ଗଷ୍ଟର ଏବଂ ପୋଲିସ ଅଫିସର କାହାଣୀକୁ ନେଇ ଏହା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସଲମାନ ଜଣେ ପୋଲିସ ଭୂମିକାରେ ଅଭିନୟ କରିଛନ୍ତି। ଆୟୁଷ ଶର୍ମାଙ୍କୁ ଏଥିରେ ଜଣେ ଗ୍ୟାଙ୍ଗଷ୍ଟର ଭାବରେ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମହେଶ ମଞ୍ଜରେକର।

➤ଅର୍ଜୁନ କପୁରଙ୍କ ଖୁସି କହିଲେ ନ ସରେ। କାରଣ ସେ ଅଭିନୟ କରିଥିବା ନୂଆ ସିନେମା 'ଭୂତ ପୋଲିସ୍' ଚଳିତ ମାସ ୧୭ରେ ପରଦା ଉପରକୁ ଆସୁଛି। ଏଥିରେ ଅର୍ଜୁନଙ୍କ ବ୍ୟତୀତ ସୈଫ ଅଲ୍ଲୀ ଖାଁ ଏବଂ ଜ୍ୟାକ୍‌ଲିନ୍ ଫର୍ନାଡିସ ମଧ୍ୟ ଅଭିନୟ କରିଛନ୍ତି।

➤ଜାହ୍ନବୀ କପୁର ନିକଟରେ ଏକାଥରେ ତିନୋଟି ଫିଲ୍ମ ସାଇନ୍ କରିଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମଗୁଡ଼ିକର ବ୍ୟାକ୍–ଟୁ–ବ୍ୟାକ୍ ଶୁଟିଂ ହେବାର ଯୋଜନା ରହିଛି। ଏଥିପାଇଁ ନିଜ ଫିଟନେସ ଟ୍ରେନର ନମ୍ରତା ପୁରୋହିତଙ୍କ ତତ୍ତ୍ୱାବଧାନରେ ଜାହ୍ନବୀ ଏବେ ନିଜର ଫିଜିକାଲ ଫିଟନେସ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି।

➤ନୂଆ ହିନ୍ଦୀ ସିନେମା 'ଡାର୍ଲିଂସ୍'ର ଶୁଟିଂ ଶେଷ ହୋଇଛି। ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଆଲିୟା ଭଟ୍ଟ। ସେ ଏହାର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି।


ଜ୍ୟାକ୍‌ଲିନ୍

# ପ୍ରଥମେ ନା ତା'ପରେ...

ବେଳେବେଳେ ଗୋଟିଏ କଥାକୁ ନେଇ ଜଣେ ସହଜରେ ନିଷ୍ପତ୍ତି ନେଇପାରି ନ ଥାନ୍ତି। ଠିକ୍ ସେମିତି ଏପରି ଏକ ଅଫର ପାଇବା ପରେ ତାପସୀ ପାନ୍ନୁ ଅଡୁଆରେ ପଡ଼ିଯାଇଥିଲେ। କିନ୍ତୁ କିଛି ଦିନ ଚିନ୍ତା କରିବା ପରେ ସେ ହଁ ଭରିଥିଲେ। ଅବଶ୍ୟ ଏହାପୂର୍ବରୁ ଡେଟ୍ ସମସ୍ୟାକୁ ନେଇ ସେ ବର୍ତ୍ତମାନ ନୂଆ ସିନେମା ସାଇନ୍ କରିବେ ନାହିଁ ବୋଲି କହିଥିଲେ। ହେଲେ ଏହି ଫିଲ୍ମଟିକୁ ନେଇ ସେ ଭଲ ଭାବରେ ତର୍ଜମା କରିବା ପରେ ସେଥିରେ ଅଭିନୟ କରିବାକୁ ରାଜି ହୋଇଛନ୍ତି। ଅନ୍ୟତମ ନାମୀ ପ୍ରଯୋଜକ କେତନ ମେହେଟ୍ଟା ଏବେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉଷା ମେହେଟ୍ଟାଙ୍କ ଜୀବନୀକୁ ନେଇ ସେ ଏକ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ଏହାର ଟାଇଟଲ ଭୂମିକାରେ ତାପସୀ ଅଭିନୟ କରିବେ ବୋଲି ଆରମ୍ଭରୁ ମାଇଣ୍ଡ ମେକ୍‌ଅପ କରିନେଇଥିଲେ କେତନ। ଯେତେବେଳେ ସେ ଏ ନେଇ ତାଙ୍କୁ ଯୋଗାଯୋଗ କଲେ ପ୍ରଥମେ ଡେଟ୍ ସମସ୍ୟା ପାଇଁ ମନା କରିଥିଲେ। ହେଲେ କେତନ ଏ ନେଇ ଭଲ ଭାବରେ ଚିନ୍ତା କରିବାକୁ ତାପସୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ତାପସୀ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ରାଜି ହୋଇଛନ୍ତି। ତାଙ୍କ ବ୍ୟତୀତ ଏଥିରେ ଭୂମି ପେଡନେକରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ତାପସୀ

## ଫୁଲ୍

ଆମ ଜୀବନରେ ମାଟି ବା ମୃତ୍ତିକାର ମହତ୍ତ୍ୱ କେତେ ରହିଛି ତାହା କହିବା ଅନାବଶ୍ୟକ। ଏପରି ବିଷୟବସ୍ତୁକୁ ନେଇ 'ଫୁଲ୍' ନାମକ ଏକ କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ରୁଦ୍ର ରଞ୍ଜନ ଶେଜପଡା। ଖାସ୍ କଥା ହେଲା ଏହି ସର୍ଟ ଫିଲ୍ମଟି 'ଦ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ'ର ପ୍ରତିଯୋଗିତା ପର୍ଯ୍ୟାୟକୁ ମନୋନୀତ ହୋଇଛି। ମୟୂରଭଞ୍ଜର ଅନ୍ଧାରୀ ଗ୍ରାମରେ ଜନ୍ମିତ ରୁଦ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ବାଲେଶ୍ୱରର ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ମୁଖ୍ୟ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ଏହାପୂର୍ବରୁ ରୁଦ୍ରଙ୍କ ନିର୍ଦ୍ଦେଶିତ ହିନ୍ଦୀ କ୍ଷୁଦ୍ର ଚଳଚ୍ଚିତ୍ର 'ଏକ ଇଡିୟଟ' ଦିଲ୍ଲୀ ଅନ୍ତର୍ଜାତୀୟ ଏଡୁଡକ୍ ଫିଲ୍ମ ଫେଷ୍ଟିଭାଲ (୨୦୧୮)ରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭାବରେ ପୁରସ୍କୃତ ହୋଇସାରିଛି।


ପ୍ରତ୍ୟାଶା ପ୍ରିୟମ୍ବଦା

ରିଲିଜ ଅପେକ୍ଷାରେ

# ବାୟ ବାୟ ଦିଲ୍

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଏହି ଫିଲ୍ମକୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। କାରଣ ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ–ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର। ନିକଟରେ ଶୁଟିଂ ଶେଷ ହୋଇଥିବା ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା–ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବିଦେଶୀ ଲଳନା ଓଡ଼ିଆ ସିନେମାରେ ଅଭିନୟ କରିବା ନୂଆ କଥା ନୁହେଁ। ଏହାପୂର୍ବରୁ ପରଦେଶୀ ଚଢ଼େଇରେ ଉତ୍ତମ ମହାନ୍ତିଙ୍କ ସହ ଅରମିଣ୍ଟାଙ୍କୁ ନାୟିକା ଭାବେ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ମୁଖ୍ୟମନ୍ତ୍ରୀ'ରେ ବିଦେଶୀ ନାୟିକା ସବ୍ରିନା ଜେନିଫର ଅଭିନୟ କରିଥିଲେ। ତେବେ 'ବାୟ ବାୟ ଦିଲ୍'ରେ ସାସା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ରାଜ୍

# ପରଦାରେ 'ଚକ୍ଷୁବନ୍ଧନ'

ରହସ୍ୟ, ରୋମାଞ୍ଚକର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଚକ୍ଷୁବନ୍ଧନ'। ଅନିଶ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ତପନ କୁମାର ଦାଶ ଏବଂ କାର୍ଯ୍ୟକାରୀ ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ ବଳବନ୍ତରାୟ। ଏହି ଫିଲ୍ମଟି କେବଳ ଓଡ଼ିଆ ନୁହେଁ ବଙ୍ଗଳା ଭାଷାରେ ମଧ୍ୟ ନିର୍ମିତ ହୋଇଛି। ନିଜର ସ୍ୱାର୍ଥ ପାଖରେ ମଣିଷ କିପରି ଅନ୍ଧ ହୋଇଯାଏ ଏବଂ ଭ୍ରମରେ ପଡ଼ି ସେ କିପରି ଭୁଲ ରାସ୍ତାରେ ପରିଚାଳିତ ହୁଏ ଏବଂ ତାହାର ପରିଣାମ କ'ଣ ହୁଏ ତାହାକୁ ନେଇ ଏହି ସିନେମା କାହାଣୀ ରଚିତ। କେବଳ କାହାଣୀ ନୁହେଁ, ଏଥିରେ ସଂଳାପ ଏବଂ ସଙ୍ଗୀତକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ଲଭ୍ ଥ୍ରୀଲର ଫିଲ୍ମର ନାୟକ ସାଜିଛନ୍ତି ରାଜ ରାଜେଶ ଏବଂ ନାୟିକା ଭୂମିକାରେ ଅଭିନୟ କରିଛନ୍ତି ଭୂମିକା ଦାଶ। ଏହାବ୍ୟତୀତ ଋଷି ଏବଂ ବଙ୍ଗୀୟ ଅଭିନେତ୍ରୀ ଈଶାନୀ ସେନଗୁପ୍ତାଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ରାଜେନ୍ଦ୍ର ମହାନ୍ତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର ଏବଂ ବନି ଗୌରବ। ଫିଲ୍ମଟି ଗଣେଶ ପୂଜାରେ ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

ରାଜ୍‌ରାଜେଶ–ଭୂମିକା


ଧରିତ୍ରୀ
DHARITRI
ଗୁରୁବାର, ୯ ସେପ୍ଟେମ୍ବର, ୨୦୨୧



## ଅକ୍ଷୟ କୁମାରଙ୍କ ମା’ଙ୍କ ପରଲୋକ

ବଲିଉଡ୍ ଖିଲାଡ଼ି ବୟ ଅକ୍ଷୟ କୁମାରଙ୍କ ମା’ ଅରୁଣା ଭାଟିଆ(୭୮)ଙ୍କ ବୁଧବାର ପରଲୋକ ଘଟିଛି। କିଛି ଦିନ ହେଲା ଅସୁସ୍ଥ ଥିବାରୁ ତାଙ୍କୁ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅକ୍ଷୟ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ତାଙ୍କ ପରଲୋକରେ ବଲିଉଡ୍‌ରେ ଶୋକ ପ୍ରକାଶ ପାଇଛି। ନିର୍ଦ୍ଦେଶକ ରୋହିତ ସେଟ୍ଟୀ, ରିତେଶ ଦେଶମୁଖ, ସାଜିଦ୍ ଖାନ୍, ଭୂଷଣ କୁମାର, ରମେଶ ତୌରାନୀ, ଅଜୟ ଦେବଗନ୍, ସଲମାନ୍ ଖାନ, ଦିଆ ମିର୍ଜାଙ୍କ ସମେତ ଅନେକେ ଶୋକ ବ୍ୟକ୍ତ କରିଛନ୍ତି।



# ୨ ଭାଗରେ ବିଭକ୍ତ ହେବ ଭୂଭାଗ

**ଆଜି ଦେଖାଯାଉଥିବା ପୃଥିବୀ ପୂର୍ବରୁ ଏଭଳି ନ ଥିଲା କି ଆଗକୁ ମଧ୍ୟ ଏହାର ଭୂରୂପ ବର୍ତ୍ତମାନ ଭଳି ରହିବ ନାହିଁ। ଭୂ ଆଭ୍ୟନ୍ତରରେ ଚାଲିଥିବା ପରିବର୍ତ୍ତନ ପ୍ରକ୍ରିୟା ୨୦ କୋଟି ବର୍ଷ ପରେ ଏହି ସବୁଜ ଗ୍ରହକୁ ଏକ ବିଶାଳକାୟ ମହାଦ୍ୱୀପରେ ପରିଣତ କରିଦେବ ବୋଲି ଭୂତତ୍ତ୍ୱବିତ୍‌ମାନେ ପୂର୍ବାନୁମାନ କରିଛନ୍ତି।**



**ୱାଶିଂଟନ୍:** ପୃଥିବୀ ପୃଷ୍ଠରେ ହେଉଥିବା ପରିବର୍ତ୍ତନ ଅତି ଦ୍ରୁତ। ଅଦୃଶ୍ୟ ହେଲେ ବି ଏହାର ଆଭ୍ୟନ୍ତରରେ ଅହରହ ଚାଲିଥାଏ ପ୍ରକ୍ରିୟା। ପୃଥିବୀର ଢାଞ୍ଚାଗତ ରୂପାନ୍ତରଣ ମଧ୍ୟ ଏଥିରେ ସାମିଲ। ଦୀର୍ଘଦଶନ୍ଧି ଧରି ସୌରମଣ୍ଡଳର ଏକମାତ୍ର ସଜୀବ ଗ୍ରହର କ୍ରମବିକାଶ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ପୃଥିବୀର ଭବିଷ୍ୟତ ବିଷୟରେ ରୋଚକ ତଥ୍ୟ ଦେଇଛନ୍ତି। ତଦନୁଯାୟୀ, ଆଗାମୀ ୨୦-୩୦ କୋଟି ବର୍ଷ ପରେ ପୃଥିବୀର ସମସ୍ତ ଭୂଭାଗ ପରସ୍ପର ସହିତ ଯୋଡ଼ି ହୋଇଯିବ। ଏହାଦ୍ୱାରା ଦୁଇଟି ପୃଥକ୍ ବିଶାଳକାୟ ମହାଦ୍ୱୀପ ସୃଷ୍ଟି ହେବ। ଏହି ପରିବର୍ତ୍ତନର ପ୍ରଭାବ ସମଗ୍ର ଜୀବଜଗତ ଉପରେ ପଡ଼ିବ ବୋଲି ଭୂତତ୍ତ୍ୱବିତ୍‌ମାନେ ଅନୁମାନ କରିଛନ୍ତି।

ପୃଥିବୀର ବିକାଶ ୪.୫୬ ବିଲିୟନ ବର୍ଷ ତଳେ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ଟେକ୍ଟୋନିକ୍ ପ୍ଲେଟର ବଡ଼ ଅବଦାନ ରହିଛି। ଏହାର ସଞ୍ଚାଳନରେ ବଡ଼ ବଡ଼ ଭୂଖଣ୍ଡ, ପାହାଡ଼, ପର୍ବତ ସୃଷ୍ଟି ହୋଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ବଡ଼ ପରିବର୍ତ୍ତନକୁ ସ୍ୱୀକାର କରିବାକୁ ପଡ଼ିବ। ଟେକ୍ଟୋନିକ୍ ପ୍ଲେଟ୍ ଯୋଗୁ ହେଉଥିବା ଜଳବାୟୁ ପ୍ରଭାବ, ପୃଥିବୀର ଘୂର୍ଣ୍ଣନ ଗତି ଅଧ୍ୟୟନ ଆଧାରରେ ବୈଜ୍ଞାନିକମାନେ ସମ୍ଭାବ୍ୟ ସ୍ଥିତିର ଆକଳନ କରିଛନ୍ତି। ତଦନୁଯାୟୀ ପୃଥିବୀର ନିମ୍ନ ଅକ୍ଷାଂଶରେ ଏକ ବିଶାଳକାୟ ଦ୍ୱୀପ ସୃଷ୍ଟି ହେବ। ବିଷୁବରେଖା ନିକଟରେ ଭୂଭାଗଗୁଡ଼ିକ ଏକାଠି ହୋଇ ଏକ ମହାଦ୍ୱୀପ ସୃଷ୍ଟି ହେବ, ଯାହାର ନାମ ହେବ ‘ଆରିକା’। ସେହିପରି ଉତ୍ତର ଗୋଲାର୍ଦ୍ଧରେ ଅନ୍ୟ ଏକ ମହାଦ୍ୱୀପ ସୃଷ୍ଟି ହେବ, ଯାହା ‘ଆମେଶିଆ’ ନାମରେ ପରିଚିତ ହେବ। ତେବେ ଆଣ୍ଟାର୍କଟିକା ସ୍ଥିତିରେ କୌଣସି ପରିବର୍ତ୍ତନ ହେବନାହିଁ। କାରଣ ଏହାର ତାପମାତ୍ରା ଅନ୍ୟ ସ୍ଥାନଠାରୁ ଭିନ୍ନ। ‘ଆରିକା’ ନିର୍ମାଣ ପରେ ପୃଥିବୀ ଭୂଆକୃତି ବଦଳିଯିବ। ଦୁଇ ଭୂଭାଗ ମଧ୍ୟରେ ତାପମାତ୍ରାରେ ବଡ଼ ଧରଣର ତାରତମ୍ୟ ଦେଖିବାକୁ ମିଳିବ। ବରଫର ମୋଟା ଚାଦର ତିଆରି ହେବ। ସୂର୍ଯ୍ୟଙ୍କଠାରୁ ଆସୁଥିବା କିରଣ ଅଧିକମାତ୍ରାରେ ପ୍ରତିବିମ୍ବିତ ହେବ ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି। ସୂଚନାଯୋଗ୍ୟ, ପୃଥିବୀର ମୂଳ ଭୂଖଣ୍ଡ କୁହାଯାଉଥିବା ‘ପାଞ୍ଜିଆ’ର ନିର୍ମାଣ ହାରାହାରି ୩୧ କୋଟି ବର୍ଷ ପୂର୍ବେ ହୋଇଥିଲା। ୧୮ କୋଟି ବର୍ଷ ତଳେ ଏଥିରେ ବିଭାଜନ ଆରମ୍ଭ ହେଲା। ଆଜିକାର ସମୟରେ ସୃଷ୍ଟି ହୋଇଥିବା ଭୂଭାଗ ଏକଦା ପାଞ୍ଜିଆର ଅଂଶବିଶେଷ ଥିଲା। ବିକାଶ ସିଦ୍ଧାନ୍ତ ଅନୁଯାୟୀ, ସମ୍ଭାବ୍ୟ ବିଶାଳକାୟ ମହାଦ୍ୱୀପ ସୃଷ୍ଟି ହେବାର ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି ବୋଲି ଭୂତତ୍ତ୍ୱବିତ୍‌ମାନେ କହିଛନ୍ତି।

## ସାଉଥ୍‌ରେ କମାଲ କରିବେ କିଙ୍ଗ୍ ଖାନ୍



**ମୁମ୍ବାଇ:** ବଲିଉଡ୍ କିଙ୍ଗ ଖାନ ଶାହାରୁଖଙ୍କ ହାତରେ ଏବେ କେତେ ଗୁଡିଏ ଅଫର ରହିଛି। ସେଥିମଧ୍ୟରୁ ସାଉଥ ମୁଭିରେ ତାଙ୍କର ଅଭିନୟକୁ ନେଇ ଏବେ ସେ ଖୁବ ଚର୍ଚ୍ଚାରେ। ଟଲିଉଡ ନିର୍ଦ୍ଦେଶକ ଏଟଲି କୁମାରଙ୍କ ସହ ଶାହାରୁଖ ଏକ ଆକ୍ସନ ଡ୍ରାମା ମୁଭି କରିବାକୁ ଯାଉଛନ୍ତି। ଏହି ମୁଭିକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ସାମ୍ନାକୁ ଆସୁଛି। ଏଥିରେ ଶାହାରୁଖଙ୍କ ସହ ନୟନତାରା ତଥା ପ୍ରିୟାମଣିଙ୍କ ଭଳି ଅଭିନେତ୍ରୀଙ୍କୁ ଦେଖିବାକୁ ମିଳିବ। ଫିଲ୍ମର ଟାଇଟଲ ସ୍ଥିର ନ ହୋଇ ଥିଲେ ବି ଏହାର ଶୁଟିଂ ଆରମ୍ଭ ହୋଇଯାଇଛି। ଏହାର କାହାଣୀ ଏକ ବ୍ୟାଙ୍କ ଡକାୟତି ଉପରେ ଆଧାରିତ। ଏଥିରେ ଶାହାରୁଖ ଡବଲ ରୋଲରେ ନଜର ଆସିବେ। ଗୋଟିଏ ପଟେ ପୋଲିସ ଓ ଅନ୍ୟପଟେ ଜଣେ କ୍ରିମିନାଲ ଭାବେ ନଜର ଆସିବେ ଶାହାରୁଖ। ଏଥିରେ ଗୁଲଶନ ଗ୍ରୋଭର, ସାନ୍ୟା ମାଲହୋତ୍ରାଙ୍କ ଭଳି କଳାକାରଙ୍କୁ ବି ଦେଖିବାକୁ ମିଳିବ।

## ଘରୁ ସୁନା ନେଇ ବାଣ୍ଟିଦେଲେ ଛାତ୍ରୀ

ଥିରୁଭାନନ୍ତପୁରମ୍

କେରଳର ଥିରୁଭାନନ୍ତପୁରମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଜ ଘରୁ ୩୭ ଲକ୍ଷ ଟଙ୍କାର ସୁନା ଚୋରି କରି ସାଙ୍ଗମାନଙ୍କୁ ବାଣ୍ଟି ଦେଇଛନ୍ତି। ସୁନା ଗାଏବ ହେବା ପରେ ଛାତ୍ରୀଙ୍କ ମା’ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଛାତ୍ରୀଙ୍କର ଜଣେ ସାଙ୍ଗ ଶିବିନ ଏବଂ ଶିବିନଙ୍କ ମା’ଙ୍କୁ ଗିରଫ କରିଛି।

ଛାତ୍ରୀ ଜଣକ ପୋଲିସକୁ ଦେଇଥିବା ସୂଚନା ଅନୁସାରେ, ସେ ୧ ବର୍ଷ ପୂର୍ବରୁ ଘରୁ ସୁନା ଚୋରି କରି ଶିବିନଙ୍କୁ ଦେଇଥିଲେ। ପରେ ପୋଲିସ ଶିବିନଙ୍କ ଘରେ ଛାନ୍‌ଭିନ୍ କରିଥିଲା। ସେଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ମାତ୍ର ଏହି ମାମଲା ଏବେ ନୂଆ ମୋଡ଼ ନେଇଛି। ଯେତେବେଳେ ଶିବିନ ପୋଲିସକୁ କହିଲେ ଯେ ଛାତ୍ରୀଜଣକ ତାଙ୍କୁ କେବଳ ୨୭ ଭରି ସୁନା ଦେଇଛନ୍ତି, ୭୫ ଭରି ନୁହେଁ, ସେତେବେଳେ ପୋଲିସର ମୁଣ୍ଡ ବି କାମ କରି ନ ଥିଲା। ଛାତ୍ରୀ ଜଣକ ୭୫ ଭରି ସୁନାରୁ ୪୦ ଭରି ସୁନା ଅନ୍ୟ ଜଣେ ପୁଅ ସାଙ୍ଗକୁ ଦେଇଥିବା ଜଣାପଡ଼ିଛି। ଏବେ ସମ୍ପୃକ୍ତ ଯୁବକ ଛାତ୍ରୀଙ୍କୁ ଇନଷ୍ଟାଗ୍ରାମରୁ ବ୍ଲକ କରିଦେଇଛନ୍ତି। ଫଳରେ ତାଙ୍କ ସହ ଛାତ୍ରୀ ଆଉ କଥାବାର୍ତ୍ତା ହୋଇପାରୁନାହାନ୍ତି। ତେବେ ସତରେ ୭୫ ଭରି ସୁନା ଚୋରି ହୋଇଛି କି ନା ଏବଂ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ତାହା ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

## ଅନ୍ୟାନ୍ୟ ଖବର

## ରାସ୍ତାରେ ପରିବା ଗଦାକରି ବାଣ୍ଟିଲେ

### ଅଭାବୀ ବିକ୍ରିର ପ୍ରତିବାଦ

ବରଗଡ଼ ଅଫିସ୍,୮।୯

ବରଗଡ଼ ଏକ କୃଷିପ୍ରଧାନ ଜିଲା। ଧାନ ପରି ପରିବା ଉତ୍ପାଦନରେ ମଧ୍ୟ ଏହି ଜିଲା ପଛରେ ପଡ଼ିନାହିଁ। କିନ୍ତୁ ଧାନବିକ୍ରି ଭଳି ପରିବା ବିକ୍ରିରେ ମଧ୍ୟ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁପଡୁଛି। ବୁଧବାର ଜିଲାର ଚାଷୀମାନେ ପରିବା ଅଭାବୀ ବିକ୍ରିର ଅଭିନବ ପ୍ରତିବାଦ କରିଥିଲେ। ବରଗଡ଼-ସୋହେଲା ମଝିରେ ଥିବା ଦଶମାଇଲ ଛକ ୬ନମ୍ବର ଜାତୀୟ ରାଜପଥ ଉପରେ ବିଭିନ୍ନ ପ୍ରକାର ପରିବା ଗଦା କରି ଚାଷୀମାନେ ପଥଚାରୀଙ୍କୁ ବାଣ୍ଟିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ଜୟ କିଷାନ ଆନ୍ଦୋଳନର ନେତୃତ୍ୱରେ ଶ୍ରୀଗିଡ଼ା, ସରକଣ୍ଡା, ସାମକଁଟା, କରୋଣ୍ଡଲା, ବାଇପାଲି, ଗର୍ଭନା, ଲେବିଡ଼ି, ନଅଗାଁ, ଚକରକେନ୍ଦ, କେନପାଲି, ଭାତବିଡ଼ା ଆଦି ଅଞ୍ଚଳର ଚାଷୀମାନେ ଦଶମାଇଲ ଛକରେ ସମବେତ ହୋଇଥିଲେ। ସେମାନେ ସାଙ୍ଗରେ ଆଣିଥିବା ବାଇଗଣ, ଭେଣ୍ଡି, ପୋଟଳ, କଖାରୁ, ଲଙ୍କା ଆଦି ପ୍ରାୟ ୫ କୁଇଣ୍ଟାଲର ପରିବା ରାଜପଥ ମଝିରେ ଗଦା କରିଥିଲେ। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସେମାନେ ତାହା ଦୀର୍ଘ ୨ଘଣ୍ଟା ଧରି ବାଣ୍ଟିଥିଲେ। ଧାନ ଭଳି ପରିବାରେ ଅଭାବୀ ବିକ୍ରି ସ୍ଥିତି ଉପୁଜିବାରୁ ଏହା କରୋନା ତଥା ମରୁଡ଼ି କାଳରେ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ଜିଲାରେ ଶୀତଳ ଭଣ୍ଡାର ସ୍ଥାପନ, ଧାନ ଭଳି ବିଭିନ୍ନ ପନିପରିବାର ସହାୟକ ମୂଲ୍ୟ ନିର୍ଦ୍ଧାରଣ ଏବଂ ପରିବା ଅଭାବୀ ବିକ୍ରିର ସ୍ଥାୟୀ ସମାଧାନ ଦାବିରେ ଏଭଳି ପ୍ରତିବାଦ କରିଥିବା ଜୟ କିଷାନ ଆନ୍ଦୋଳନର ଚାଷୀନେତାମାନେ କହିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଯୋଗଦେଇ କହିଥିଲେ, ଉତ୍ପାଦିତ ପରିବାକୁ ସୁରକ୍ଷିତ ରଖିବା ପାଇଁ ଜିଲାରେ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଥିଲେ ବର୍ତ୍ତମାନର ଅଭାବୀ ବିକ୍ରି ସମସ୍ୟା ଉପୁଜି ନ ଥାନ୍ତା। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଗ୍ରାମାଞ୍ଚଳରେ ଚାଷୀମାନେ ବାଇଗଣ କିଗ୍ରା ପ୍ରତି ୧ରୁ ୫ଟଙ୍କା, ପୋଟଳ କିଗ୍ରା ପ୍ରତି ୧୫ରୁ ୧୮, ଟମାଟୋ କିଗ୍ରା ପ୍ରତି ୧୫, ଜହ୍ନି କିଗ୍ରା ପ୍ରତି ୨ରୁ ୧୦, ଭେଣ୍ଡି କିଗ୍ରା ପ୍ରତି ୫ରୁ ୧୦, ଶିମ୍ବ କିଗ୍ରା ପ୍ରତି ୨୦ଟଙ୍କାରେ ବିକ୍ରି କରୁଛନ୍ତି। ତେବେ ଏହି ଦରରେ ଚାଷୀଙ୍କୁ ସେହି ଫସଲରେ କରିଥିବା ଖର୍ଚ୍ଚ ମଧ୍ୟ ଭରଣା ହେଉ ନ ଥିବା ମହାପାତ୍ର କହିଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ସୁଶୀଲ ସାହୁ, ହର ବଣିଆ, ସୁରେନ୍ଦ୍ର ମେହେର, ସରୋଜ ପ୍ରଧାନ, କିଶୋର ସାହୁ, ଅରୁଣ ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବିନା ଅନୁମତିରେ ସଭା କରି ୫ ଏସ୍‌ପି ନେତା ଗିରଫ

ବାଲିଆ, ୮।୯

ବିନା ଅନୁମତିରେ ଉତ୍ତରପ୍ରଦେଶ ବାଲିଆ ଜିଲାର ଏକ ପୋଲିସ ଆଉଟ୍‌ପୋଷ୍ଟରେ ସଭା କରିବା ସହ ଶୋଭାଯାତ୍ରା ବାହାର କରିବା ଅଭିଯୋଗରେ ସମାଜବାଦୀ ପାର୍ଟି (ଏସ୍‌ପି)ର ୫ ଜଣ ନେତାଙ୍କୁ ଗିରଫ କରାଯାଇଛି। ଏହା ବ୍ୟତୀତ ବାଲିଆ ଜିଲାର ସମାଜବାଦୀ ପାର୍ଟି ସଭାପତି ରାଜମଙ୍ଗଳ ଯାଦବଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ଆଉଟ୍‌ପୋଷ୍ଟର ଭାରପ୍ରାପ୍ତ ଅଧିକାରୀଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି।


## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ

ସ୍ୱାମୀ: ୰ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର,
ପୋଖରୀପୁଟ, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

### ଶ୍ରଦ୍ଧାଞ୍ଜଳି



ପ୍ରସିଦ୍ଧ କର୍ମକାଣ୍ଡବିତ୍, ଜ୍ୟୋତିର୍ବିଦ୍, ଚଣ୍ଡୀସାଧକ ଏବଂ ଯୋଗାସନବିତ୍ ପଣ୍ଡିତ
**ଶ୍ରୀ କାଳୀ ଚରଣ ଦାଶ (କାଳୁ ପଣ୍ଡିତ)**ଙ୍କର
ହନୁମାନ ଚାଳିଶା ପାରାୟଣ କରି ଆସିଲା ପରେ ଅଚାନକ ହୃଦ୍‌ଘାତରେ ପ୍ରାତଃ ତା୫।୯।୨୧ରିଖ ପବିତ୍ର ଗୁରୁଦିବସରେ ଦେହାନ୍ତ ଘଟିଯାଇଛି।

### ଶ୍ରଦ୍ଧାଞ୍ଜଳି



୰ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ୍ ଅଫିସର୍)
ଝାଡୁଆପଡ଼ା, ସମ୍ବଲପୁର
୧୯୨୦ - ୧୯୯୭
ବାଲିତୃତୀୟା

ଚର୍ତୁବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
D-71414


## ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

### ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

- ୧ କୋଟି ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ
- ୩ ସ୍ଥାନରେ ଏକକାଳୀନ ଚଢ଼ାଉ

ବଲାଙ୍ଗୀର ଅଫିସ/ମୁରିବାହାଲ, ୮।୯(ଡି.ଏନ୍.ଏ.)

ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଳକି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ବିଶ୍ୱମ୍ଭର ଭୋଇଙ୍କ ଘର ଓ ଅଫିସ ସମେତ ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢାଉ କରାଯାଇଛି। ପାଟଣାଗଡଠାରେ ତାଙ୍କର ଏକ ତିନି ମହଲା କୋଠା ଏବଂ ଦୁଇ ମହଲା କୋଠା, ଦୁଇଟି ବାଇକ୍, ୬.୪୬ ଟଙ୍କାର ବ୍ୟାଙ୍କ ଡିପୋଜିଟ୍, ୨.୮୮ ଲକ୍ଷ ଟଙ୍କାର ଜୀବନ ବୀମା, ନଗଦ ୫୨ ହଜାର ୬୨୦ ଟଙ୍କା ସହ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଶି ସମୁଦାୟ ୧ କୋଟି ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଅଧିକ ପଚରାଉଚରା ପାଇଁ ପିଇଓ ଭୋଇଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

## ୩ ମାଓବାଦୀ ଗିରଫ

### ମାଓବାଦୀ ସ୍ମାରକୀ ସ୍ତୁପ ଧ୍ୱଂସ

ମାଲକାନଗିରି,୮।୯(ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ସର୍ଚ୍ଚ ଅପରେଶନବେଳେ ମାଓବାଦୀଙ୍କ ଏକ ସ୍ମାରକୀ ସ୍ତୁପକୁ ଭଙ୍ଗାଯିବା ସହ ବିଜାପୁର ଜିଲା ବାସାଗୁଡ଼ା ଥାନା ମୁରୁଦଣ୍ଡାପଟେଲପାରା ଜଙ୍ଗଲରୁ ୩ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜାଗରଗୁଣ୍ଡାର କୁଞ୍ଜାମ ସନ୍ନା, ବାସାଗୁଡ଼ା ଗ୍ରାମର କାଡ଼ତି ଭୀମା ଏବଂ କାଡ଼ତି ସୁଲା।

ସୂଚନା ଅନୁଯାୟୀ, ଗିରଫ ୩ ମାଓବାଦୀ ତ୍ରିପୁରାରେ ଆଇଇଡି ବିସ୍ଫୋରଣ ସମେତ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଏଥିସହ ସଙ୍ଗଠନକୁ ସୁଦୃଢ଼ କରିବାକୁ କାର୍ଯ୍ୟ କରୁଥିଲେ। ଯବାନମାନେ ନେଣ୍ଡା ଜଙ୍ଗଲରେ ରହିଥିବା ମାଓବାଦୀ ସ୍ତୁପକୁ ମଧ୍ୟ ବିସ୍ଫୋରକ ଦ୍ୱାରା ଭାଙ୍ଗିଦେଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଅପରେଶନକୁ ଜୋର୍‌ଦାର କରାଯାଇଥିବା ସୂଚନା ମିଳିଛି।



ଗିରଫ ମାଓବାଦୀମାନେ।

## ତହସିଲଦାରଙ୍କ ଗାଡ଼ି ଧକ୍କାରେ ବାପପୁଅ ଗୁରୁତର

ଦେବଗଡ଼, ୮।୯(ଡି.ଏନ୍.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ବଣିଆକିଲିଣ୍ଡା ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ବୁଧବାର ଦୁର୍ଘଟଣା ଘଟିଛି। ବାରକୋଟ ତହସିଲଦାରଙ୍କ ଗାଡ଼ି ଧକ୍କାରେ ଜଣେ ଯୁବ ବ୍ୟବସାୟୀ ରାଜେଶ ଗୋଏଲ (୩୮) ଓ ତାଙ୍କର ୧୧ବର୍ଷର ପୁଅ ରିସବ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ତହସିଲଦାର ରୁବି ବେହେରା ସରକାରୀ କାର୍ଯ୍ୟରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ବାରକୋଟ ପଟୁ ଦେବଗଡ଼ ଅଭିମୁଖେ ବାଇକ ଯୋଗେ ଯୁବବ୍ୟବସାୟୀ ରାଜେଶ ପୁଅ ସହିତ ଆସୁଥିଲେ। ବଣିଆକିଲିଣ୍ଡା ଗ୍ରାମ ନିକଟରେ ଜାତୀୟ ରାଜପଥ ଉପରେ ତହସିଲଦାରଙ୍କ ବୋଲେରୋ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରୁ ଉଭୟେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଦେବଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ବାଇକ୍‌କୁ ପୋଲିସ ଜବତ କରିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

**KUBER FINANCE**
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**SALE**
Immediate Land Sale at Tankapani Road (Near to Sai Temple), Nandankanan Road N.H side Commercial and residential Land at Bhubaneswar and Cuttack. Ready Industrial Land at Cuttack. Immediate possession and Registration.
Contact :
9658805048

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୯/୨୦୨୧ Sambalpur, Thursday, September 9/ 2021

# ଅଶ୍ୱିନଙ୍କ ପ୍ରତ୍ୟାବର୍ତ୍ତନ, ଚହଲ ବାଦ୍


ବରୁଣ ଚକ୍ରବର୍ତ୍ତୀ


ଇଶାନ କିଶନ


ମହେନ୍ଦ୍ର ସିଂ ଧୋନୀ

**ନୂଆଦିଲ୍ଲୀ,୮।୯**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଆସନ୍ତା ଅକ୍ଟୋବର ୧୭ରୁ ନଭେମ୍ବର ୧୪ ମଧ୍ୟରେ ହେବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଉଛି। ବୁଧବାର ଘୋଷିତ ୧୫ ଜଣିଆ ଦଳକୁ ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କୁ ବାଦ ଦିଆଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଦଳରେ ମେଣ୍ଟର ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଟୁର୍ନାମେଣ୍ଟରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କୁ ସହଯୋଗ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଖବରଦାତା ସମ୍ମିଳନୀରେ କହିଛନ୍ତି। ଷ୍ଟାଣ୍ଡ ବାଇ ଖେଳାଳି ଭାବେ ଓଭାଲ ଟେଷ୍ଟ ହିରୋ ଶାର୍ଦ୍ଦୁଳ ଠାକୁର, ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଓ ଦୀପକ ଚହରଙ୍କୁ ନିଆଯାଇଛି।

## ଟି୨୦ ବିଶ୍ୱକପ୍

- ଭାରତୀୟ ଦଳ ଘୋଷିତ
- ଇଶାନ ଓ ବରୁଣଙ୍କୁ ଆଇପିଏଲରେ ଭଲ ପ୍ରଦର୍ଶନର ପୁରସ୍କାର
- ଧୋନୀଙ୍କୁ ମେଣ୍ଟର ଦାୟିତ୍ୱ

୩୪ ବର୍ଷୀୟ ଅଶ୍ୱିନ ୨୦୧୭ରେ ଶେଷଥର ପାଇଁ ସୀମିତ ଓଭର କ୍ରିକେଟ ଖେଳିଥିଲେ। ଦୀର୍ଘ ୪ ବର୍ଷ ପରେ ସେ ଦଳକୁ ଫେରିଛନ୍ତି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ, ସ୍ପିନର ଅକ୍ଷର ପଟେଲ ଓ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଉପରେ ଚୟନକର୍ତ୍ତା ଭରସା କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସ୍ଥିର ପ୍ରଦର୍ଶନ କରିଥିବାରୁ ବରୁଣ ଓ ଇଶାନ ଦଳରେ ସ୍ଥାନ ହାସଲ କରିଛନ୍ତି।

ଧୋନୀଙ୍କ ସହ ଦୁବାଇରେ ଏ ନେଇ କଥା ହୋଇଥିଲି। ଧୋନୀ ମେଣ୍ଟର ଦାୟିତ୍ୱ ନେବାକୁ ରାଜି ହୋଇଥିଲେ। ଏଥିରେ ଅଧିନାୟକ ବିରାଟ କୋହଲି ଓ ଉପ-ଅଧିନାୟକ ରୋହିତ ଶର୍ମା ମଧ୍ୟ ସମ୍ମତି ପ୍ରକାଶ କରିଥିଲେ ବୋଲି ଶାହା କହିଛନ୍ତି। ୪୦ ବର୍ଷୀୟ ଧୋନୀ ୨୦୧୯ ବିଶ୍ୱକପ୍ ସେମିଫାଇନାଲ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଧୋନୀଙ୍କ ନେତୃତ୍ୱରେ ଭାରତ ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ସେ ଭାରତର ସଫଳ ଅଧିନାୟକ ବିବେଚିତ ହେଉଛନ୍ତି। ବିଶ୍ୱକପ୍‌ର ସୁପର-୧୨ ପର୍ଯ୍ୟାୟରେ ଭାରତ ଗ୍ରୁପ୍ ୨ରେ ସାମିଲ ହୋଇଛି। ଭାରତ ସମେତ ଆଫଗାନିସ୍ତାନ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଦୁଇଟି କ୍ୱାଲିଫାୟର ଏହି ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଅକ୍ଟୋବର ୨୪ରେ ପାକିସ୍ତାନ ବିପକ୍ଷରୁ ଭାରତ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଲୋକେଶ ରାହୁଲ, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟ କିପର), ଇଶାନ କିଷନ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ରାହୁଲ ଚହର, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି।

**ଷ୍ଟାଣ୍ଡ ବାଇ ଖେଳାଳି**

ଶ୍ରେୟାସ ଆୟାର, ଶାର୍ଦ୍ଦୁଳ ଠାକୁର ଓ ଦୀପକ ଚହର।

## ପାରାଲିମ୍ପିକ୍ସ ପଦକ ବିଜେତା ସମ୍ବର୍ଦ୍ଧିତ

**ନୂଆଦିଲ୍ଲୀ, ୮।୯ (ପି.ଟି.):** ଟୋକିଓ ପାରାଲିମ୍ପିକ୍ସରେ ପଦକ ବିଜେତା ୧୭ ଖେଳାଳିଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଏଠାରେ ସମ୍ବର୍ଦ୍ଧିତ କରିଛନ୍ତି। ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ଭାରତ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଏହି ଅବସରରେ ଅନୁରାଗ ଆଶାପ୍ରକାଶ କରିଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ଟୋକିଓ ଗେମ୍ସରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ୧୯ଟି ପଦକ ଜିତିଛନ୍ତି। ଶୁଟର ଅଭାନି ଲେଖାରା (ସ୍ୱର୍ଣ୍ଣ ଓ ବ୍ରୋଞ୍ଜ) ଏବଂ ସିଂହରାଜ ଅଡାନା (ରୌପ୍ୟ ଓ ବ୍ରୋଞ୍ଜ) ୨ ଥର ପୋଡିୟମ ଫିନିଶ୍ କରିବାର ସୌଭାଗ୍ୟ ପାଇଛନ୍ତି। ‘‘ଦେଶ ପାଇଁ ଏକ ପଦକ ଜିତିବା ମୋର ସ୍ୱପ୍ନ ଥିଲା। ସେଥିପାଇଁ କଠିନ ପରିଶ୍ରମ କରିଥିଲି। ଏହା ସାକାର ହୋଇଥିବାରୁ ମୁଁ ବହୁତ ଖୁସି ଏବଂ କୃତଜ୍ଞ’’ ବୋଲି ୧୯ ବର୍ଷୀୟା ଲେଖାରା ପ୍ରକାଶ କରିଛନ୍ତି। ପ୍ରଥମ ଭାରତୀୟ ମହିଳା ଭାବେ ସେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଅନୁରାଗ ସମସ୍ତ ପଦକ ବିଜେତାଙ୍କୁ ପ୍ରଶଂସା କରିବା ସହ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ୨୦୧୬ ପାରାଲିମ୍ପିକ୍ସରେ ଭାରତୀୟ ପ୍ରତିନିଧି ଦଳର ସଂଖ୍ୟା ୧୯ରେ ସୀମିତ ଥିଲା। ଏଥର ଆମ ଆଥ୍‌ଲେଟମାନେ ୧୯ଟି ପଦକ ଜିତିଛନ୍ତି। ତେଣୁ ଇଚ୍ଛାଶକ୍ତି ଅନ୍ୟ ସବୁଠାରୁ ଶକ୍ତିଶାଳୀ ବୋଲି ଅନୁରାଗ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଶିକ୍ଷା ସେତୁ କାର୍ଯ୍ୟକ୍ରମ ସମୀକ୍ଷା କଲେ ଏବିଇଓ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ସରକାରୀ ୟୁପି ସ୍କୁଲକୁ ପରିଦର୍ଶନ କରିଛନ୍ତି ବୀରମହାରାଜପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ଣ୍ଣା ଡୁଙ୍ଗଡୁଙ୍ଗ। ବୁଧବାର ସେ ଉକ୍ତ ସ୍କୁଲକୁ ଆସି ଶିକ୍ଷା ସେତୁ କାର୍ଯ୍ୟକ୍ରମ, ଶିକ୍ଷା ଓ ସ୍କୁଲ ସମ୍ପର୍କିତ ବିଭିନ୍ନ ରେଜିଷ୍ଟର ଯାଞ୍ଚ କରିଥିଲେ। ଏହା ସହିତ ବର୍ତ୍ତମାନ ଚାଲୁଥିବା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏବିଓଙ୍କ ପରିଦର୍ଶନ ବେଳେ ସ୍କୁଲ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ, ବରିଷ୍ଠ ଶିକ୍ଷକ ଦିଲୀପ ଚାନ୍ଦ, ଯଦୁମଣି ବାଘ, ତପକିରଣ ସାହୁ, ଶୁଭାଶିଷ ମିଶ୍ର, ମନରଞ୍ଜନ ପୁରୋହିତ, ନିଦ୍ରାବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦଶମ ଶ୍ରେଣୀ ଛାତ୍ର ନିଖୋଜ: ଥାନାରେ ଅଭିଯୋଗ

ବାଉଁଶୁଣୀ,୮।୯(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ବରଗାଁର ଦଶମ ଶ୍ରେଣୀ ଛାତ୍ର ସପ୍ତେଶ୍ୱର ଗେଜ (୧୫) ନିଖୋଜ ହୋଇ ଯାଇଥିବା ନେଇ ତାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ବରଗାଁ ଗ୍ରାମର ପବିତ୍ର ଗେଜ ଓ ଆଲାଦିନୀଙ୍କ ପୁଅ ସପ୍ତେଶ୍ୱର ସୋମବାର ସକାଳ ୮ଟାରେ ଗାଆଁର ହାଟପଦା ଆଡକୁ ଯାଇଥିଲେ। ସନ୍ଧ୍ୟା ଯାଏ ଘରକୁ ନ ଫେରିବାରୁ ପରିବାରବର୍ଗ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ଖୋଜଖବର ମିଳି ନ ଥିଲା। ଶେଷରେ ପବିତ୍ର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଯାତ୍ରୀ ବିଶ୍ରାମାଗାର ପାଇଁ ଶିଳାନ୍ୟାସ

ବାଉଁଶୁଣୀ,୮।୯(ଡି.ଏନ.ଏ.): ବୌଦ୍ଧ ବ୍ଲକର ଜହ୍ନାପଙ୍କ ବସଷ୍ଟାଣ୍ଡଠାରେ ବହୁ ପ୍ରତୀକ୍ଷିତ ଯାତ୍ରୀ ବିଶ୍ରାମାଗାରର ଶୁଭ ଖମ୍ବ ସ୍ଥାପନ ଖୁଣ୍ଟବନ୍ଧ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କ ଦ୍ୱାରା ହୋଇଯାଇଛି। ବିଜୟ ବେହେରା ପୂଜା କାର୍ଯ୍ୟ କରିଥିଲେ। ସ୍ୱେଚ୍ଛାସେବୀ ସୁରମଣି ମିଶ୍ର, ମାରୁତି ଯୁବକ ସଂଘର ସଭାପତି ସୁଧାଂଶୁ ଶେଖର ମିଶ୍ର, ସଭ୍ୟ ସୁରେନ୍ଦ୍ର ପ୍ରଧାନ, ୱାର୍ଡ ସଭ୍ୟ ବିଶାମିତ୍ର ବାରିକ, ପ୍ରକାଶ ବାରିକ,ମିସ୍ତ୍ରୀ ବଉଦିଆ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୧୦ ବର୍ଷ ହେଲା ଅଞ୍ଚଳବାସୀ ଏଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ସ୍ଥାନୀୟ ଜନସାଧାରଣ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇ ଥିଲେ ମଧ ସୁଫଳ ମିଳି ନ ଥିଲା। ଶେଷରେ ମାରୁତି ଯୁବକ ସଂଘର ସଭାପତି ସୁଧାଂଶୁ ଶେଖର ମିଶ୍ର, ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପ୍ରଧାନ ଓ ପ୍ରକାଶ ବାରିକ ଗତ ଜାନୁୟାରୀ ୨୯ ତାରିଖରେ ଖୁଣ୍ଟବନ୍ଧ ସରପଞ୍ଚଙ୍କୁ ଯାତ୍ରୀ ବିଶ୍ରାମଗାର ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

### ଜୁନିୟର ରେଡକ୍ରସ୍ ୟୁନିଟ ଗଠିତ

ଅମରପାଲି,୮।୯(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ୟୁନିଟ ଗଠିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସାଧନକର୍ମୀ ଚନ୍ଦ୍ରମଣି ବାଘ ଛାତ୍ରୀଛାତ୍ରଙ୍କୁ ରେଡକ୍ରସ ସଂସ୍ଥାରେ ଯୋଗ ଦେବାକୁ ଆମନ୍ତ୍ରଣ କରିଥିଲେ। ୨୦୨୧-୨୨ ନିମନ୍ତେ ବିଦ୍ୟାଳୟର ଜୁନିୟର ରେଡକ୍ରସ କମିଟି ସଭାପତିଭାବେ ପ୍ରଧାନ ଶିକ୍ଷୟିତ୍ରୀ ସର୍ଣ୍ଣଲତା ବେହେରା, ସମ୍ପାଦକ ପରାମର୍ଶଦାତା ଚନ୍ଦ୍ରମଣି ବାଘ, ଶିକ୍ଷକ ପ୍ରତିନିଧି ଶମ୍ପା ବିଶାଳ, ଛାତ୍ରୀ ଯମୁନା ମେହେର ଓ ପ୍ରିୟତମା ଗାଇଗରିଆ ପ୍ରତିନିଧି ମନୋନୀତ ହୋଇଛନ୍ତି। ଜୁନିୟର ରେଡକ୍ରସ ୟୁନିଟକୁ ସସ୍ମିତା ମେହେର ଚେୟାରମ୍ୟାନ, ଶିବାନୀ ମେହେର ଭାଇସ ଚେୟାରମ୍ୟାନ, ଏଲିନା ମଲ୍ଲିକ ସମ୍ପାଦକ, ପୂର୍ଣ୍ଣିମା ମେହେର ସହସମ୍ପାଦକ, ମଧୁସ୍ମିତା ମେହେର କମାଣ୍ଡର, ଆୟୁସ୍ମିତା ପାତ୍ର ଭାଇସ କମାଣ୍ଡର, ଶ୍ରଦ୍ଧାଞ୍ଜଳି ମହାକୁଡ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଦଳସ୍ ଗ୍ରୁପ ଲିଡର, ପୁଷ୍ପାଞ୍ଜଳି ବାରିକ ସାମାଜିକ ସେବା ଦଳର ଗ୍ରୁପ ଲିଡର, ଜୁଲି ମେହେର ପାଣି ସଂଗ୍ରହ ଦଳ ଗ୍ରୁପ ଲିଡର ଏବଂ ମୁସ୍କାନ ପାତ୍ର ଅନ୍ତର୍ଜାତୀୟ ବନ୍ଧୁତା ଦଳର ଗ୍ରୁପ ଲିଡର ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ୩୧ ଛାତ୍ରଛାତ୍ରୀଙ୍କୁ ନେଇ ଜୁନିୟର ରେଡକ୍ରସ ୟୁନିଟ ଗଠିତ ହୋଇଛି।

# ୭୩ ବର୍ଷର ସ୍କୁଲକୁ ଅଣଦେଖା

ଜୁନାଗଡ଼,୮।୯(ଡି.ଏନ.ଏ.)



ଭଗ୍ନ ଅସ୍ଥାରେ ଦେଉଣ୍ଡି ପ୍ରାଥିମିକ ବିଦ୍ୟାଳୟ।

- ମଣିଷ ତିଆରି କାରଖାନା ଏବେ ଅକର୍ମଣ୍ୟ
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳ
- ଭଗ୍ନ ଅବସ୍ଥାରେ ଦେଉଣ୍ଡି ପ୍ରାଥମିକ ବିଦ୍ୟାଳୟ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ସର୍ବପୁରାତନ ଦେଉଣ୍ଡି ପ୍ରାଥମିକ ବିଦ୍ୟାଳୟ ବା ମଣିଷ ତିଆରି କାରଖାନା ଏବେ ଅକର୍ମଣ୍ୟ। ଏହି ବିଦ୍ୟାଳୟରେ ପାଠପଢି କେତେ ଯେ ସରକାରୀ ଅଧିକାରୀ ଓ କର୍ମଚାରୀ, ରାଜନେତା ଅବା କେତେ ନିର୍ବାଚିତ ପ୍ରତିନିଧି ବାହାରିଛନ୍ତି। ହେଲେ ଆଜି ଏହି ପୁରାତନ ବିଦ୍ୟାଳୟ ଭଗ୍ନ ଅବସ୍ଥାରେ ପଡିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି। ଏହି ସ୍କୁଲ ପ୍ରତି ସରକାର ଓ ରାଜନେତା ସମସ୍ତେ ଅଣଦେଖା କରୁଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୪୮ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଦେଢ଼ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢିଥାନ୍ତି। ସ୍କୁଲ ପ୍ରତିଷ୍ଠାଠାରୁ ଆଜକୁ ୭୩ ବର୍ଷ ପୁରିଥିଲେ ମଧ କେବେ ବି ମରାମତି କରାଯାଇ ନାହିଁ। ବର୍ତ୍ତମାନ ସ୍କୁଲ ଭଗ୍ନ ଅବସ୍ଥାକୁ ଆସିଥିବା ବେଳେ ଛାତ ଭାଙ୍ଗି ପାଣି ଗଳୁଛି। ଅନେକ ଶ୍ରେଣୀ ଗୃହରେ ପାଣି ଗଳୁଥିବାରୁ ବସି ପାଠ ପଢିବା ପାଇଁ ଉପଯୋଗୀ ହେଉନାହିଁ। ସେହିଭଳି ଶିକ୍ଷକମାନଙ୍କ ଆଫିସ କୋଠା ଛାତରୁ ମଧ ସିମେଣ୍ଟ ବାହାରି ପଡ଼ିଲାଣି। ଗୋଟିଏପଟେ କରୋନା କଟକଣା ଯୋଗୁ ଛାତ୍ରୀଛାତ୍ର ସ୍କୁଲ ଆସୁ ନ ଥିଲେ। ବର୍ତ୍ତମାନ ସ୍କୁଲ ଆସିବା ସମୟରେ ସ୍କୁଲ ଅବସ୍ଥା ଦେଖି ପୁଣିଥରେ ଅଭିଭାବକମାନେ ପାଠ ପଢିବା ପାଇଁ ମନା କରିଦେବେ। ସ୍କୁଲ ଛାତ କେତେ ବେଳେ କାହା ଉପରେ ଗଳି ପଡିବ ତାହା କହିବା ମୁସ୍କିଲ। ଭଗବାନ ଭରସାରେ ପିଲାମାନେ ଏବଂ ତାଙ୍କ ଅଭିଭାବକମାନେ ରହିଛନ୍ତି। ଶିକ୍ଷା ବିଭାଗରୁ ଜଣାପଡିଛି ଯେ ସ୍କୁଲ ଗୃହ ମରାମତି ପାଇଁ କମ୍ପୋଜିଟ ଗ୍ରାଣ୍ଟ ବାବଦକୁ ୫୦ ହଜାର ଟଙ୍କା ଆସିଥିବା ଜଣାପଡ଼ିଛି। ହେଲେ ଏହି ଟଙ୍କା ସମୁଦ୍ରକୁ ଶଙ୍ଖେ ଭଳି ମନେ ହେଉଛି। ୫୦ ହଜାର ଟଙ୍କା ଶ୍ରମିକମାନଙ୍କ ପାରିଶ୍ରମିକଠାରୁ ମଧ ବହୁତ କମ। ନିକଟରେ ଥିବା ମହିଚଲା ସ୍କୁଲକୁ ସ୍ମାର୍ଟ ସ୍କୁଲ ଘୋଷଣା କରି ବହୁ ଅର୍ଥରେ ସ୍ମାର୍ଟ କ୍ଲାସ ନିର୍ମାଣ କରାଯାଉଥିବା ବେଳେ ଏହି ୭୩ ବର୍ଷର ସର୍ବପୁରାତନ ସ୍କୁଲକୁ ଅଣଦେଖା କରାଯାଉଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

# ପୃଥକ୍ ଆପରାଧିକ ମାମଲା, ୭ ଧରାପଡ଼ିଲେ

ଟିଟିଲାଗଡ଼,୮।୯(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।

- ଅଭିଯୁକ୍ତଙ୍କ ମଧ୍ୟରେ ୩ ନାବାଳକ
- ୧୬ମୋବାଇଲ, ୪ବାଇକ, ପିକଅପ ଜବତ

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ୩ଟି ପୃଥକ ମାମଲାରେ ତିନି ନାବାଳକଙ୍କ ସମେତ ୭ଜଣଙ୍କୁ ଧରିଛି। ସେମାନଙ୍କଠାରୁ ୧୬ଟି ମୋବାଇଲ ଫୋନ, ୪ବାଇକ ଓ ଏକ ପିକଅପ ଭ୍ୟାନ ଜବତ କରିଛି। ବୁଧବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲା ପୋଲିସ ଅଧୀକ୍ଷକ ସୁରେନ୍ଦ୍ର ନାଥ ଶତପଥୀ, ଆଇଆଇସି ରଞ୍ଜନ ବରିହା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଚଳିତ ମାସ ୧ ତାରିଖରେ ଲୁଥରବନ୍ଧ ଗ୍ରାମର ଲାଲୁରାମ ବିଶିଙ୍କ ବାଇକ ଘର ସମ୍ମୁଖରେ ଥିବା ବେଳେ ଚୋରି ହୋଇ ଯାଇଥିଲା। ଏହି ଘଟଣାରେ ପୋଲିସ କତରକେଲା ଗ୍ରାମର ନରେଶ ନାଗ ଏବଂ ଦୁଇଜଣ ନାବାଳକଙ୍କୁ ଧରିଛି। ସେମାନଙ୍କଠାରୁ ଦୁଇଟି ବାଇକ, ଗୋଟିଏ ଫୋନ ଜବତ କରିଛି। ଗତ ୨୫ ଜୁନ ରାତିରେ ସହରର ମହମ୍ମଦ ସଫୁଦ୍ଦିନ ଅନସାରିଙ୍କ ଘରୁ ତିନଟି ମୋବାଇଲ ଫୋନ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସହରର ପ୍ରମୋଦ ବେହେରା, ଶଙ୍କର ସିଂ, ମହମ୍ମଦ ଅଜୁଙ୍କୁ ଗିରଫ କରାଯିବା ସହ ୧୫ଟି ମୋବାଇଲ ଜବତ କରାଯାଇଛି। ଗତ ୪ ତାରିଖ ରାତ୍ରୀରେ ବାଞ୍ଜିପଦର ରେଳବାଇ ନିର୍ମାଣ ୟାର୍ଡରୁ ଷ୍ଟିଲ ଶର୍ଟର ଏବଂ ଅନ୍ୟ ଉପକରଣ ଚୋରି ହୋଇଥିବା ଠିକା ସଂସ୍ଥା ମେଟ ଉତ୍ତରପ୍ରଦେଶର ଅମରେନ୍ଦ୍ର ଯାଦବ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଟିଟିଲାଗଡ ସହରର ଜଣେ ନାବାଳକଙ୍କୁ ଧରିଛି। ତାଙ୍କଠାରୁ ଦୁଇଟି ବାଇକ ଏବଂ ଗୋଟିଏ ପିକ୍ଅପ ଭ୍ୟାନ ଜବତ କରିଛି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଲାଠୋର, ୮।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିଛି। ଏହି ଘଟଣାରେ ୪ ଡକାୟତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଦୁଇଟି ବାଇକ ଏବଂ ଏକ ଭୁଜାଲି ଜବତ କରାଯାଇଛି। ସୂଚନା ଅନୁଯାୟୀ ନୂଆପଡା ଜିଲା କୋମନା ଥାନା ଅଞ୍ଚଳର ୫ଜଣ ଯୁବକ ଦୁଇଟି ବାଇକ(ନଂ.ଓଡି-୨୬-ଇ-୨୬୦୭ ଏବଂ ସିଜି-୦୬-ଜିଡି-୫୧୪୭)ରେ ଲାଠୋର ବସଷ୍ଟାଣ୍ଡଠାରେ ଡକାୟତି ଯୋଜନା କରୁଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପୋଲିସକୁ ଦେଖି ସମ୍ପୃକ୍ତ ଯୁବକମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୋଲିସ ବାସୁଦେବ ଛତ୍ରିଆ, ବେଦବର ହରପାଲ, ସୁରେଶ ମିର୍ଦ୍ଧା ଏବଂ ବବଲୁ ମାଝୀଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇ ଯାଇଥିଲେ। ତଲାସୀ କରିବାରୁ ଏକ ଭୁଜାଲି ଜବତ ହୋଇଥିଲା। ପଚରାଉଚରା ପରେ ବୁଧବାର ଲାଠୋର ଥାନାରେ ଦଫା ୨୯୯,୪୦୨ ଏବଂ ୨୫ ଆର୍ମସ ଆକ୍ଟରେ ଏକ ମାମଲା(ନଂ. ୧୨୫/୨୧) ରୁଜୁ ହୋଇଛି। ଫେରାର ଡକାୟତଙ୍କୁ ଖୋଜା ଚାଲିଛିବୋଲିଏସଆଇ ପ୍ରଣୟ ମୁର୍ମୁ କହିଛନ୍ତି।

## ରାଷ୍ଟ୍ରୀୟ ପୋଷଣ ସପ୍ତାହ ପାଳନ

ଅମରପାଲି,୮।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଛୁଣ୍ଡୀରେ ଗାଁ କଲ୍ୟାଣ ସମିତି ତରଫରୁ ରାଷ୍ଟ୍ରୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି । ଅଙ୍ଗନୱାଡି କର୍ମୀ ରଶ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ସୁର ଶୈବାଳିନି ହୋତା, ସ୍ୱାସ୍ଥ୍ୟକର୍ମୀ ସରୋଜ ସାହୁ, ଅଙ୍ଗନବାଡି କର୍ମୀ ତରଙ୍ଗିନୀ ସାହୁ, ନିବେଦିତା ମେଣ୍ଡିଲି, ସୀତା ଜଗଦଲା, ଗୀତା ସାହୁ, ସୁଦେଷ୍ଣା ମିଶ୍ର ଉପସ୍ଥିତ ଥିଲେ। ଗର୍ଭବତୀ ମାଙ୍କ ସ୍ୱାସ୍ଥ୍ୟକୁ ଆଖିଆଗରେ ରଖି ସବୁଜ ପନିପରିବା ସହ ଡାଲି, ଅଣ୍ଡା, କ୍ଷୀର ଓ ମାଛ ମାଂସ ସେବନ କରିବାକୁ ପରାମର୍ଶ ଦିଆଯାଇଥିଲା। ମମତା ଯୋଜନା, ଟିକାକରଣ ଉପରେ ସଚେତନତା ସହ ପୋଷଣରେ ବିଭିନ୍ନ ପରିବା ପ୍ରଦର୍ଶନୀ କରାଯାଇଥିଲା ଅକ୍ରୁର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଜଳି, ସୌଜନ୍ୟ, ଫାରିନ ପାଇବେ ସ୍ୱର୍ଣ୍ଣ ପଦକ



ୟୁଜି ଏବଂ ପିଜି ପରୀକ୍ଷା ଫଳ ପୁସ୍ତିକା ପ୍ରଦର୍ଶନ କରାଯାଉଛି।

ଟିଟିଲାଗଡ଼,୮।୯ (ଡି.ଏନ.ଏ.)

### ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ୟୁଜି, ପିଜି ଫଳ ପ୍ରକାଶିତ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ଟିଟିଲଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୟୁଜି(ଅଣ୍ଡର ଗ୍ରାଜୁଏଟ) ଏବଂ ପିଜି (ପୋଷ୍ଟ ଗ୍ରାଜୁଏଟ)ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଅଧକ୍ଷ ମେଜର ଡ. ମଧୁସୁଦନ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ଉମେଶ ଚନ୍ଦ୍ର ସାହୁ, ଉପନିୟନ୍ତ୍ରକ ଡ. ନନ୍ଦ କୁମାର ହୋତା ଏବଂ ଅଲକାନନ୍ଦ ମଲ୍ଲ ଏହା ଘୋଷଣା କରିଛନ୍ତି। ମୋଟ ପାସ୍ ହାର ୯୭ ପ୍ରତିଶତ ରହିଥିବା ଅଧକ୍ଷ ଡ. ମିଶ୍ର କହିଛନ୍ତି। ୟୁଜି କଳାରେ ଅଞ୍ଜଳି ଚିନାଗୁନ, ବିଜ୍ଞାନରେ ସୌଜନ୍ୟ ପଣ୍ଡା ଏବଂ ବାଣିଜ୍ୟରେ ଫାରିନ ବାନୁ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ୟୁଜି ଅର୍ଥନୀତିରେ ତନ୍ନୁ ବନଛୋର, ଶିକ୍ଷାରେ ଆଶୁତୋଷ ସାହୁ, ଇଂଲିଶରେ ପଞ୍ଚା ମହାନନ୍ଦ, ହିନ୍ଦୀ ମନିଷା ମହାନନ୍ଦ, ଇତିହାସ କଲ୍ୟାଣୀ ପାଢୀ, ଓଡିଶା ସମୀର ରଣା, ଦର୍ଶନ କଲ୍ୟାଣୀ ସାହୁ, ରାଜନୀତି ବିଜ୍ଞାନ ହିତେଶ ମିଶ୍ର, ସଂସ୍କୃତ ଅଞ୍ଜଳି ଚିନାଗୁନ, ଉଦ୍ଭିଦ ବିଜ୍ଞାନ ସ୍ୱେତାରାଣୀ ପୁରୋହିତ, ରସାୟନ ବିଜ୍ଞାନ ଜ୍ୟୋର୍ତିମୟୀ ସାହୁ, କମ୍ପ୍ୟୁଟର ସାଇନ୍ସ ଶ୍ରେୟସ ପ୍ରଧାନ, ଗଣିତ ସୌଜନ୍ୟ ପଣ୍ଡା, ପଦାର୍ଥ ବିଜ୍ଞାନ ଶାସ୍ୱତ ରାଉତରାୟ, ପ୍ରାଣୀ ବିଜ୍ଞାନ ଅଲିଭା ସାହୁ ଟପ୍ପର ହୋଇଛନ୍ତି। ସେହିପରି ପିଜି ଫଳରେ ଓଡିଆରେ ସୁଧିର ରଣା, ରାଜନୀତି ବିଜ୍ଞାନରେ ଦୀପାଞ୍ଜଳି ଧରୁଆ, ରସାୟନରେ ଅର୍ପିତା ପୁରୋହିତ ପ୍ରଥମ ଶ୍ରେଣୀ ଲାଭ କରିଛନ୍ତି।

# ଲୋଇସିଂହା ବ୍ଲକକୁ ମରୁଡ଼ି ଘୋଷଣା ଦାବି



ତହସିଲ ଅଫିସ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ।

ଲୋଇସିଂହା,୮।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ପାଇଁ ଦାବି କରିଛି କଂଗ୍ରେସ। ବୁଧବାର ବ୍ଲକ କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାର ଅଶୋକ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ସଭାପତି ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ଚାଷୀ ଅଗ୍ରେସନ ଭବନରୁ ବାହାରି ତହସିଲ ଅଫିସ ଯାଏ ଏକ ରାଲିରେ ଯାଇଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସୋମନାଥ ପଟେଲ, ବ୍ୟାସଦେବ ଥନାପତି, ଟଙ୍କଧର ଗଡତ୍ୟା, ଅଜୟ ବାଲି, ପୁଇଁତଳା ବ୍ଲକ ସଭାପତି ଉମାକାନ୍ତ ସାହୁ, ଜିଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଜିଲା ସଭାପତି ଦିଲୀପ କୁମାର ବେହେରା ବକ୍ତବ୍ୟ ରଖିଥିଲେ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଲୋଇସିଂହା ବ୍ଲକ ସମେତ ଜିଲାରେ ଭୟାବହ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ୨ ଜଣ ଚାଷୀ ଆତ୍ମହତ୍ୟା କରି ସାରିଲେଣି। ହେଲେ ଚିରାଚରିତ ଭାବେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଚାଷୀ ଆତ୍ମହତ୍ୟା ମାନିବାକୁ ନାରାଜ। ପାରିବାରିକ କଳହ କହି ଖସିଯିବାକୁ ଉଦ୍ୟମ କରୁଛନ୍ତି ବୋଲି ଜିଲା ସଭାପତି ବେହାର କହିଥିଲେ । ମରୁଡି ପରିସ୍ଥିତିକୁ ହୃଦୟଙ୍ଗମ କରି ଜିଲା ପ୍ରଶାସନ ଓ ସରକାର ଶୀଘ୍ର ପଦକ୍ଷେପ ନ ନେଲେ ଜନ ଆନ୍ଦୋଳନ ବିସ୍ଫୋରକ ହେବ ବୋଲି ସେ ଚେତାବନୀ ଦେଇଥିଲେ । ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ପ୍ରମୁଖ ଦାବିଗୁଡିକ ମଧରେ ବ୍ଲକକୁ ମରୁଡି ଘୋଷଣା, ବୀମାଭୁକ୍ତ ଚାଷୀଙ୍କୁ ୩୦ ପ୍ରତିଶତ ବୀମାରାଶି ଅଗ୍ରୀମ ପ୍ରଦାନ, ଚାଷୀଙ୍କୁ ରାଜ୍ୟ ସରକାର ୩୦ହଜାର ଓ କେନ୍ଦ୍ର ସରକାର ୫୦ହଜାର ଟଙ୍କା ସହାୟତା ପ୍ରଦାନ, କୁଶଙ୍ଗ ଜୋରର ଗୋପାଳପୁର ଓ ମାଣ୍ଡିଆପଦରଠାରେ ଚେକଡ୍ୟାମ ନିର୍ମାଣ କରିବାକୁ ଉଲ୍ଲେଖ କରାଯାଇଛି।

# ମରୁଡ଼ି ଘୋଷଣା ଦାବିରେ ତହସିଲଦାରଙ୍କୁ ଦାବିପତ୍ର




ସଚେତନ କୃଷକ ମଞ୍ଚ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

କୋକସରା,୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ସ୍ୱଳ୍ପ ବର୍ଷା ଯୋଗୁ ଚଳିତ ଖରିଫ ଧାନ ଚାଷ ପ୍ରଭାବିତ ହୋଇଛି। ବ୍ଲକର ୨୨ଟି ପଞ୍ଚାୟତ ବହୁ ଚାଷଜମିରେ ରୁଆ ବେଉଷଣ ମଧ ଆଜି ପର୍ଯ୍ୟନ୍ତ ସରିନାହିଁ। ବ୍ଲକରେ ମେଗାଲିଫ୍ଟ କେନାଲ କାର୍ଯ୍ୟକ୍ଷମ ହୋଇଥିଲେ ମଧ ଅନେକ ପଞ୍ଚାୟତ ହଜାର ହଜାର ହେକ୍ଟର ଚାଷଜମି ପରିଚାଳନା ତ୍ରୁଟି ଯୋଗୁ ପାଣି ମାଡୁନାହିଁ। କୋକସରା ବ୍ଲକକୁ ମରୁଡି ଘୋଷଣା ଦାବିରେ ବୁଧବାର କୋକସରା ସଚେତନ କୃଷକ ମଞ୍ଚ ଆବାହକ ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ମନୋଜ କୁମାର ପାଢୀଙ୍କୁ ଦେଇଛନ୍ତି। କୋକସରା ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ଓ ବିକ୍ଷୋଭ କରିବା ସହ ତହସିଲଦାରଙ୍କୁ ୧୬ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧରେ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଚାଷୀଙ୍କ ଚଳିତବର୍ଷ ସମ୍ପୂର୍ଣ୍ଣ ଋଣ ଛାଡ, ଅକ୍ଷମ ଉଠା ଜଳସେଚନ ପଏଣ୍ଟଗୁଡିକୁ କାର୍ଯ୍ୟକ୍ଷମ କରିବା, ଭାଙ୍ଗିଯାଇଥିବା କେନାଲ ବନ୍ଧ ମରାମତି, ପାଣିପମ୍ପ ଏବଂ ରବି ଫସଲ କୀଟନାଶକ ଯୋଗାଇବା, ଇନ୍ଦ୍ରାବତୀ ଉଠା ଜଳସେଚନ କେନାଲରୁ ଚାଷୀ ସୁବିଧାରେ ପାଣି ପାଇ ପାରୁନାହାନ୍ତି ତେଣୁ ଆଉଟ ପଏଣ୍ଟ ସବୁ ଉପଯୁକ୍ତ ସ୍ଥାନରେ ସ୍ଥାପନ କରିବା, ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ସମସ୍ତ ଫି' ଛାଡ କରିବା ଆଦି ରହିଛି। ଏଥିରେ ମିନକେତନ ପ୍ରଧାନୀ, ଜଗବନ୍ଧୁ ମାଝି, ଧବଳେଶ୍ୱର ନାଗ, ମନୋଜ ନାଏକ, ପଞ୍ଚ ପୋଢ଼, ତ୍ରିଭୁବନ ନାଏକ, ବିନୋଦ ରାଉତ, ସହଦେ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ରମେଶ ଦୁର୍ଗା, ଅଶୋକ ଅଗ୍ରୱାଲ, ପ୍ରହଲ୍ଲାଦ ଚଣ୍ଡିଙ୍କ ସମେତ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଖଇରମାଳ ସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକ

ଅମରପାଲି, ୮।୯(ଡି.ଏନ.ଏ.)



ମୋ ସ୍କୁଲ ଅଭିଯାନ ବୈଠକରେ ଉପସ୍ଥିତ ଶିକ୍ଷକ, ପ୍ରାକ୍ତନ ବିଦ୍ୟାର୍ଥୀ ଓ ଅନ୍ୟମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି କ୍ଲଷ୍ଟର ଖଇରମାଲ ୟୁପି ସ୍କୁଲରେ ବୁଧୁବାର ମୋ ସ୍କୁଲ ଅଭିଯାନର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଲେକଜାଣ୍ଡର ଡୁଙ୍ଗଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟର ସିଆରସିସି ଅକ୍ଷୟ ରାଏ, କେନଝିରିଆପାଲି ୟୁପି ସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ ବିଶି, ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ କେନଝିରିଆପାଲିର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ, ମୋ ସ୍କୁଲ ଅଭିଜାନ ସଭାପତି ପ୍ରଦୀପ ପଧାନ ଯୋଗ ଦେଇଥିଲେ। ଅତିଥିମାନେ ଉପସ୍ଥିତ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ଅର୍ଥଦାନ କରିବାକୁ ଅନୁରୋଧ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିଭୀଷଣ ରଣା ସ୍ୱାଗତ ଭାଷଣ, ଅଙ୍ଗନୱାଡି କର୍ମୀ ରଶ୍ମିତା ପଧାନ ଅତିଥି ପରିଚୟ କରିଥିଲେ। ଶେଷରେ ଆଶାକର୍ମୀ ପ୍ରଭାସିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଲି ଜାତୀୟ ଫସଲକୁ ପ୍ରୋତ୍ସାହିତ କରାଯିବ

ଲୋଇସିଂହା, ୮।୯(ଡି.ଏନ.ଏ.)

### ଲୋଇସିଂହା ବ୍ଲକ ମରୁଡ଼ି ସମୀକ୍ଷା ବୈଠକ

- ୫ ପଞ୍ଚାୟତର ଧାନଚାଷ ସର୍ବାଧିକ ପ୍ରଭାବିତ
- ୪୭ ଗୋଷ୍ଠୀ ଏଲଆଇ ପଏଣ୍ଟରୁ ୧୨ ଅଚଳ
- ଏମ୍ଜିଏନ୍ଆର୍ଇଜିଏସ୍ରେ କାମ ଯୋଗାଇବା ଉପରେ ଗୁରୁତ୍ୱ

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସଭାଗୃହରେ କୃଷି, କୃଷିଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ମୃତ୍ତିକା ସଂରକ୍ଷଣ, କ୍ଷୁଦ୍ର ଜଳସେଚନ, ଜଳସେଚନ ବିଭାଗ ଅଧିକାରୀଙ୍କୁ ନେଇ ମରୁଡି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବୈଷୟିକ କମିଟି କନଭେନର ତଥା ବ୍ଲକ କୃଷି ଅଧିକାରୀ ହରିହର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ରାମଚନ୍ଦ୍ର ଖାର୍ଡିଆ ଅଧ୍ୟକ୍ଷତା କରିଥିଲେ। ବ୍ଲକର ସମସ୍ତ ୨୦ ପଞ୍ଚାୟତରେ ୧୦ହଜାର ୬୬୫ହେକ୍ଟର ଅଣଧାନ ଓ ୧୦ ହଜାର ୫୫୦ହେକ୍ଟର ଧାନ ଚାଷ ପାଇଁ ଚଳିତ ଖରଫରେ ଲକ୍ଷଧାର୍ଯ୍ୟ ହୋଇଥିଲା। ହେଲେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ୩ହଜାର ଏକର ରୁଆ ଓ ୨ ହଜାର ଏକର ଚାଷଜମି ବିହୁଡା ହୋଇ ପାରିନାହିଁ। ୫ଟି ପଞ୍ଚାୟତ ସର୍ବାଧିକ ପ୍ରଭାବିତ ହୋଇଥିବା ସମୀକ୍ଷା ବୈଠକରୁ ଜଣାପଡିଛି। ବ୍ଲକରେ ୧୭ଏମଆଇ ପ୍ରକଳ୍ପ ମାଧ୍ୟମରେ ୧୪୦୯ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। ହେଲେ ସ୍ୱଳ୍ପ ବୃଷ୍ଟିପାତ ଫଳରେ ପ୍ରକଳ୍ପ ଦ୍ୱାରା ଏବେ ୬ଶହ ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇ ପାରିବ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ କହିଥିଲେ। ସେହିପରି ବ୍ଲକରେ ୫୭ ହେକ୍ଟର ଜମିରେ ଚାଷ ପାଇଁ ୪୭ଟି ଗୋଷ୍ଠୀ ଏଲଆଇ ପଏଣ୍ଟ ରହିଛି। ସେଥିରୁ ୧୨ପ୍ରକଳ୍ପ ଅଚଳ ହୋଇ ପଡିଥିବା ବିଭାଗୀୟ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ଷମ ଏଲଆଇ ପଏଣ୍ଟରୁ ୪୦ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ହୋଇ ପାରିବ ବୋଲି କୁହାଯାଇଥିଲା। ଏହାବ୍ୟତୀତ ୧୨ଶହ ଗଭୀର ନଳକୂପ ରହିଛି । ହେଲେ ବର୍ଷାଭାବ ଓ ବିଦ୍ୟୁତ୍ ସମସ୍ୟା ଯୋଗୁ ଚାଷ ବାଧାପ୍ରାପ୍ତ ହୋଇପଡିଥିବା କୁହାଯାଇଥିଲା । ମରୁଡି ମୁକାବିଲା ପାଇଁ ମାଳ ଓ ବେର୍ଣ୍ଣା ଜମିରେ ଚଳିତ ମାସ ପରେ ଡାଲି ଜାତୀୟ ଚାଷ, ଗୋ ଖାଦ୍ୟ ପାଇଁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଘାସ ଚାଷ, ମତ୍ସ୍ୟ ବିଭାଗ, ବ୍ଲକ ତରଫରୁ ଏମ୍ଜିଏନଆରଇଜିଏସ କାମ ଯୋଗାଇବା ପାଇଁ ସମୀକ୍ଷା ବୈଠକରେ ଆଲୋଚନା କରାଯାଇ ଜିଲା ପ୍ରଶାସନକୁ ବିଭିନ୍ନ ପ୍ରସ୍ତବ ଦିଆଯାଇଥିବା ବ୍ଲକ କୃଷି ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

## ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଡକାୟତି ଉଦ୍ୟମ

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖଡିଆଳ ଥାନା ଡୁଆଝରରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ବ୍ୟାଙ୍କର ତାଲା ଭାଙ୍ଗି ଭିତରକୁ ପଶି ୨ଟି ସିସିଟିଭି କ୍ୟାମରା ଭାଙ୍ଗି ଦେଇଥିବା ବେଳେ ଗୋଟିଏ କମ୍ପ୍ୟୁଟରକୁ ଭାଙ୍ଗି ହାର୍ଡଡିସକୁ ନେଇ ଯାଇଥିବା ଜଣାପଡିଛି। ଆଉ କଣ ଚୋରି ହୋଇଛି ତାହା ଜଣା ପଡିନାହିଁ। ଏ ନେଇ ଡୁଆଝରର ଏତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଭବାନୀ ଶଙ୍କର ମେହେର ବୁଧବାର ଖଡିଆଳ ଥାନାରେ ଏତଲା ଦେବା ପରେ ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ଓ ସାଇନ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଜାରି ରଖିଛି। କଣ ସବୁ ଚୋରି ହୋଇଛି ପ୍ରକୃତରେ ଜଣାପଡି ନାହିଁ, ତଦନ୍ତ ଚାଲିଛି ବୋଲି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଅତାବିରା,୮।୯(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅଧିନ କୁଡ଼ାପାଲି-ସିଆଲଖଣ୍ଡା ରାସ୍ତାରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ମୋପେଡ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିହିକିପାଲି ଗ୍ରାମର ପ୍ରଦୀପ କୁମ୍ଭାର। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ପ୍ରଦୀପ ଏକ୍ସଏଲ ମୋପେଡ୍(ଓଡ଼ି୧୭ଭି ୯୯୦୩) ଯୋଗେ ଖଲିଆପାଲି ଗ୍ରାମରୁ ଘରକୁ ଫେରୁଥିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଲର୍‌ରେ ପିଟି ହୋଇଯାଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା।

### କ୍ଷୀର ବୋଝେଇ ଟ୍ୟାଙ୍କର ଓଲଟିଲା



ଅତାବିରା,୮।୯(ଡି.ଏନ.ଏ): ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାଜ୍ୟ ରାଜପଥର ତୁରୁମ ନିକଟରେ ବୁଧବାର ଏକ କ୍ଷୀର ବୋଝେଇ ଟ୍ୟାଙ୍କର(ଓଡ଼ି୧ସିଏଫ ୦୭୧୨) ଓଲଟି ପଡ଼ିଥିଲା। ରାସ୍ତାପାର୍ଶ୍ୱରେ ରହିଥିବା ଜମିକୁ ପଶି ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରୁ ଡ୍ରାଇଭର, ହେଲପର ବର୍ତ୍ତି ଯାଇଛନ୍ତି। ବିନିକା ପଟୁ କ୍ଷୀର ସଂଗ୍ରହ କରି ଆସୁଥିବାବେଳେ ଟ୍ୟାଙ୍କରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ କରୁଛି।

### ଚୋରି ଅଭିଯୁକ୍ତ ଗିରଫ, ଟିଭି ଉଦ୍ଧାର



ଜବତ ସାମଗ୍ରୀ ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ବରଗଡ଼ ଅଫିସ୍,୮।୯:** ବରଗଡ଼ ଜିଲା ସୋହେଲା ଥାନା ପୋଲିସ ମଙ୍ଗଳବାର ଟିଭି ଚୋରି ଘଟଣାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଛେଲିଆପାଲି ଗ୍ରାମର ପୁରନ୍ଦର ଭୁଏ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା(ନଂ.୧୬୪/୨୧) ରୁଜୁ ହୋଇଛି। ଗତ ୨ତାରିଖ ସୋହେଲାର ସୁରେନ୍ଦ୍ର କରଙ୍କ ଘରୁ ଏକ ଟିଭି ଚୋରି ହୋଇଥିଲା। ସେ ଏ ନେଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ ସହିତ ଅଭିଯୁକ୍ତ ପୁରନ୍ଦରଙ୍କୁ ଗିରଫ କରିଥିଲା। ତାଙ୍କ ପାଖରୁ ଚୋରି ଟିଭି ଉଦ୍ଧାର ହେବା ସହିତ ବିଭିନ୍ନ ବ୍ୟାଙ୍କର ୧୦ଟି ଏଟିଏମ କାର୍ଡ଼, ୨ଟି ଗ୍ୟାସ ସିଲିଣ୍ଡର, ୫ଟି ମୋବାଇଲ ଫୋନ ଜବତ ହୋଇଛି ବୋଲି ପଦ୍ମପୁର ଏସଡ଼ିପିଓ ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି।

# ଶୋଷଣକୁ ନେଇ ଗର୍ଜିଲେ ଶ୍ରମିକ

**ଘେରିଲେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ**

- ଶୋଷଣର ଭିଜିଲାନ୍ସସ୍ତରୀୟ ତଦନ୍ତ କର
- ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସୁବିଧା ପ୍ରଦାନରେ ଅନିୟମିତତା
- ବଲାଙ୍ଗୀର ଜିଲାରେ ୫-ଟି କାମ କରୁ ନ ଥିବା ଅଭିଯୋଗ ଆଣିଲେ
- ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତି, ଦଲାଲ ରାଜ୍‌କୁ ନେଇ ପ୍ରଶ୍ନ କଲେ

ବଲାଙ୍ଗୀର ଅଫିସ, ୮।୯

ବଲାଙ୍ଗୀର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମିକମାନଙ୍କୁ ସୁବିଧା, ସହାୟତା ମିଳିବା ପରିବର୍ତ୍ତେ ଶୋଷଣ କରାଯାଉଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟ ସରକାର ଯୋଗାଇ ଦିଆଯାଉଥିବା ସହାୟତା ଶ୍ରମିକଙ୍କୁ ମିଳୁନାହିଁ। ଏଭଳକି ଏହି ଶ୍ରମ କାର୍ଯ୍ୟାଳୟ ଦଲାଲ ଓ ଶୋଷଣକାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଅଭିଯୋଗ କରାଯାଇଛି। ଅଲ୍ ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ୍, ଟ୍ରେଡ୍ ୟୁନିୟନ କୋ-ଅର୍ଡିନେସନ୍ ସେଣ୍ଟର ଜିଲା କମିଟି ଏବଂ ନେତାଜୀ ସଂଗ୍ରାମୀ ପରିଷଦର ମିଳିତ ଆନୁକୂଲ୍ୟରେ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ନେତାଜୀ ସଂଗ୍ରାମୀ ପରଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ଜିଲା କମିଟି ସମ୍ପାଦକ ସୁଶୀଲ କୁମାର ଥନାପତିଙ୍କ ନେତୃତ୍ୱରେ ବୁଧବାର ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ।

ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଶତାଧିକ ଶ୍ରମିକ ଏକ ରାଲିରେ ବାହାରି




ବଲାଙ୍ଗୀର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସହର ପରିକ୍ରମା ପୂର୍ବକ ଜିଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବଲାଙ୍ଗୀର ଜିଲାରେ ଯେଉଁଭଳି ଭାବେ ଶ୍ରମିକ ଶୋଷଣ ଓ ନିର୍ଯାତନା ଚାଲିଛି ସେଥିରୁ ଜିଲାରେ ୫-ଟି ବିଭାଗ କାମ କରୁନାହିଁ ବୋଲି ଅଭିଯୋଗ କରାଯାଇଥିଲା। ରାଜ୍ୟ ସରକାର ୫-ଟି ଜରିଆରେ ଲୋକଙ୍କୁ ସୁବିଧା ଯୋଗାଇବା ସହ ପ୍ରଶାସନକୁ ସ୍ୱଚ୍ଛ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁଁ ବଲାଙ୍ଗୀର ଜିଲାର ନିର୍ମାଣ ଓ ଦାଦନ ଶ୍ରମିକ ସବୁଠୁ ବେଶୀ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଥିଲେ। ଜିଲା ଶ୍ରମ ଅଧିକାରୀ ଅଧିକାଂଶ ସମୟ ଜିଲା ଅଫିସରେ ଅନୁପସ୍ଥିତ ରହୁଥିବା ଏବଂ ଫୋନ୍ କଲେ ଉଠାଉ ନ ଥିବା ଅଭିଯୋଗ କରିଥିଲେ। ତାଙ୍କ ଅନୁପସ୍ଥିତି ଯୋଗୁଁ ଶ୍ରମିକମାନେ ଘୋର ହଇରାଣ ହରକତ ହେଉଛନ୍ତି ବୋଲି ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ମହାପାତ୍ର ଅଭିଯୋଗ କରିଥିଲେ। ଜିଲାରେ ଦଶନ୍ଧି ଧରି ନିର୍ମାଣ ଓ ଦାଦନ ଶ୍ରମିକଙ୍କୁ ଯେଉଁ ଶୋଷଣ କରାଯାଉଛି ତାହାଦ୍ୱାରା ଜିଲା ତଥା ରାଜ୍ୟର ସୁନାମରେ ଆଞ୍ଚ ଆସୁଛି। ଶ୍ରମିକମାନେ ପ୍ରଦତ୍ତ ସୁବିଧା ସୁଯୋଗ ନପାଇ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ପରିଷଦ ସଭାପତି ପଟ୍ଟନାୟକ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫାର ଦାବିପତ୍ର କାର୍ଯ୍ୟାଳୟ ଜରିଆରେ ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣର ଭିଜିଲାନ୍ସ ତଦନ୍ତ କରାଯିବା, ଜିଲା ଶ୍ରମ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବା, ଶ୍ରମିକ ଶୋଷଣ ଏବଂ ଚାଲାଣକୁ ରୋକିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନ ତ୍ୱରିତ ଯୋଗାଇବା ଏବଂ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କ ଶ୍ରମିକଙ୍କ ପଞ୍ଜୀକରଣକୁ ନିୟମିତ କରାଯିବାକୁ ଦାବି କରାଯାଇଛି।

## ସ୍ୱଚ୍ଛଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ଅମରପାଲି,୮।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ସ୍ୱଚ୍ଛଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକର ୮ଟି ପଞ୍ଚାୟତ ପାଇଁ ଉର୍ଦ୍ଦିଷ୍ଟ ଏହି ବୈଠକରେ ସମସ୍ତ ଙ୍କ ଘରେ ପାଇଖାନା, ଆବର୍ଜନା କୁଣ୍ଡ,କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ସାମୁହିକ ଶୌଚାଳୟ ନିର୍ମାଣ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିପାଇଁ ୮ଟି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବାକୁ କୁହାଯାଇଛି। ଏଥିପାଇଁ ପଞ୍ଚାୟତରେ ଥିବା ବିଭିନ୍ନ ପାଣ୍ଠିରୁ ଏହା କରାଯାଇ ପାରିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଆରସି ଖେଳାନିଧି ପ୍ରଧାନ, ପିତାମହୁଲ ସରପଞ୍ଚ ସରୋଜ କୁମାର ବାରିକ,ଚ ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ହିଲୁଙ୍ଗ ସରପଞ୍ଚ ଅଶୋକ କୁମାର ମହାକୁଡ଼, ଚମ୍ପାମାଳ ସରପଞ୍ଚ ରେବତୀ ରାଉତ, ମୁର୍ଷୁଣ୍ଡୀ ସରପଞ୍ଚ ରିନାପୁଟା, କମିରା ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଲୁଡୁରପଙ୍କ ସରପଞ୍ଚ ସୁଜାତା ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, ପିଇଓ, ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ। ଶେଷରେ ମାଷ୍ଟର ଟ୍ରେନର ବ୍ୟାସଦେବ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାବର୍ ଧାର୍‌ର ଧାରାବାହିକର ପ୍ରମୋ ଭିଡିଓ ଉନ୍ମୋଚିତ

ବଲାଙ୍ଗୀର ଅଫିସ, ୮।୯

ପଶ୍ଚିମ ଓଡିଶାର ପର୍ବପର୍ବାଣୀ, ସଂସ୍କୃତି ଓ ସ୍ୱାଭିମାନକୁ ନେଇ ମୁହୁରୀ ପ୍ରଡକ୍ସନ ପକ୍ଷରୁ ପ୍ରସ୍ତୁତ ପ୍ରଥମ ୟୁଟ୍ୟୁବ୍ ଧାରାବାହିକ ଭାବର୍ ଧାର୍‌ର ପ୍ରମୋ ଭିଡିଓ ବୁଧବାର ଉନ୍ମୋଚିତ ହୋଇଯାଇଛି। ଆସନ୍ତା ୧୦ ତାରିଖ ଏହି ଧାରାବାହିକ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି। ପଶ୍ଚିମ ଓଡିଶାରେ ପ୍ରଥମ ଥର ପାଇଁ ଆଞ୍ଚଳିକ ଭାଷାରେ ପ୍ରସ୍ତୁତ ଏହି ଧାରାବାହିକ ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନ ଯୋଗାଇବ ବୋଲି ଆଶା କରାଯାଉଛି। ପଶ୍ଚିମ ଓଡିଶାର ପାରମ୍ପରିକ ପର୍ବପର୍ବାଣୀ ଓ ସଂସ୍କୃତିକୁ ଏହି ଧାରାବାହିକ ଜରିଆରେ ନୂଆ ପିଢ଼ିଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି ବୋଲି ସୂଚନା ଦିଆଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଏହି



ଧାରାବାହିକ ଭାବର୍ ଧାର୍‌ର ପ୍ରମୋ ଭିଡିଓ ଉନ୍ମୋଚନ ଅବସରରେ ମଞ୍ଚାସୀନ କଳାକାର, ନିର୍ଦ୍ଦେଶକ, ପ୍ରାୟୋଜକ।

ପ୍ରମୋ କାର୍ଯ୍ୟକ୍ରମରେ ଧାରାବାହିକର ନିର୍ଦ୍ଦେଶକ ଗୋପାଳ ପ୍ରଧାନ ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ କଳାକାର ସତ୍ୟନାରାୟଣ ବେହେରା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କଳାକାର ଅଖିଳ ଚନ୍ଦ୍ର ହୋତା, ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀ, ହିମାଂଶୁ ଭୂଷଣ ପଣ୍ଡା ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଧାରାବାହିକର ଅନ୍ୟ କଳାକାରମାନେ ସେମାନଙ୍କ ସୁଟିଂ ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଧାରାବାହିକର ସମ୍ପାଦନା କରୁଥିବା ପ୍ରଶାନ୍ତ କୁମାର ବେହେରା ନିଜ ସୁଚିନ୍ତିତ ଉପଲବ୍ଧି ପ୍ରକାଶ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗ: ୩ ଗିରଫ

ଜୁନାଗଡ,୮।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ବୁଧବାର ଗ୍ୟାସ ସିଲିଣ୍ଡର ଚୋରିକରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜୁନାଗଡ ସହରର ରୁଗଧର ଶବର, ବ୍ରଜମୋହନ ଶବର। ଚୋରି ସିଲିଣ୍ଡର କିଣିଥିବା ଅଭିଯୋଗରେ ରାହୁଲ ଗୋୟଲଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ରାତିରେ ଜୁନାଗଡ ସହର ହିଙ୍ଗଳିବାହାଲିସ୍ଥିତ ପ୍ରକାଶ ନିଆଲଙ୍କୁ ଘରୁ ରୁଗଧର ଓ ବ୍ରଜମୋହନ ଗ୍ୟାସ ସିଲିଣ୍ଡର ଚୋରି କରିବାକୁ ଯାଇଥିଲେ। ସେମାନେ ୨ଟି ଗ୍ୟାସ ସିଲିଣ୍ଡର ଚୋରି କରିବା ପରେ ୩ ନମ୍ବର ଚୋରି କରୁଥିବାବେଳେ ମାଲିକ ଏବଂ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୦୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

## ନର୍ଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର



ମରୁଡ଼ି ଘୋଷଣା ଦାବିରେ ଭାଜପାର ଶୋଭାଯାତ୍ରା।

ନର୍ଲା,୮।୯(ଡି.ଏନ.ଏ.)

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ଶହ ଶହ ହେକ୍ଟର ଜମି ପଡିଆ ପଡ଼ି ସେଠାରେ ଗାଈଗୋରୁ ଚରୁଛନ୍ତି। ଅଳ୍ପ କେତେକ ଜମିରେ ଡେରିରେ ତଳି ରୋପଣ ଓ ବେଉଷଣ ହୋଇଛି। ତାହା ବି ଫସଲ ଆଉ ଭଲ ନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏସବୁ ଦୃଷ୍ଟିରୁ ନର୍ଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ଭାଜପା ପକ୍ଷରୁ ଦାବି କରି ବୁଧବାର ବିଡିଓ ଏବଂ ତହସିଲଦାରଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ନର୍ଲା ଚାରିଛକରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନର୍ଲା ମଣ୍ଡଳ ଭାଜପା ସଭାପତି ପଦ୍ମଲୋଚନ ଜାଲଙ୍କ ନେତୃତ୍ୱରେ ଜିଲା କୃଷକ ମୋର୍ଚ୍ଚା ସଭାପତି ବସନ୍ତ କୁମାର ପୁରୋହିତ, ଜିଲା ଉପସଭାପତି ଅନିରୁଦ୍ଧ ପଧାନ, ନର୍ଲା ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକ, କୃଷକ ମୋର୍ଚ୍ଚା ଜିଲା ଉପସଭାପତି ତପନ ପଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁଚରଣ ବଡପଣ୍ଡା, ଜିଲା ଏସଟି ମୋର୍ଚ୍ଚା ଉପସଭାପତି ସୁରେଶ ଭୋଇ, ନର୍ଲା ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ପୁଟେଲ, ରୁପ୍ରା ମଣ୍ଡଳ ପ୍ରଭାରୀ ସରୋଜ ବୁଦ୍ଧିଆ, ଜିତେନ୍ଦ୍ର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

**ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଞ୍ଜିନିୟର୍ସ ଏକତା ମଞ୍ଚର ଚେତାବନୀ**

## ଦାବି ପୂରଣ ନ ହେଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୮।୯

ବରଗଡ଼ରେ ବୁଧବାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ଶ୍ରମିକ କର୍ମଚାରୀ ଇଞ୍ଜିନିୟର୍ସ ଏକତା ମଞ୍ଚର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଶ୍ରମିକ, କର୍ମଚାରୀ, ଇଞ୍ଜିନିୟର୍ସମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଉଟସୋର୍ସିଂ କର୍ମଚାରୀଙ୍କୁ ତୁରନ୍ତ ନିୟମିତ କରାଯିବା, ପଦୋନ୍ନତି ସମସ୍ୟାର ସମାଧାନ ଆଦି ଦାବି ନେଇ ମଞ୍ଚ ପକ୍ଷରୁ ବିଭିନ୍ନ ବାରମ୍ବାର



ସମ୍ମିଳନୀରେ ବିଦ୍ୟୁତ ଶ୍ରମିକ କର୍ମଚାରୀ ଇଞ୍ଜିନିୟର୍ସ ଏକତା ମଞ୍ଚର ସଭ୍ୟବୃନ୍ଦ।

ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନଥିବା ଯୋଗୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ମଞ୍ଚ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ତଥା ଆବାହକ ଲଳିତ କୁମାର ପଟ୍ଟନାୟକ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ, ପଦ୍ମନାଭ ପାଢ଼ୀ, ଶଙ୍କର ବେହେରା, ହୀରା ଜିଟିଡି ୱାର୍କର୍ସ ୟୁନିଅନର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ଉପଦେଷ୍ଟା ଉର୍କୁଲୁ ତାଣ୍ଡି, ସହ ସାଧାରଣ ସମ୍ପାଦକ ଅତୀଶ ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରଫୁଲ ମହାନା, ଡିଭିଜନାଲ ସମ୍ପାଦକ ମଣ୍ଟୁ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ସଭ୍ୟ ଏଥିରେ ଯୋଗ ଦେଇଥିଲେ।

## ଯୁବ ସମ୍ବଳ କେନ୍ଦ୍ର ପକ୍ଷରୁ କ୍ୟାରିୟର କାଉନସେଲିଂ

ନୂଆପଡ଼ା ଅଫିସ,୮।୯

ନୂଆପଡା ମହାମାୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ସମ୍ବଳ କେନ୍ଦ୍ର ଓ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ଯୁକ୍ତ ୨ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ସମ୍ବଳ ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମହାମାୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସମରେନ୍ଦ୍ର ନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟକ୍ତିତ୍ୱ ବିକାଶ ଏବଂ ନିଜର ଯୋଗାଯୋଗ ଶୈଳୀ କିପରି ଭାବେ ଯବତୀଯୁବକମାନେ ବୃଦ୍ଧି କରି ପାରିବେ। ଏକ ବ୍ୟକ୍ତିର ବ୍ୟକ୍ତିତ୍ୱ କିପରି ରହିବା ଦରକାର, କିପରି ଭାବେ ଯୁବତୀଯୁବକମାନେ ନିଜର ପାଠପଢା ସହ ବ୍ୟକ୍ତିତ୍ୱ ବିକାଶ ଓ ଯୋଗାଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦେବେ ସେହି ଉପରେ ବୁଝାଯାଇଛି। ନେହେରୁ ଯୁବ କେନ୍ଦ୍ର ପରିଚାଳନା କରିଥିବା ବେଳେ ରାଷ୍ଟ୍ରୀୟ ଯୁବ ସେଚ୍ଛାସେବୀ ତାପସଦତ ସାହୁ, କ୍ଷୀର ସାଗର ବରିହା, ବିଶାଖା ହରିଜନ ପ୍ରମୁଖ ସହଯୋଗ କରିଥିଲେ।



କ୍ୟାରିୟର କାଉନସେଲିଂରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## କାମକୁ ଆସୁନି ପାସ୍‌ବୁକ୍ ଅପ୍‌ଡେଟ୍ ମେଶିନ

ମ.ରାମପୁର,୮।୯(ଡି.ଏନ.ଏ.)

**ମ.ରାମପୁର ଷ୍ଟେଟବ୍ୟାଙ୍କରେ ଅବ୍ୟବସ୍ଥା**

କଳାହାଣ୍ଡି ଜିଲା ମ.ରାମପୁରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଦୀର୍ଘ ଦିନ ହେବ ଅବ୍ୟବସ୍ଥାରେ ଚାଲିଛି। ଏଠାରେ ଥିବା ପାସ୍‌ବୁକ ଅପ୍‌ଡେଟ ମେଶିନ୍ ଦୀର୍ଘ ମାସ ଧରି କାମ କରୁନାହିଁ। କରୋନା ଦ୍ୱାହିଦେଇ ଦେଢବର୍ଷ ହେଲା ଲୋକେ ହଇରାଣ ହେଉଥିବା ବେଳେ ସମ୍ପ୍ରତି କରୋନା କଟକଣା ଉଠିବା ପରେ ମଧ୍ୟ ଜମାବହି ଅପ୍‌ଡେଟ ମେଶିନ୍ ସଜଡ଼ା ଯାଇନାହିଁ। ଫଳରେ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଇନ୍‌କମ୍ ଟ୍ୟାକ୍ସ ରିଟର୍ନ୍ ଫାଇଲ କରୁଥିବା ଉପଭୋକ୍ତା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବ୍ୟାଙ୍କ ମଧ୍ୟରେ ନୋଟିସ୍ ବୋର୍ଡ, ଅଭିଯୋଗ ବାକ୍ସ ଆଦି ଦୀର୍ଘ ୪ ମାସ ହେବ ବାହାର କରାଯାଇଥିଲେ ମଧ୍ୟ ଉପଯୁକ୍ତ ସ୍ଥାନରେ ରଖାଯାଇନାହିଁ। ସେହିଭଳି ସୂଚନାବୋର୍ଡ ମଧ ଟଙ୍ଗା ଯାଇନାହିଁ। ଫଳରେ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟାଙ୍କ କୋଠା ସମ୍ମୁଖରେ ସାମୁହିକ ଭାବେ ଟେଣ୍ଟ ଲଗାଯାଇଥିଲେ ମଧ୍ୟ ତାହା ଏବେ ଚିରି ଯାଇଛି। ଫଳରେ ଉପଭୋକ୍ତାମାନେ ଖରାରେ ଛିଡା ହେଉଛନ୍ତି। ବିଶେଷ ଭାବେ ବରିଷ୍ଠନାଗରିକମାନେ ଅସୁବିଧା ଭୋଗୁଛନ୍ତି। ଉପଭୋକ୍ତାଙ୍କ ଅନୁପାତରେ କୋଠା ଚତୁଃପାର୍ଶ୍ୱ ଛୋଟ ହୋଇଥିବା ବେଳେ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ଷ୍ଟେଟବ୍ୟାଙ୍କକୁ ଆସୁଥିବା ଉପଭୋକ୍ତାମାନେ ମୁଖ୍ୟ ସଡକ ଦୁଇପାର୍ଶ୍ୱରେ ଯାନବାହନ ରଖୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ବ୍ୟାଙ୍କ ଶାଖା ପରିଚାଳକ ମାନଭନ ସ୍ୱାଇଁ କହନ୍ତି ଯେ, କୋଠା ମରାମତି ଯୋଗୁ କେତେକାଂଶରେ ଅସୁବିଧା ସୃଷ୍ଟି ହୋଇଛି। ତଥାପି ଦୁଇ ତିନ ଦିନ ଭିତରେ ପାଶବହି ଛପା ମେଶିନ୍ ଠିକ୍ ହେବା ସହିତ ଅନ୍ୟ ଅସୁବିଧା ସଜଡ଼ାଯିବ।






ସୂଚନା ଫଳକ ଓ ଅଭିଯୋଗ ବାକ୍ସ ଟେବୁଲ ତଳେ ରହିଛି(ବାମ), ବ୍ୟାଙ୍କ ସମ୍ମୁଖରେ ଉପଭୋକ୍ତାମାନେ ଖରାରେ ଲାଇନ୍‌ରେ ଛିଡ଼ା ହୋଇଛନ୍ତି।